

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୩୦ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 30 APRIL 2023

Vol.No. 34 ■ No. 113 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ସମ୍ବଲପୁର ହନୁମାନ ଜୟନ୍ତୀ ହିଂସା ଘଟଣାରେ ଆଗୁଆ ସତର୍କ କରିଥିଲା ଗୁଇନ୍ଦା ବିଭାଗ

ସମ୍ବଲପୁର, ୨୯/୦୪: ସମ୍ବଲପୁର ହନୁମାନ ଜୟନ୍ତୀ ହିଂସା ଘଟଣା । ହିଂସା ନେଇ ଏସପିଙ୍କୁ ଆଗୁଆ ସତର୍କ କରିଥିଲା ଗୁଇନ୍ଦା ବିଭାଗ । ସମ୍ବଲପୁର ଜିଲ୍ଲା ଏସପିଙ୍କୁ ଚିଠି ଲେଖି ସତର୍କ ରହିବାକୁ ସୂଚନା ଦେଇଥିଲେ ଗୁଇନ୍ଦା ଏସପି । ସେହି ସମୟର ଚିଠି ଏବେ ସାମ୍ନାକୁ ଆସିଛି । ୧୨ ଏପ୍ରିଲରେ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ବିଶେଷ କରି ବଜରଙ୍ଗ ଦଳର ସଦସ୍ୟ ବିଶାଳ ବାଇକ୍ ରାଲି କରିବା ନେଇ ଚିଠିରେ ଉଲ୍ଲେଖ ରହିଛି । ଏହି ରାଲି ସମୟରେ ସାମ୍ପ୍ରଦାୟିକ ସଦଭାବ ବିଗିଡିପାରେ ବୋଲି ଚିଠିରେ ଉଲ୍ଲେଖ ରହିଛି । ତେବେ ଚିଠିରେ ଲେଖାଯାଇଛି ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ବାଇକ୍ ରାଲି ମୁସଲମାନ ପ୍ରବଣ ଏରିଆ ଦେଇ ଗତି କରିବ । ଏହି ସମୟରେ ଜୟ ଶ୍ରୀରାମ, ଜୟ ହନୁମାନ ଭଳି ସ୍ଲୋଗାନ୍ ଦେବା ସହ ଅଣ ହିନ୍ଦୁ ଯଦି କିଛି ସ୍ଲୋଗାନ ଦିଅନ୍ତି, ତାହାଲେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି କରି ପାରନ୍ତି ବୋଲି ସତର୍କ କରାଯାଇଥିଲା ।



### ସମ୍ବଲପୁର ହିଂସା ଘଟଣାର ଅନୁଧ୍ୟାନ ପାଇଁ ମେ ୧ରେ ଓଡିଶା ଆସିବ ବିଜେପି ଟିମ୍

ଭୁବନେଶ୍ୱର, ୨୯/୦୪ : ନି.ପ୍ର) ସମ୍ବଲପୁର ହନୁମାନ ଜୟନ୍ତୀ ହିଂସାର ଅନୁଧାନ ପାଇଁ ଆସନ୍ତା ମେ ୧ ତାରିଖରେ ବିଜେପିର କେନ୍ଦ୍ରୀୟ ଅନୁଧାନ କମିଟି ସମ୍ବଲପୁର ଗସ୍ତରେ ଆସିବେ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଶନିବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଉତର ପ୍ରଦେଶର ରାଜ୍ୟସଭା ସାଂସଦ ବ୍ରଜଲାଲଙ୍କ ନେତୃତ୍ୱରେ ଗଠିତ ୪ ଜଣିଆ କମିଟି ୧ ତାରିଖରେ ଓଡିଶାରେ ପହଂଚି ୨ ତାରିଖରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧାନ କରିବ। ଏହାସହ ସେମାନେ ହଂସାରେ ମୃତ ଚନ୍ଦ୍ରମଣି ମିର୍ଦ୍ଧାଙ୍କ ଘରକୁ ଯାଇ ମଧ ପରିବାର ଲୋକଙ୍କ ଆଲୋଚନା କରିବେ। ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ଘଟିଥିବା ହିଂସାକାଣ୍ଡର ଅନୁଧ୍ୟାନ ପାଇଁ ବିଜେପି ଜାତୀୟ ସଭାପତି ଜେ.ପି ନଡ୍ଡା ଗତକାଲି ୪ ଜଣିଆ ଯାଂଚ ଟିମ୍ ଗଠନ କରିଥିଲେ। ଉକ୍ତ କମିଟିରେ ଉତର ପ୍ରଦେଶର ରାଜ୍ୟସଭା ସାଂସଦ ବ୍ରଜଲାଲ, ଝାଡ଼ଖଣ୍ଡ ରାଜ୍ୟସଭା ସାଂସଦ ସମୀର ଓରାଓଁ ଓ ଆଦିତ୍ୟ ସାହୁ ଏବଂ ପଶ୍ଚିମବଙ୍ଗ ପୁରୁଲିଆ ସାଂସଦ ଜ୍ୟୋତିର୍ମୟ ସିଂ ମହତୋ ସଦସ୍ୟ ରହିଛନ୍ତି। ଏହି କମିଟି ଘଟଣାସ୍ଥଳକୁ ଯାଇ ଯାଂଚ କରି ସଭାପତିଙ୍କୁ ରିପୋର୍ଟ ଦେବ।

## ମେ’ ମାସ ଦ୍ୱିତୀୟ ସପ୍ତାହରେ ଲଘୁଚାପ ଆଶଙ୍କା

### ବାତ୍ୟା ରୂପ ନେବ କି ନାହିଁ ହୋଇନି ସ୍ପଷ୍ଟ : ଆଇଏମଡି ଡିଜି

ଭୁବନେଶ୍ୱର, ୨୯/୦୪ (ନି.ପ୍ର): ମେ ଦ୍ୱିତୀୟ ସପ୍ତାହରେ ଓଡିଶାରେ ଲଘୁଚାପ ଆଶଙ୍କା । ଦକ୍ଷିଣ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ତେବେ ଲଘୁଚାପଟି ବାତ୍ୟାର ରୂପ ନେବ କି ନାହିଁ ତାହା ଏବେ ସ୍ପଷ୍ଟ ହୋଇନାହିଁ । ଗତ କିଛି ବର୍ଷ ହେବା ଲଗାତାର ଭାବେ ମେ’ ମାସରେ ଲଘୁଚାପ ଆସୁଥିବାରୁ ପାଣିପାଗ ବିଭାଗର ଆକଳନ ଏବେ ଚିନ୍ତାର କାରଣ ହୋଇଛି । ମେ’ ମାସ ଦ୍ୱିତୀୟ ସପ୍ତାହରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଓ ଆଣ୍ଡାମାନ ସାଗର ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ଥିବା ଆକଳନ କରିଛି ଭାରତୀୟ ପାଣିପାଗ ବିଭାଗ । ତେବେ ଲଘୁଚାପଟି ବାତ୍ୟାର ରୂପ ନେବ କି ନାହିଁ ତାହା ଏବେ ସ୍ପଷ୍ଟ ହୋଇନାହିଁ । ଆଇଏମଡି ଡିଜି ମୃତ୍ୟୁଞ୍ଜୟ



ମହାପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି, ମେ’ ମାସ ଦ୍ୱିତୀୟ ସପ୍ତାହରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । କେବଳ ଅବପାତ ସୃଷ୍ଟି ହେବା ନେଇ ଆକଳନ କରାଯାଉଛି । ବାତ୍ୟା ହେବ କି ନାହିଁ ସ୍ପଷ୍ଟ ହୋଇନାହିଁ । ଗତ କିଛି ବର୍ଷ ହେବା ଲଗାତାର ଭାବେ ମେ’ ମାସରେ ଲଘୁଚାପ ଆସୁଥିବାରୁ ପାଣିପାଗ ବିଭାଗର ଆକଳନ ଏବେ ଚିନ୍ତାର କାରଣ ହୋଇଛି । ଆଶ୍ୱସ୍ତିର କଥା ହେଉଛି, ଯଦି ବାତ୍ୟା ହେବ ଓଡିଶା ଉପରେ ପ୍ରଭାବ ପଡ଼ିବା ସମ୍ଭାବନା କମ ବୋଲି ପୂର୍ବାନୁମାନ କରାଯାଇଛି । ଏପଟେ ମେ’ ମାସର ଯଦି କୌଣସି ବାତ୍ୟା ଆସେ, ତାର କିପରି ମୁକାବିଲା କରାଯିବ ସେଥିପାଇଁ, ରାଜ୍ୟ ସରକାର ନିକଟରେ ଏକ ପ୍ରସ୍ତୁତି ବୈଠକ କରିଥିଲେ । ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

## ତାନ୍ତ୍ରିକ ମୌଲାନା କୈଫିର ଆକାଉଣ୍ଟ ହେବ ଯାଞ୍ଚ : ମଙ୍ଗଳାବାଗ ଥାନାରେ ୩ଟି ମାମଲା ରୁଜୁ

କଟକ, ୨୯/୦୪: (ନି.ପ୍ର) ତାନ୍ତ୍ରିକ କୈଫିର ଆକାଉଣ୍ଟ ହେବ ଯାଞ୍ଚ । ଏ ନେଇ ଡିସିପି ସୂଚନା ଦେଇଛନ୍ତି । କୈଫି ନାଁରେ ମଙ୍ଗଳାବାଗ ଥାନାରେ ୩ଟି ମାମଲା ରୁଜୁ ହୋଇଛି । ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବାକୁ ଯୋଜନା ରହିଛି । ଚମତ୍କାରିତା ଦେଖାଇବାକୁ କହି, ଭଦ୍ରକର ଜଣେ ମହିଳାଙ୍କୁ ୫ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ। ଏନେଇ ମହିଳା ଜଣଙ୍କ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବାକୁ ଆସିଥିବା ସୂଚନା ମିଳିଛି । ଠକ କୈଫ ଖାଁ ମଂଗଳାବାଗ ରାଣୀହାଟ ଅଞ୍ଚଳର ଶର୍ମିଳା ସେନ ନାମଙ୍କ ଜଣେ ମହିଳାଙ୍କୁ ୬୨ଲକ୍ଷ ଟଙ୍କା ଠକିଥିବା ଅଭିଯୋଗ ପରେ, ତାଙ୍କୁ ଗିରଫ କରିଛି ମଙ୍ଗଳାବାଗ ଥାନା ପୋଲିସ । ମୌଲାନା କୈଫ କେଶରପୁର ଅଞ୍ଚଳର । ଏଥିସହ ତାଙ୍କ ନିକଟରୁ ପୁଲିସ ୫୫ ଲକ୍ଷ ୭୬ ହଜାର ଟଙ୍କାର ସମ୍ପତି ଜବତ କରିଛି । ପୋଲିସର ସୂଚନା ଅନୁସାରେ, ଶର୍ମିଳାଙ୍କ ପୁରୁଣା କୋଠାରେ କିଛି ନକରାତ୍ମକ ଶକ୍ତିର ଉପସ୍ଥିତ ଥିବା ଅନୁଭବ କରି, ତାନ୍ତ୍ରିକ କୈଫଙ୍କୁ ଯୋଗାଯୋଗ କରିଥିଲେ । ତାପରେ ତାନ୍ତ୍ରିକ କୈଫ ଖାଁ ଶର୍ମିଳାଙ୍କ ଘରକୁ ଆସିଥିଲେ । ଘର ବୁଲି ଦେଖିବା ପରେ, ଭିତରେ ଏକ ସ୍ପିରିଟ ଥିବାରୁ ଏଭଳି ଘଟୁଥିବା କହିଥିଲେ । ଘର ଭିତରେ କିଛି ବସ୍ତୁ ପୋତି ହୋଇ ରହିଥିବା କହିଥିଲେ । ତାପରେ ଘର ଭିତର ଖୋଳିବା ଆରମ୍ଭ ହୋଇଥିଲା । ଖୋଳିବା ପରେ, ମାଟି ତଳୁ କିଛି ବସ୍ତୁ ବି ବାହାରିଥିଲା । ଆଉ ସେହି ସବୁ ବସ୍ତୁ ମୂଲ୍ୟବାନ କହିବା ସହ ଶୁଦ୍ଧି କରିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ୬୨ଲକ୍ଷ ଟଙ୍କା ନେଇ ଯାଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ କୈଫଙ୍କୁ ଗିରଫ କରି ପଚରାଉଚୁରା କରିବା ପରେ ସତ ପଦାକୁ ଆସିଛି । ଏଥିସହ ପୋଲିସ ଅଭିଯୁକ୍ତର ଦୁଇଟି କାର, ବୁଲେଟ୍ ସମେତ ପ୍ରାୟ ୫୬ଲକ୍ଷ ଟଙ୍କାର ସମ୍ପତି ଜବତ କରିଛି ।



## କେନ୍ଦ୍ର ଜିଏସଟି ପରେ ରାଜ୍ୟ ଜିଏସଟିର ଚଢ଼ାଉ

ଭୁବନେଶ୍ୱର, ୨୯/୦୪ (ନି.ପ୍ର): କେନ୍ଦ୍ରର ଜିଏସଟି ବନାମ ରାଜ୍ୟର ଜିଏସଟି । କେନ୍ଦ୍ର ଓ ରାଜ୍ୟର ଜିଏସଟି ଚଢାଉକୁ ନେଇ ଏବେ ସବୁଆଡେ ଚର୍ଚ୍ଚା । ଯାଜପୁର ଧର୍ମଶାଳାରେ କେନ୍ଦ୍ର ଜିଏସଟି ଚଢାଉ କରିଥିବାବେଳେ, ତାଳଚେରର କୋଇଲା ବ୍ୟବସାୟୀଙ୍କ ଘରେ ରାଜ୍ୟ ଜିଏସଟିର ଚଢାଉ ହୋଇଛି । ଯାହାକୁ ନେଇ ତେଜିବାରେ ଲାଗିଛି ରାଜନୀତି । କେନ୍ଦ୍ର ଓ ରାଜ୍ୟ ଜିଏସଟି ଚଢାଉକୁ ନେଇ ଏବେ ସାରା ରାଜ୍ୟରେ ଚର୍ଚ୍ଚା । ଯାଜପୁରର ଧର୍ମଶାଳାରେ କେନ୍ଦ୍ର ଜିଏସଟି ଚଢାଉ ପରେ ସକ୍ରିୟ ହୋଇଛି ରାଜ୍ୟ ଜିଏସଟି । ତାଳଚେରର କୋଇଲା ବ୍ୟବସାୟୀ ତଥା ଦୁଇଭାଇ ମହେନ୍ଦ୍ର ବେହେରା ଓ ରାଜେନ୍ଦ୍ର ବେହେରାଙ୍କ ଘର ଓ ଅଫିସ ଉପରେ ଚଢାଉ ହୋଇଛି । ତାଳଚେର ସମେତ ଭୁବନେଶ୍ୱର ଓ ଢେଙ୍କାନାଳରେ ଥିବା ଘର, ବ୍ୟବସାୟିକ ପ୍ରତିଷ୍ଠାନ ଓ ଅଫିସରେ ହୋଇଛି ଏହି ରେଡ୍ । ମା ହିଙ୍ଗୁଳା ଟ୍ରାନ୍ସପୋର୍ଟ ଓ ହିଙ୍ଗୁଳା ଟ୍ରେଡର୍ସରେ ୨୫ ଜଣିଆ ଜିଏସଟି ଟିମ ରେଡ କରିଛି । ମହେନ୍ଦ୍ରଙ୍କ ଆୟ ଓ ଜିଏସଟି ତଥ୍ୟରେ ତାଳମେଳ ରହୁନଥିବାରୁ ଏଭଳି ରେଡ କରିଛି ରାଜ୍ୟ ଜିଏସଟି । ଢେଙ୍କାନାଳ ଓ ତାଳଚେରରେ ଥିବା ମହେନ୍ଦ୍ରଙ୍କ ୪ଟି ବ୍ୟବସାୟିକ ପ୍ରତିଷ୍ଠାନରେ ଚଢାଉ ହୋଇଛି । ଏଥିମଧ୍ୟରେ ରହିଛି ହାଣ୍ଡିଧୁଆ ଛକରେ ଥିବା ଏକ କ୍ରସର । ପ୍ରାଥମିକ ଆକଳନ ଅନୁସାରେ, ପ୍ରାୟ ୬୦ କୋଟିରୁ ଅଧିକ ଟଙ୍କାର ହେରଫେର ହୋଇଥିବା ଅଧିକାରୀ କହିଛନ୍ତି । ସେପଟେ ଚଢାଉର ଜବାବ

▶▶ପୃଷ୍ଠା ୭

## ଜାମ୍ମୁ-କାଶ୍ମୀରରେ ରାସ୍ତାକଡକୁ ଖସିପଡିଲା ସେନାର ଆମ୍ବୁଲାନ୍ସ

### ୨ ଯବାନ ମୃତ, ୩ ଗୁରୁତର

ନୂଆଦିଲ୍ଲୀ, ୨୯/୦୪: ଜାମ୍ମୁ-କାଶ୍ମୀର ରାଜୋରୀ ଠାରେ ସେନାର ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ରାସ୍ତାକଡକୁ ଖସିପଡିବାରୁ ୨ଜଣ ଯବାନଙ୍କର ମୃତ୍ୟୁ ହୋଇଛି । ଏହାସହ ୩ଜଣ ଯବାନ ଗୁରୁତର ହୋଇଥିବା କଥା ସୂଚନା ମିଳିଛି । ସୂଚନା ପାଇବା ପରେ ଦମକଳବାହିନୀ ପହଂଚି ମୃତ ଓ ଆହତ ଯବାନଙ୍କୁ ଖାଲ ଭିତରୁ ବାହାର କରିଛନ୍ତି । ଏହାସହ ଗୁରୁତର ହୋଇଥିବା ୩ଜଣ ଯବାନଙ୍କୁ ମେଡିକାଲ ପଠାଇଛନ୍ତି । ଗଣମାଧ୍ୟମର ରିପୋର୍ଟ ମୁତାବକ ଏହି ଦୁର୍ଘଟଣା ଏଲଓସି ନିକଟରେ ଥିବା ଫେରି ସେକ୍ଟର ଠାରେ ଘଟିଛି । ଦୁର୍ଘଟଣାରେ ଜୀବନ ହରାଇଥିବା



ଦୁଇଜଣ ଯବାନଙ୍କ ପରିଚୟ ମିଳିଛି । ସେମାନେ ହେଲେ ବିହାରର ସୁଧିର କୁମାର ଓ ରାଜୋରୀର ପରମବୀର ଶର୍ମା । ସୂଚନା ଥାଉକି, ଗତବର୍ଷ ଡିସେମ୍ବର ମାସରେ ମଧ ସିକ୍କିମ ଠାରେ ସମାନ ଧରଣର ଦୁର୍ଘଟଣା ହୋଇଥିଲା ଜେମା ଠାରେ ସେନାର ଏକ ଟ୍ରକ ରାସ୍ତାତଳକୁ ଖସିପଡିବାରୁ ୧୬ଜଣ ଯବାନ ସହିଦ ହୋଇଥିଲେ ।

## ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ : ପ୍ରିୟଙ୍କା ରାଜ୍ୟ ଟପ୍ପର

ଭୁବନେଶ୍ୱର, ୨୯/୦୪ (ନି.ପ୍ର): ଜେଇଇ ମେନର ସେସନ-୨ ଫଳ ଶନିବାର ପ୍ରକାଶ ପାଇଛି। ଟପ୍ ରାଙ୍କର ୨.୫ ଲକ୍ଷ ପରୀକ୍ଷାର୍ଥୀ ଜେଇଇ (ଆଡ୍‌ଭାନ୍ସଡ୍)କୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ୯୯.୯୮ ପ୍ରତିଶତ ସହ ପ୍ରିୟଙ୍କା ସର ଓଡ଼ିଶା ଟପ୍ପର ହୋଇଛନ୍ତି। ଚଳିତ ଥର ୪୩ ଜଣ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ନମ୍ବର ରଖିଛନ୍ତି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଏନଟିଏ ପକ୍ଷରୁ ପରିଚାଳିତ ଜେଇଇ (ମେନ୍) ୨୦୨୩ ସେସନ-୨ ପାଇଁ ଏପ୍ରିଲ ୬ରୁ ୧୫ ତାରିଖ ଯାଏଁ ପରୀକ୍ଷା ଚାଲିଥିଲା। ଚଳିତ ବର୍ଷ ଦେଶର ପ୍ରାୟ ୯ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଓଡ଼ିଆ ସମେତ ୧୩ଟି ଭାଷାରେ ଏହି ପରୀକ୍ଷା କରାଯାଇଥିଲା। ଏପ୍ରିଲ ୧୯ରେ ପ୍ରୋଭିଜିନାଲ ଆନ୍ସର କି’ ଏବଂ ଏପ୍ରିଲ ୨୪ରେ ଫାଇନାଲ ପ୍ରୋଭିଜନାଲ ଆନ୍ସର କି’ ପ୍ରକାଶ ପାଇଥିଲା।



ଜେଇଇ ମେନ୍ ପରୀକ୍ଷା ଫଳ ପ୍ରକାଶ ପରେ ଏବେ ଆସନ୍ତା ୩୦ରୁ ଜୁନ୍ ୭ ତାରିଖ ଯାଏଁ ଜେଇଇ ଆଡଭାନ୍ସ ପାଇଁ ପଞ୍ଜିକରଣ ଆରମ୍ଭ ହେବ।

## ଘରୋଇ ଡାକ୍ତରଖାନାଗୁଡ଼ିକରେ ସିଜରିଆନ ଡେଲିଭରିର ଅଡିଟ୍ ପାଇଁ ସିଡିଏମଓମାନଙ୍କୁ ଚିଠି

ଭୁବନେଶ୍ୱର, ୨୯/୦୪ (ନି.ପ୍ର): ରାଜ୍ୟର ଘରୋଇ ଡାକ୍ତରଖାନାଗୁଡ଼ିକରେ ସିଜରିଆନ ଡେଲିଭରି ବୃଦ୍ଧି ଘଟିଛି। ଏହାର ଅଡ଼ିଟ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମସ୍ତ ସିଡ଼ିଏମଓଙ୍କୁ ଚିଠି ଲେଖିଛି। କ୍ରାଇଟେରିଆକୁ ମାନି ଘରୋଇ ଡାକ୍ତରଖାନାଗୁଡିକ ସିଜରିଆନ ଡେଲିଭରି କରୁଛନ୍ତି ନା ନିୟମ ବାହାରକୁ ଯାଇ ସିଜରିଆନ ଡେଲିଭରି କରୁଛନ୍ତି ତାହାର ଅଡ଼ିଟ କରାଯିବ। ଆସନ୍ତା ମେ’ ମାସ ୧ ତାରିଖ ଠାରୁ ଏହି ଅଡ଼ିଟ ପ୍ରକ୍ରିୟା ଆରମ୍ଭ ହେବ। ଯେଉଁ ଘରୋଇ ଡାକ୍ତରଖାନା ସିଜରିଆନ ଡେଲିଭରି କରୁଛନ୍ତି, କାହିଁକି କରୁଛନ୍ତି ସେ ନେଇ ଏଡ଼ିଏମଓ ସିଡ଼ିଏମଓଙ୍କୁ ରିପୋର୍ଟ ଦେବେ। ଅଡ଼ିଟ ପାଇଁ ନୋଡ଼ାଲ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ଯେଉଁମାନେ ନିୟମ ବାହାରକୁ ଯାଇ ସିଜରିଆନ ଡେଲିଭରି କରୁଛନ୍ତି ସେମାନଙ୍କ କଥା ବିଚାର କରାଯିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି।

## ମେ ପହିଲାରୁ ପଛୁଆବର୍ଗ ସର୍ଭେ

## ସର୍ଭେ କରିବେ ପ୍ରାଥମିକ ଶିକ୍ଷକ : ନିର୍ଦ୍ଦେଶ ପରେ ବଢ଼ିଲା ବିବାଦ

ଭୁବନେଶ୍ୱର, ୨୯/୦୪ (ନି.ପ୍ର): ମେ ପହିଲାରୁ ଆରମ୍ଭ ହେବ ଓବିସି ଗଣନା । ଓଡିଶା ସରକାରଙ୍କ ଦ୍ୱାରା ଅଧିସୂଚୀତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କୁ ନେଇ ସର୍ଭେ କରାଯିବ । ତେବେ ପଛୁଆବର୍ଗଙ୍କ ଗଣନା ପାଇଁ କିଛି ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କୁ ଏନୁମେଟର ଓ ସୁପରଭାଇଜର ଭାବେ ନିଯୁକ୍ତ କରାଯାଇଛି । ଯାହାକୁ ବିରୋଧ କରିଛନ୍ତି ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ । ମେ ପହିଲାରୁ ଆରମ୍ଭ ହେବ ପଛୁଆବର୍ଗ ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ପର୍କରେ ସର୍ଭେ । ଓଡିଶା ସରକାରଙ୍କ ଦ୍ୱାରା ଅଧିସୂଚୀତ ୨୦୮ ପ୍ରକାର ପଛୁଆ ବର୍ଗର ଲୋକଙ୍କୁ ନେଇ ସର୍ଭେ କରାଯିବ । ଆଉ କିଛି ଜିଲ୍ଲାରେ ସର୍ଭେ କରିବେ ପ୍ରାଥମିକ ଶିକ୍ଷକ, ଯାହାକୁ ପ୍ରାଥମିକ ଶିକ୍ଷକ ସଂଘ ବିରୋଧ କରିଛି । ପଛୁଆବର୍ଗ କମିଶନଙ୍କ ଦ୍ୱାରା ପ୍ରକାଶ ପାଇଥିବା ହ୍ୟାଣ୍ଡଆଉଟରେ ଗାଁ ଓ ସହରରେ କାର୍ଯ୍ୟରତ ଅଙ୍ଗନୱାଡି କର୍ମୀ ଟ୍ୟାକ୍ସ କଲେକ୍ଟର ଏନୁମେଟର ରହିବେ, ଗାଁରେ ଆଇସିଡିଏସ୍ ସୁପରଭାଇଜର , ମାର୍କେଟିଂ ଇନସ୍ପେକ୍ଟର ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରୋଗ୍ରେସ ଆସିଷ୍ଟାଣ୍ଟ ହେବେ, ସୁପରଭାଇଜର ରହିବେ ବ୍ଲକ୍ ସୋସିଆଲ ସିକ୍ୟୁରିଟି ଅଫିସର ପୌରାଞ୍ଚଳ ଆଇସିଡିଏସ ସୁପରଭାଇଜର ଓ ଜୋନ ଅଫିସର ବୋଲି କୁହାଯାଇଛି । ତେବେ ହ୍ୟାଣ୍ଡିଆଉଟ ନିର୍ଦ୍ଦେଶ ବିପରୀତ କିଛି ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କୁ ଏନୁମେଟର ଓ ସୁପରଭାଇଜର ଭାବେ ନିଯୁକ୍ତ କରାଯାଇଛି । ଆଉ ପ୍ରାଥମିକ ଶିକ୍ଷକ ଏବେ ସେମାନଙ୍କୁ ଏଥିରୁ ବାଦ ଦେବାକୁ ଦାବି କରିଛନ୍ତି । ଶିକ୍ଷକଙ୍କ ଅଭିଯୋଗ ହେଲା, ଏଭଳି ନିର୍ଦ୍ଦେଶନାମା ଶିକ୍ଷା ଅଧିକାର ଆଇନ, ଆଇଟିଇ



▶▶ପୃଷ୍ଠା ୭

# ମଇ ୨୧ ରେ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ

ପୁରୀ, ୨୯/୦୪ (ନି.ପ୍ର): ୧୯୩୦ ମସିହା ମଇ ମାସ ୨୧ ତାରିଖ ଅସ୍ତରଙ୍ଗ ବ୍ଲକ କୁହୁଡି ପାଇଁ ଲବଣ ସତ୍ୟାଗ୍ରହର ଏକ ପ୍ରମୁଖ ଦିନ। ଏଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲବଣ ଆଇନ ଭଙ୍ଗ କରି ସତ୍ୟାଗ୍ରହୀ ମାନେ କାରାବରଣ କରିଥିଲେ। ଏହି ସ୍ମୃତିକୁ ସ୍ମରଣ କରି ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କୁହୁଡି ଠାରେ ପ୍ରତିବର୍ଷ ସ୍ମାରକୀ ଦିବସ ପାଳନ କରିଆସୁଛନ୍ତି। ଚଳିତ ବର୍ଷ ମଇ ମାସ ୨୧ ତାରିଖରେ ୯୩ତମ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ କୁହୁଡି ଠାରେ ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଏହି ଐତିହାସିକ ଦିବସକୁ ଶୃଙ୍ଖଳିତ ଭାବେ ପାଳନ ସହ ଏହାର ଗାରିମାକୁ ପର ପିଢ଼ିକୁ ଅବଗତ କରାଇବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ସମ୍ପର୍କରେ ଅବଗତ କରାଇଥିଲେ। ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କାର୍ଯ୍ୟକାରୀ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ ବିଗତ ବର୍ଷ ମାନଙ୍କର ବ୍ୟବସ୍ଥା ଓ ଚଳିତ ସମାରୋହ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା ପରେ ନିଷ୍ପତି ହେଲା ଯେ, ମଇ ୨୧ ତାରିଖ ପ୍ରତ୍ୟୁଷରୁ ରାମଧୂନ ପରିବେଷଣ ହେବ। ପରେ ବ୍ଲକ ପରିସର ଓ କୁହୁଡି ସ୍ଥିତ ବରପୁତ୍ର ମାନଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ, ବ୍ଲକ ଠାରୁ କୁହୁଡି ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। କୁହୁଡି ଠାରେ ଜାତୀୟ ପତାକା ଉତୋଳନ ପରେ ଲବଣ ସତ୍ୟାଗ୍ରହ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସଂଗ୍ରାମୀ ଦାୟାଦ ଭାବେ ରାଧି ବେଓ୍ୱାଙ୍କ ନାତୁଣୀ ବୋହୁ କନକଲତା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯିବ। ପୂର୍ବରୁ ଅନୁଷ୍ଠିତ ଉଚ୍ଚ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଓଡିଆ ବକ୍ତୃତାର ବିଷୟ ଲବଣ ସତ୍ୟାଗ୍ରହ ଓ ମଧୁସୂଦନ, ଓଡ଼ିଆ ପ୍ରବନ୍ଧର ବିଷୟ ଲବଣ ସତ୍ୟାଗ୍ରହରେ କୁହୁଡିର ଭୂମିକା ଓ ଚିତ୍ରାଙ୍କନର ବିଷୟ ଲବଣ ସତ୍ୟାଗ୍ରହ କୁହୁଡି ରଖାଯାଇଛି। ଅସ୍ତରଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ପ୍ରତିଯୋଗିତାର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ବିଦ୍ୟାଳୟ ମାନଙ୍କୁ ସୂଚିତ କରିବେ ବୋଲି ସ୍ଥିର ହେଲା। ପ୍ରତିମୂର୍ତି ସ୍ଥଳ ପରିଷ୍କାର ପରିଛନ୍ନ କରିବା ସହ ରଙ୍ଗ ଦେବା ଓ ବ୍ଲିଚିଂ ସିଂଚନ କରିବା, ଆଲୋଚନାଚକ୍ର ସ୍ଥାନ ପରିଷ୍କାର ରଖିବା, ପାନୀୟ ଜଳ ବ୍ୟବସ୍ଥା କରିବା, କୁହୁଡି ପ୍ରବେଶ ପଥରେ ତୋରଣ ବ୍ୟବସ୍ଥା କରିବା, ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟବସ୍ଥା ଇତ୍ୟାଦି କରିବାକୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଘୁନାଥ ସେଠୀ, ସମିତି ସଂଯୋଜକ କାଳନ୍ଦୀ ଚରଣ ଛାଟୋଇ, ସଦସ୍ୟ ସତ୍ୟବ୍ରତ ଲେଙ୍କା, ଆଭାସୀ ମାଧ୍ୟମରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ବିଡ଼ିଓ ବେବିତା ମଞ୍ଜରୀ ନାୟକ, ଆଇଆଇସି ପଂଚାନନ ପରିଡା, ବ୍ଲକ ଶିକ୍ଷା ଅଧିକାରୀ ଚିତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟ ମହିଳା ଆୟୋଗ ଦ୍ୱାରା ଆଇନ ସଚେତନତା ଶିବିର

ଖୋର୍ଦ୍ଧା, ୨୯/୦୪ (ନି.ପ୍ର): ଆଜି ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଓ ଜିଲ୍ଲା ପ୍ରଶାସନ ଖୋର୍ଦ୍ଧାର ସହାୟତାରେ ଆଇନ ସହାୟତା ଶିବିରର ଆୟୋଜନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ହୋଇଯାଇଛି । ଏଥିରେ ରାଜ୍ୟ ମହିଳା ଆୟୋଗର ଅଧ୍ୟକ୍ଷା ଡ. ମିନତୀ ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ଗୁମାନସିଂହ, ଅତିରକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଅତିରିକ୍ତ ଡି ଏସ ପି ସୁରେନ୍ଦ୍ରନାଥ ମୁର୍ମୁ, ମହିଳା ଆୟୋଗ ରେଜିଷ୍ଟ୍ରାର ଏସ.କେ. ରାୟ ପ୍ରମୁଖ ଯୋଗଦେଇଥିଲେ । ମହିଳା ଆୟୋଗ ତରଫରୁ ଘରୋଇ ହିଂସା ଆଇନ, ଯୌତୁକ ନିରୋଧ ଆଇନ, ଡାହାଣୀ ସନ୍ଦେହରେ ଅତ୍ୟାଚାର ତଥା ପୋକସୋ ଆଇନ, ହିନ୍ଦୁ ସକସେସନ ଆକ୍ଟ, କର୍ମ କ୍ଷେତ୍ର ରେ ଯୌନ ଶୋଷଣ ଏବଂ ସାଇବର କ୍ରାଇମ ଉପରେ ଆଦି ଆଲୋଚନା ହୋଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଶିବିର ସମ୍ପର୍କରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ । ଜିଲ୍ଲା ସୁରକ୍ଷା ଅଧିକାରୀ ଶିକ୍ଷା ରାଣୀ ପୋଦ୍ଦାର ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ମାନବ ଚାଲାଣ ୟୁନିଟ୍ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଆୟୋଗର ପରାମର୍ଶଦାତା ଡା.ଏନ.ଟୁନା ସାହୁ ମୁଖ୍ୟ ତାଲିମ ଦାତା ଭାବେ ଯୋଗଦେଇ ଆଲୋଚନା କରିଥିଲେ । ଶିବିରରେ ୧୧ ଜଣ କୋଭିଡ୍ ଯୋଦ୍ଧା ମାନଙ୍କୁ ସମ୍ମାନିତ କରାଯାଇଥିଲା । ଶିବିରକୁ ଆକ୍ସନଏଡ ର ଜିଲ୍ଲା ପରାମର୍ଶ ଦାତ୍ରୀ ସ୍ୱାତୀ ତନ୍ମୟା ମିଶ୍ର ପରିଚାଳନା କରିଥିଲେ । ଅଭିଲିପ୍ସା, ସନ୍ତୋଷ, ରେଣୁ, ରିଙ୍କି, ଶୁଭସ୍ମିତା, ସଂଗୀତା ଏବଂ ଲକି ବଳିୟାରସିଂହ ପରିଚାଳନା ରେ ସହଯୋଗ କରିଥିଲେ ।

# ଜିଲ୍ଲା ପୋଲିସ ପକ୍ଷରୁ ଅଣ୍ଡେଇପଦର ଗ୍ରାମରେ ଜନ ସମ୍ପର୍କ ଶିବିର ଅନୁଷ୍ଠିତ

ମାଲକାନଗିରି, ୨୯/୦୪ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ ଅଣ୍ଡରାହାଲ୍ ପଂଚାୟତର ଅଣ୍ଡେଇପଦର୍ ଗ୍ରାମରେ ଜିଲ୍ଲା ପୋଲିସ ପକ୍ଷରୁ ଏକ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଆଖ ପାଖ ଅଂଚଳ ଗ୍ରାମ ତଥା ଅଣ୍ଡେଇପଦର୍, ଖାଲଗୁଡ଼ା, ଭାଲିଆପଦର୍ ଓ ସିନ୍ଧିଗୁଡ଼ା ଗ୍ରାମର ୫୦୦ରୁ ଉର୍ଦ୍ଧ ଗ୍ରାମର ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନଙ୍କୁ ଟ୍ରଚ୍ ଲାଇଟ୍, କମଳ, ସାଲ, ଛତା, କ୍ରୀଡା ସାମଗ୍ରୀ , ପାଠ ପଢା ସାମଗ୍ରୀ, ବାଜା, ହାରମନିଅମ୍, ଘର ଉପକରଣ ସାମଗ୍ରୀ, କୃଷି ସାମଗ୍ରୀ ଭଳି ବିଭିନ୍ନ ପ୍ରକାରର ଜିନିଷ ଗ୍ରାମବାସୀ ମାନଙ୍କୁ ଦିଆ ଯାଇଥିଲା । ଏହି ଅବସରରେ ଏକ ଭଲିବଲ୍ ମ୍ୟାଚ୍ ର ମଧ କରାଯାଇଥିଲା ବିଜୟ ହାସଲ କରିଥିବା ଦଳ ସହିତ ସମସ୍ତ ଦଳକୁ ବଲ ଓ ନେଟ୍ ପ୍ରଦାନ କରାଯାଇଥିଲା । ତା ସହିତ ଖଇରପୁଟ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ମଧ ଦିଆ ଯାଇଥିଲା ।

# କାଇପଦର ପାଲା କମିଟି ନୂତନ କର୍ମକର୍ତ୍ତା ନିର୍ବାଚିତ

ଖୋର୍ଦ୍ଧା, ୨୯/୦୪ (ନି.ପ୍ର): ସନ୍ଧ୍ୟା ୬ ଟାରେ କାଇପଦର ପାଲା କମିଟି ଏକ ବଡ଼ ଧରଣ ସଭା ଗ୍ରାମ ସତ୍ୟନରଣ ମନ୍ଦିର ପ୍ରାଙ୍ଗଣ ଓ ମୁଖ୍ୟ ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ମଙ୍ଗରାଜ ସଭାପତିତ୍ୱରେ ହୋଇ ଥିଲା । ସବୁ ସାହିରୁ ପ୍ରାୟ ବହୁ ସଭ୍ୟ ଓ ବିଶିଷ୍ଟ ବେକ୍ତୀ ବିଶେଷ ଉପସ୍ଥିତ ଥିଲେ । ଏହି ବର୍ଷର ହିସାବ, ଆୟ , ବେୟ ଆଲୋଚନା କରାଯାଇ ଗ୍ରାମ ବାସୀଙ୍କୁ ଜଣାଇ ଦିଆ ଯାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଓ ସମତି ସଭ୍ୟ ପ୍ରତିନିଧି ଜଥା କ୍ରମେ ବିଜୟା ନନ୍ଦ ଅରିସଲ ,ରବି ସାମନ୍ତରାୟ ଉପସ୍ଥିତ ଥିଲେ। ଗ୍ରାମର କିଛି ମୁଖ୍ୟ ବୁଦ୍ଧିଜିବି ଉପସ୍ଥିତୀରେ ନୂତନ କର୍ମ କର୍ତ୍ତା ନିର୍ବାଚିତ ହେଇ ଥିଲେ। ସଫାପତି ଭାବେ ଶ୍ରୀଯୁକ୍ତ ତପନ କୁମାର ପାତ୍ର ଓ ସମ୍ପାଦକ ଭାବେ ନରେନ୍ଦ୍ର କୁମାର ଜେନା ନିର୍ବାଚିତ ହୋଇ ଥିଲେ। ତାଂକୁ ସହଯୋଗ କରିବା ପାଇଁ କିଛି ପୁରୁଣା ଓ ନୂଆ ସଭ୍ୟ ବାଦ ପାଲା ସମୟେ ସାହଯ୍ୟ କରିବେ। ବଳକା ଟଂକା ସଭାପତି ଓ ସମ୍ପାଦକ ନାମରେ ସ୍ଥାନୀୟ ବାଙ୍କ ରହିବ ବୋଲି ନିଷ୍ପତି ନିଆ ଗଲା। ଏହି କମିଟି ଏକ ବିବରଣୀ ଖାତା କରାଯାଇ ସବୁ ଉପସ୍ଥିତ ସଭ୍ୟଙ୍କ ଦସଖସ୍ତ କରାଯାଇ ଥିଲା। ଉକ୍ତ ଗ୍ରାମର କାମନା ଠାକୁର ଙ୍କ ମନ୍ଦିର ଓ ପୁର୍ବ ପରମ୍ପରା ଅନୁଯାୟୀ ଚାଲିବ। ଏହି କମିଟି କିଛି ଅସୁବିଧା ପୂର୍ବଜ ଖଞ୍ଜା ସାତ ଜଣ ସଭ୍ୟ ମିଳିମିଶି ମାନ ମନାନ୍ତର ଭୁଲି ଠାକୁର ବିଧି ବିଧାନ କରିବେ ବୋଲି ସଭା ନିଷ୍ପତ୍ତି ନେଲା। କିଛି ଅସୁବିଧା ହେଲେ ଗ୍ରାମ କମିଟିକୁ ଜଣାଇବେ।

ସମସ୍ତ ଗ୍ରାମ ବାସୀ ଓ ଉପସ୍ଥିତ ସଭ୍ୟ ଆନନ୍ଦ ପ୍ରକାଶ କରି ସଭାପତିଙ୍କୁ ଧନ୍ୟବାଦ ସହ ସଭା ସାଙ୍ଗ କରାଗଲା।

# ସଂରକ୍ଷଣରୁ କେଉଟ, ଧିବର, କୈବର୍ତ୍ତ ହଟାଓ ଅଭିଯାନ, ଶୋଭାଯାତ୍ରା

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ସୁବର୍ଣ୍ଣପୁର, ୨୯/୦୪ (ନି.ପ୍ର): କେଉଟ, ଧିବର, କୈବର୍ତ୍ତ ଜାତି ଚଂଚକତା କରି ଅନୁସୂଚୀତ ଜାତି ତାଲିକାରେ ସାମିଲ ହୋଇ ସରକାରଙ୍କ ସଂରକ୍ଷଣ ସୁବିଧା ହାତେଇ ନେଇଥିବା ନେଇ ଦଳିତ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲା ଅସ୍ପୃଶ୍ୟ ସଂରକ୍ଷଣ ସୁରକ୍ଷା ସମିତି ପକ୍ଷରୁ ଆଜି ଡୁଙ୍ଗୁରିପାଲିରେ ବ୍ଲକ ସ୍ତରୀୟ କେଡିକେ ହଟାଓର ଅଭିଯାନ ଆରମ୍ଭ କରାଯାଇଛି । ଚଂଚକତା କରି ଏସସି ତାଲିକାରେ ସାମିଲ ଥିବା ଉକ୍ତ ତିନି ଜାତିକୁ ସଂରକ୍ଷଣରୁ ବାଦ ଦେବା ଅଭିଯାନରେ ସମସ୍ତେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ । ଅଛୁଆଁ ଜାତିକୁ ନେଇ ସଂରକ୍ଷଣ ସୃଷ୍ଟି ହୋଇଥିବା ବେଳେ ସବର୍ଣ୍ଣ ତଥା ସମାଜରେ ଛୁଆଁ ଭାବରେ ପରିଚାଳିତ ଉକ୍ତ ତିନି ଜାତି କିପରି ଏସସି ତାଲିକାରେ ଅନ୍ତର୍ଭୁକ୍ତ ହେଲେ । ତେଣୁ ଆଜି ଏକ ବିରାଟ ଶୋଭାଯାତ୍ରାରେ ଶହ ଶହ ସଂଖ୍ୟାରେ ଗଣ୍ଡା, ଘାସି, ପାଟିକାର, ଧୋବା ସମାଜର ଲୋକେ ସ୍ଥାନୀୟ ଆରଏମସି ପରିସରରୁ ବାହାରି ସହର ପରିକ୍ରମା କରିଥିଲେ । ନକଲି ହଟାଓ ସଂରକ୍ଷଣ ବଂଚାଓ ନାରାରେ ଶୋଭାଯାତ୍ରା ପ୍ରକମ୍ପିତ ହୋଇଉଠିଥିଲା । ଶୋଭାଯାତ୍ରା ପରେ ବ୍ଲକ କାର୍ଯ୍ୟାଳୟରେ ପହଂଚି ଏବିବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ରଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆମ୍ବେଦକରଙ୍କ ୧୩୨ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଥିଲା। ଦାବୀ ପତ୍ର ପ୍ରଦାନ ବେଳେ ସେଠାରେ ଜିଲ୍ଲା ସଂଯୋଜକ ଲକ୍ଷ୍ମଣ ଭରାସାଗର, ଗଣ୍ଡାସମାଜର ସଭାପତି ମାଧବ କୁମ୍ଭାର, ଜିଲ୍ଲା ରଜକ ସମାଜର ସଭାପତି ରତ୍ନାକର ସେଠ, କୋଷାଧ୍ୟକ୍ଷ ପ୍ରଶାନ୍ତ ସେଠ, ଚମାର ସମାଜର ବ୍ଲକ ସଭାପତି ବୀର ମହେର, ଘାସି ସମାଜର ସଭାପତି ସଂକିର୍ତନ, ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ ତାପସ ଦାଶ, ସୋନପୁରର ପୂର୍ବତନ ବିଧାୟକ ବିନୋଦ ପାତ୍ର, ଭିମସେନାର ରାଜ୍ୟ ସଭାପତି ନରେନ୍ଦ୍ର ରାବଣ, ବଳଦେବ ଆଜାଦ ରାବଣ, ସୁବାସ ସୁନା, ପ୍ରକାଶ କୁମ୍ଭାର, ନିତେଇ ପାଳ, ଭୁବନ ନାଗ, ମଞ୍ଜୁ କୁମ୍ଭାର, ରେଣୁକା ଦୀପ, ରାଜୁ ତାଣ୍ଡି, ମିଳନ କୁମ୍ଭାର, ରଥ କୁମ୍ଭାର, ଅସର୍ପି କୁମ୍ଭାର, କୃଷ୍ଣଚନ୍ଦ୍ର ବାଗ, ଅଶୋକ ନାଏକ, ଜେହେରୁ ବାଗ, ଅନିରୁଦ୍ଧ ଦୀପ, ସହଦେବ ମହାନନ୍ଦ, ମହେନ୍ଦ୍ର ସୁନା, ଲଛମନ ସୁନା, ନିର୍ଜଳା କୁମ୍ଭାର ପ୍ରମୁଖ ଉପସ୍ଥିତ ରହି କେଡିକେ ହଟାଓ ଅଭିଯାନ ଆଗକୁ ଆହୁରି ଗୁରୁତର ଆକାର ଧାରଣ କରିବ ବୋଲି କହିଥିଲେ । ଦାବୀପତ୍ର ପ୍ରଦାନ ବେଳେ ଡୁଙ୍ଗୁରିପାଲି ବିଡିଓ ଅନୁପସ୍ଥିତ ଥିବାରୁ ଉତେଜନା ଦେଖା ଦେଇଥିଲା । କାର୍ଯ୍ୟକ୍ରମକୁ ନେଇ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳ ପାଇଁ ସତର୍କ ରହିଥିଲେ । ସୋନପୁର ଏସଡିପିଓ ପୁଷ୍ପାଞ୍ଜଳୀ ନିଙ୍ଗୀ ଉପସ୍ଥିତ ଥିଲେ ।

# ଶୁକତେଲ ପ୍ରକଳ୍ପ ଗର୍ଭରେ ବିଲୀନ ହେବ ଜଙ୍ଗଲ ପରିବେଶ : ଗଛକଟା ଯୋଗୁଁ ଚିନ୍ତିତ ଲୋକେ

ବଲାଙ୍ଗିର, ୨୯/୦୪ (ନି.ପ୍ର): ଲୋୟର ସୁକତେଲ ପ୍ରକଳ୍ପ କାର୍ଯ୍ୟ ଏବେ ଆପାତତଃ ଶେଷ ପର୍ଯ୍ୟାୟରେ । ସରକାରୀ ଭବରେ ଅଧିକାରୀଙ୍କ ବିବୃତି ଅନୁସାରେ ଆଗାମୀ ଜୁଲାଇ ମାସରେ ବନ୍ଧରେ ପାଣି ରଖାଯିବା ନେଇ ସରକାରୀ ସୂତ୍ରରୁ ନିଶ୍ଚିତ । ଏସବୁ ଭିତରେ ଏବେ ଜଳମଗ୍ନ ହେଉଥିବା ଅଂଚଳର ଲକ୍ଷ ଲକ୍ଷ ଗଛକଟା ଚାଲିଛି । ଏହା ସହିତ ଏହିସବୁ ଅଂଚଳରେ ଗ୍ରାମକୁ ଲାଗି ରହିଥିବା ଗଛ ମଧ କଟା ଚାଲିଛି । ଫଳରେ ଆଂଶିକ କ୍ଷତିଗ୍ରସ୍ତ ଲୋକେ ଯେଉଁସବୁ ଅଂଚଳରେ ରହୁଛନ୍ତି, ସେମାନେ ଗଛବିନା କିପରି ବଂଚିବୁ ବୋଲି ଚିନ୍ତା ବ୍ୟକ୍ତ କରି ଅଭିଯୋଗ କରୁଛନ୍ତି । ଅଂଚଳର ପ୍ରକଳ୍ପ ନାମରେ ଯେପରି ସମ୍ପୂର୍ଣ୍ଣ ଗଛ ଗୁଡିକ ନଷ୍ଟ ହେଲା ପରେ ମୁକ୍ତ ବାୟୁ ଟିକେ ମିଳିବା ଅସମ୍ଭବ ହୋଇଯିବା ସହ ଭୀଷଣ ଗରମ ଜୀବନକୁ ବିପର୍ଯ୍ୟସ୍ତ କରିଦେବ ବୋଲି କହୁଛନ୍ତି ।

ଏ ବିଷୟରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କହିବା କଥା, ଲୋୟର ଶୁକତେଲ ପ୍ରକଳ୍ପରେ ଜଳମଗ୍ନ ହେଉଥିବା ଅଂଚଳର ସମସ୍ତ ଗଛ କାଟିବାକୁ ଜଙ୍ଗଲ ବିଭାଗକୁ ଦାୟିତ୍ୱ ଦିଆଯାଇଛି । ଏଣୁ ଜଳମଗ୍ନ ଅଂଚଳରେ ଗଛ ରହିବ ନାହିଁ । ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲା ପରେ ଅବସ୍ଥା ଦେଖି ଗଛ ଲଗାଯିବାର ବ୍ୟବସ୍ଥା କରାଯିବ । ଯାହାବି ହେଉ ବଳକା ଅଂଶତକ ରହିଯାଉଥିବା ଲୋକେ ନିଶ୍ଚିତ ଭାବେ ଘୋର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଅନ୍ତତଃ ଗ୍ରାମ ପାର୍ଶ୍ୱସ୍ଥ ଅଂଚଳ ଗୁଡିକରେ ଗଛ ନକାଟିବା ପାଇଁ ସାଧାରଣରେ ଦାବୀ ହେଉଛି । ଜିଲ୍ଲାରେ ପୂର୍ବରୁ ଥିବା ଜଙ୍ଗଲ ଗୁଡିକ ପର୍ଯ୍ୟାୟ କ୍ରମେ ବିଭିନ୍ନ କାରଣରୁ କ୍ଷୟ ପ୍ରାପ୍ତ ହୋଇ ପ୍ରାୟ ଜଙ୍ଗଲ ସରି ସରି ଆସୁଛି। ଜିଲ୍ଲା ଭିତରେ ଦୁଇ - ତିନୋଟି ଜାତୀୟ ରାଜପଥ ଯିବା ରାସ୍ତା ପ୍ରଶସ୍ତିକରଣ ପାଇଁ ରାସ୍ତା କଡରେ ଦୁଇ ପାର୍ଶ୍ୱରେ ଥିବା ନିମ୍ବ ଓ ଅନ୍ୟାନ୍ୟ ଔଷଧୀୟ ଗଡ଼ଜାତ ଅମଳରୁ ଥିବା ଲକ୍ଷ ଲକ୍ଷ ଗଛ କଟା ଯାଇଥିଲା। ଏବର ପ୍ରକଳ୍ପ ଜଳମଗ୍ନ ହେବାକୁ ଥିବା ଉପର ମୁଣ୍ଡରେ ଘଂଚ ଜଙ୍ଗଲ ଗଛ ଗୁଡିକ ପ୍ରକଳ୍ପ ପରେ ଅକାମୀ ହେବା ପୂର୍ବରୁ କଟାଯିବା ଠିକ୍ କଥା ଏଥିପାଇଁ ଚିହ୍ନଟ କରି ଜଙ୍ଗଲ ପଦା କରାଯିବା ସଙ୍ଗେ ସଙ୍ଗେ ତଳ ଅଂଚଳରେ ନୂତନ ବନୀକରଣ କରାଯାଉ ବୋଲି ପରିବେଶବିତ ମାନେ ମତ ଦେଇଛନ୍ତି।

# ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଚୋରା ମଦର ବନ୍ୟା : ଅବକାରୀ ବିଭାଗ ନିରବ ଦ୍ରଷ୍ଟା

ସାଲେପୁର, ୨୯/୦୪ (ନି.ପ୍ର): ସାଲେପୁର ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳର ବଜାରଘାଟ ଏବଂ ଗ୍ରାମାଂଚଳ ଗୁଡିକରେ ବ୍ୟାପକ ଭାବେ ଚୋରାରେ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ଅବକାରୀ ବିଭାଗର ଦାୟିତ୍ୱହୀନତା ପାଇଁ ଚୋରା ମଦ ବ୍ୟବସାୟୀଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଥିଲା ବେଳେ ଏହି ଅଂଚଳରେ ଚୋରା ମଦର ବନ୍ୟା ସୃଷ୍ଟି ହୋଇଛି । ଅପରପକ୍ଷରେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀମାନେ ମଧ ସରକାରଙ୍କ ନୀତି ନିୟମ ପରିସରରେ ନରହି ମନଇଛା ବ୍ୟବସାୟ କରୁଛନ୍ତି । ଲାଇସେନ୍ସପ୍ରାପ୍ତ ଦୋକାନୀମାନେ ଗ୍ରାମାଂଚଳରେ ଥିବା ଚୋରା ମଦ ବ୍ୟବସାୟୀଙ୍କ ନିକଟରେ ପେଟି ପେଟି ମଦ ପହଂଚାଇ ଦେଉଥିବାରୁ ସେମାନେ ଚଢା ଦରରେ ଏହାକୁ ବିକ୍ରି କରୁଛନ୍ତି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଭଲ ଭାବରେ ଅବଗତ ଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରୁନଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଗାଁ ଗହଳିର ଜଳଖିଆ ଦୋକାନୀଠାରୁ ଆରମ୍ଭ କରି ରାସନ ଦୋକାନ, ପାନ ଦୋକାନ ଓ ଅନ୍ୟାନ୍ୟ ଦୋକାନରେ ଚୋରାରେ ମଦ ବିକ୍ରି ହେଉଥିବାରୁ ଗାଁ ଗହଳିର ଆବାଳ ବୃଦ୍ଧ ମଦ୍ୟପାନ କରି ନିଜ ନିଜ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲା ବେଳେ ସାମାଜିକ ଚଳଣୀରେ ବହୁ ବିଶୃଙ୍ଖଳା ଦେଖାଦେଇଛି । ଏହାଛଡ଼ା ଲାଇସେନ୍ସପ୍ରାପ୍ତ ଠିପି ବନ୍ଦ ମଦ ଦୋକାନ ସମ୍ମୁଖରେ ସ୍ପଷ୍ଟ ଦିବାଲୋକରେ ମଦ୍ୟପମାନେ ବୋତଲ ଠିପି ଖୋଲି ମଦ୍ୟପାନ କରୁଥିବା ଏପରିକି ବହୁ ମଦ୍ୟପ ରାସ୍ତାକଡରେ ଗଡୁଥିବା ଦେଖିବାକୁ ମିଳୁଛି । ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡିକ ଖୋଲିବା ଓ ବନ୍ଦ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରହିଥିଲେ ମଧ ଏହାକୁ ବ୍ୟବସାୟୀମାନେ ମାନୁନଥିବା ଦେଖାଯାଇଛି । ଉକ୍ତ ଘଟଣାକୁ ଅବକାରୀ ବିଭାଗ ଓ ସ୍ଥାନୀୟ ପୁଲିସ ଦେଖି ନୀରବଦ୍ରଷ୍ଟା ସାଜିଥିବା ଲୋକମାନେ ଅଭିଯୋଗ କରିଛନ୍ତି ।


ନିଶ୍ଚିନ୍ତକୋଇଲି ଅଂଚଳରେ ଏକ ଅବକାରୀ ବିଭାଗ କାର୍ଯ୍ୟାଳୟ ଖୋଲାଯାଇଥିଲେ ମଧ ଏଠାରେ ବିଭାଗୀୟ କର୍ମଚାରୀମାନେ ସଠିକ୍ ଭାବେ କାର୍ଯ୍ୟ କରୁନଥିବା ଏବଂ କାର୍ଯ୍ୟାଳୟ ସବୁଦିନେ ଖୋଲାଯାଉନଥିବା ଅଭିଯୋଗ ହୋଇଛି । ଅନେକ ସମୟରେ ଏହି କାର୍ଯ୍ୟାଳୟକୁ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଅଂଚଳର ବହୁ ଚୋରା ମଦ ବ୍ୟବସାୟୀମାନେ ଲୁଚିଛପି ଆସୁଥିବା ଦେଖିବାକୁ ମିଳୁଛି । ଚୋରା ମଦ ବ୍ୟବସାୟ ଯଦି ଏଭଳି ବଢି ଚାଲେ ତାହା ହେଲେ ଆଗାମୀ ଦିନରେ ଜନଜୀବନ ବିଶେଷ ଭାବେ କ୍ଷତି ହେବାର ଆଶଙ୍କା ପ୍ରକାଶ ପାଇଛି । ତୁରନ୍ତ ଚୋରା ମଦ ବ୍ୟବସାୟ ବନ୍ଦ କରିବା ଏବଂ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀମାନଙ୍କୁ ସରକାରଙ୍କ ନୀତିନିୟମ ପରିସରରେ ବ୍ୟବସାୟ କରିବା ପାଇଁ ବିଭାଗୀୟ ଉଚ୍ଚ କର୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ତ୍ରିଦିବସୀୟ ସଙ୍କୁଳ ସ୍ତରୀୟ ସାମୂହିକ କର୍ମଶାଳା ଉଦ୍‌ଯାପିତ

ଜୟପୁର, ୨୯/୦୪ (ନି.ପ୍ର): ସ୍ଥାନୀୟ ଅରବିନ୍ଦ ନଗର ସରସ୍ୱତୀ ଶିଶୁ ମନ୍ଦିର ଠାରେ ଜୟପୁର ସଙ୍କୁଳର ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦଯାପିତ ହୋଇଯାଇଛି। ଅପ୍ରେଲ ୨୫ ତାରିଖରୁ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ଅରବିନ୍ଦ ନଗର, ଶାରଦା ବିହାର, ଲମତାପୁଟ, ବୈପାରିଗୁଡା, କୁନ୍ଦୁରା, ଆମ୍ବଗୁଡା, ବୋରିଗୁମ୍ମା, କୁମୁଲି ଏବଂ କୋଟପାଡ଼ ଶିଶୁମନ୍ଦିର ଗୁଡିକର ୧୨୩ ଜଣ ପ୍ରଶିକ୍ଷାର୍ଥୀ ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ। ୬୦ଟି ଶୈକ୍ଷିକ କାଳାଂଶ ସହ ସର୍ବମୋଟ ୬୬ଟି କାଳାଂଶକୁ ଲକ୍ଷ୍ମୀକାନ୍ତ ମିଶ୍ର, କିରଣ ବାଳା ପ୍ରଧାନ, ସଦାନନ୍ଦ ଅଧିକାରୀ, ଭାଗବାନ ପାଢ଼ୀ, ତପସ୍ୱିନୀ ସାହୁ, ମମତା ମହାପାତ୍ର, ଅନୁପମା ମହାପାତ୍ର, ମମତା ହୋତା, ଏ. ଶଙ୍କର ରାଓ, ବିନୟ କୁମାର ମୁଣ୍ଡ, ସୁଜାତା ପଣ୍ଡା, ସୁଭାଷିନୀ ବିଶ୍ୱାଳ, ସଂଗୀତା ମହାପାତ୍ର, ସ୍ୱପ୍ନ ଦଣ୍ଡସେନା, ସୁଲଗ୍ନା ମହାନ୍ତି, ତନୁଜା ମହାନ୍ତି, ପଦ୍ମିନୀ ମହାପାତ୍ର, ସୁନୀତା ପଣ୍ଡା, ସ୍ୱରୂପ ଦାଶ, ଟି. ରାମେଶ୍ୱର ରାଓ, ମୋନାଲିସା ବାହାଦୁର, ରାମଚନ୍ଦ୍ର ମହାନ୍ତି ଏବଂ ସୁଜାତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ଉଦଘାଟନ ଓ ସମାରୋପ କାର୍ଯ୍ୟକ୍ରମରେ ଡଃ. ଗଙ୍ଗାଧର ନନ୍ଦ, ହରିହର କରସୁଧା ପଟ୍ଟନାୟକ, କିଶୋର କୁମାର ତ୍ରିପାଠୀ, ମାଧବ ଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା, ବ୍ୟକ୍ତି ଅପେକ୍ଷା ରାଷ୍ଟ୍ର ସର୍ବୋପରି ବିଶ୍ୱ ସଂସ୍କୃତିକୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସଙ୍କୁଳ ପ୍ରମୁଖ ହେମନ୍ତ କୁମାର ଚାନ୍ଦ, ସଭାପତି ପ୍ରେମାନନ୍ଦ ନାୟକ, ସମ୍ପାଦକ ସତ୍ୟବାଦୀ ମିଶ୍ର, କୋଷାଧ୍ୟକ୍ଷ ମିହିର କୁମାର ମିଶ୍ର, ଉପ ସଭପତି ଦୁର୍ଗା ମାଧବ ଦାଶ, ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ବେହେରା, ସଦସ୍ୟା ଗୌରୀ ପଣ୍ଡା ଓ ଚଂଚଳା ଭୂମିଆ ମଧ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦କୁ ସଫଳ କରିବା ପାଇଁ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ତରଫରୁ ଏହା ଏକ ଅଭିନବ ପ୍ରଶିକ୍ଷଣ ଏବଂ ପ୍ରୟାସ ଅଟେ।

# ଡକାୟତ ଯୋଜନା ପଣ୍ଡ: ୪ ଡକାୟତ ଗିରଫ



ଖୋର୍ଦ୍ଧା, ୨୯/୦୪ (ନି.ପ୍ର): ଖୋର୍ଦ୍ଧା ଜଟଣୀ ରାସ୍ତାରେ ୫୭ ନମ୍ବର ଜାତୀୟ ରାଜପଥ ନିକଟରେ ଥିବା ମୋଦି ପଡିଆରୁ ୪ ଡକାୟତ ଗିରଫ କରିଛି ପୁଲିସ । ବିଳମ୍ବିତ ରାତିରେ ଡକାୟତି ଯୋଜନା କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଁ ଖୋର୍ଦ୍ଧା ପୋଲିସ ର ଏକ ଟିମ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ଡକାୟତ ମାନଙ୍କ ଠାରୁ କିଛି ମାରଣାସ୍ତ୍ର ଜବତ ହୋଇଥିବା ବେଳେ ଡକାୟତମାନେ ଅପହରଣ ଓ ମାଲବୋହି ଗାଡି ମାନଙ୍କରୁ ଡକାୟତି କରୁଥିବା ଖୋର୍ଦ୍ଧା ଥାନା ଅଧିକାରୀ ତାରିକ ଅହମଦ ପ୍ରକାଶ କରିଛନ୍ତି ।ଏହି ଡକାୟତି ମାନଙ୍କ ନାମରେ ପୂର୍ବରୁ ଖୋର୍ଦ୍ଧା, ନୟାଗଡ଼, ଭୁବନେଶ୍ୱର ପରି ଅନେକ ସ୍ଥାନରେ ବହୁ ଅପରାଧିକ ମାମଲା ରହିଛି । ଗିରଫ ହୋଇଥିବା ଡ଼କାୟ ମାନଙ୍କ ମାନଙ୍କ ମଧ୍ୟରେ ଖୋର୍ଦ୍ଧା ତରତୁଆ ଅଂଚଳର ଖାନ(୨୪), ଖୋର୍ଦ୍ଧା ମକୁନ୍ଦପ୍ରସାଦ ଅଂଚଳର ମୋହାଦିନ ଖାନ (୨୩), ଖୋର୍ଦ୍ଧା ଭାଳିଆବାଡି ଅଂଚଳର ଗଗନ ନାୟକ, ଅନ୍ୟ ଜଣେ ମକୁନ୍ଦପ୍ରସାଦ ଅଂଚଳ ର ଏସ କେ ମାଜିଦ ଖାନ ଓରଫ ମଦନ (୨୪)। ତେବେ ଏମାନଙ୍କୁ ଖୋର୍ଦ୍ଧା ପୁଲିସ ଗିରଫ କରି ଏମାନଙ୍କ ନାମରେ ୨୫୩/୨୩ ରେ କେଶ ରୁଜୁକରି ୩୯୯/୪୦୨ ଆଇପିସି ତଦନ୍ତ କରୁଥିବା ଥାନା ଅଧିକାରୀ ତାରିକ ଅହମଦ ପ୍ରକାଶ କରିଛନ୍ତି ।

# ହାତୀ ଆକ୍ରମଣରେ ଶିଶୁକନ୍ୟା ମୃତ

ଘଟଗାଁ, ୨୯/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ସାନ୍ତରାପୁର ମେଣ୍ଢାମୁଣ୍ଡି ସାହିରେ ହାତୀ ଆକ୍ରମଣରେ ଏକ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ମାଆ ଓ ବାପାଙ୍କ ସହିତ ଅନ୍ୟ ଜଣେ ଶିଶୁକନ୍ୟା ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି।

ମିଳିଥିବା ଖବର ଅନୁଯାୟୀ, ଗ୍ରାମର ଡାକ୍ତର ମୁଣ୍ଡା, ପତ୍ନୀ ରଶ୍ମିତା ମୁଣ୍ଡା ନିଜର ଦୁଇ ଶିଶୁ କନ୍ୟାଙ୍କ ସହ ଖାଇସାରି ଘରେ ଶୋଇଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଏକ ଦନ୍ତାହାତୀ ଘରକୁ ଭାଙ୍ଗି ଦେଇଥିଲା । ଫଳରେ ଘରର କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ ପରିବାରର ସମସ୍ତ ସଦସ୍ୟ । ଖବର ପାଇ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ବନବିଭାଗକୁ ଖବର ଦେଇଥିଲେ । ଖବର ପାଇ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ପ୍ରଥମେ ଘଟଗାଁ ଡାକ୍ତରଖାନା ଓ ପରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଇଥିଲେ । ହେଲେ ଚିକିତ୍ସାଧୀନ ଅବସ୍ଥାରେ ଏକ ବର୍ଷର ଶିଶୁକନ୍ୟା ମାନସି ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ଅନ୍ୟ ସମସ୍ତେ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି । ଘଟଣାସ୍ଥଳରେ ବନବିଭାଗ କର୍ତୃପକ୍ଷ ପହଂଚି ଘଟଣାର ସତ୍ୟତା ଜାଣିବା ପାଇଁ ତଦନ୍ତ ଜାରି ରଖିଛନ୍ତି । କ୍ଷତିଗ୍ରସ୍ତ ପରିବାରକୁ ତୁରନ୍ତ କ୍ଷତିପୂରଣ ସହ ରହିବା ପାଇଁ ଗୋଟିଏ ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ଇସ୍ପାତ ସୁରକ୍ଷା ଦିବସ ପାଳିତ

ରାଉରକେଲା, ୨୯/୦୪ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ଇସ୍ପାତ ସୁରକ୍ଷା ଦିବସ ପାଳନ ଉପଲକ୍ଷେ ବିବିଧ ସୁରକ୍ଷା ସଚେତନତା ଓ ମାନସ ମନ୍ଥନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।

ଅପ୍ରେଲ ୨୮ ତାରିଖରେ 'ସୀମିତ ଅଞ୍ଚଳରେ ସୁରକ୍ଷା' ଉପରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା। ଏଥିରେ ସେବା ବିଭାଗର ସିଜିଏମ୍ ଇନ୍-ଚାର୍ଜ, ଶ୍ରୀ ଦେବବ୍ରତ ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଅଧିବେଶନର ଉଦଘାଟନ କରିଥିଲେ। ଏହି ଅବସରରେ ସୁରକ୍ଷା ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀମତୀ ଆଶା ସୁନୀଲ କାର୍ଥା ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ଆଲୋଚନା ଚକ୍ରରେ ବିଭାଗୀୟ ସୁରକ୍ଷା ଅଧିକାରୀ, କ୍ଷେତ୍ର ସୁରକ୍ଷା ଅଧିକାରୀ ଏବଂ ବିଭିନ୍ନ ବିଭାଗର ପ୍ରବନ୍ଧକମାନେ ଯୋଗ ଦେଇଥିଲେ।

ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଦତ୍ତ ବିଭାଗଗୁଡିକ ଦ୍ୱାରା ସୀମିତ ଅଞ୍ଚଳରେ ସମ୍ପନ୍ନ ହେଉଥିବା ବିବିଧ କାର୍ଯ୍ୟ ଦୃଷ୍ଟିରୁ ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ଏଭଳି ଅଧିବେଶନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀମତୀ ଆଶା କାର୍ଥା ନିଜର ବକ୍ତବ୍ୟରେ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲ ପାଇଁ ସୀମିତ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ଅବଲମ୍ବନୀୟ ସତର୍କତା ବିଷୟରେ ଉଲ୍ଲେଖ କରିଥିଲେ।

ମେସର୍ସ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍ ର ପୂର୍ବାଞ୍ଚଳ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଗୁଣବତ୍ତାର ପ୍ରବନ୍ଧକ ତଥା ବିଶେଷଜ୍ଞ ଶ୍ରୀ ଏସ ମଜୁମଦାର ଏହାର ବୈଷୟିକ ଅଧିବେଶନ ସମ୍ପନ୍ନ କରିଥିଲେ। ଏହି ଅଧିବେଶନରେ ସୀମିତ ଅଞ୍ଚଳ ଭିତରେ କାର୍ଯ୍ୟ ନିର୍ବାହ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କ ଭୂମିକା ଏବଂ ଦାୟିତ୍ୱ ଆଦି ବିଷୟ ସ୍ଥାନ ପାଇଥିଲା।

ପ୍ରାରମ୍ଭରେ ସୁରକ୍ଷା ବିଭାଗର ଜିଏମ, ଶ୍ରୀ ଅବକାଶ ବେହେରା ସମାବେଶକୁ ସ୍ୱାଗତ କରିଥିଲେ । ସେ କାର୍ଯ୍ୟକ୍ରମ ସଂଯୋଜନା ମଧ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୩୦ ଅପ୍ରେଲ ୨୦୨୩
email : rabibarachayan2015@gmail.com




## ଧାରାବାହିକ ଉପନ୍ୟାସ



# ବୈଦେହୀ

### ଡ.ଭାଗବତ ବେହେରା



**‘ବୈଦେହୀ’ ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର ‘ବୈଦେହୀ’ ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର ‘ବୈଦେହୀ’ ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୨

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମନ୍ଦୋଦରୀ ଏହିକଥା କହି ବାହୁନୁଥିବାବେଳେ ମୋର ଆତ୍ମାର ଧ୍ୱନି ତାଙ୍କ କର୍ଣ୍ଣରେ ଶୁଣାଇଥିଲା, “ମୋର ମୃତପିଣ୍ଡକୁ ତୁମେ ଯେତେବେଳେ ଝିଅ ବୋଲି କହିଲଣି, ସେତେବେଳେ ତୁମେ ମୋର ମା’ ହୋଇଗଲ। ମା’ ହୋଇ କ’ଣ ଝିଅର ମଲା ଶରୀରକୁ କାଟି ରନ୍ଧନ କରି ତୁମ ସ୍ୱାମୀକୁ ଦେବ ?

ନାଁ..... ଚିତ୍କାର କରିଉଠିଥିଲେ ମନ୍ଦୋଦରୀ । ତାହା ମୁଁ କରିପାରିବି ନାହିଁ। ତୁ କିଏ, ମୋତେ କହ ମା’ । ତୋର ଏ ମୃତପିଣ୍ଡକୁ ମୁଁ କ’ଣ କରିବି ?

ମୋ କଥା ମୁଁ ତୁମକୁ କ’ଣ କହିବି ମା’। ମୁଁ କୁଶଧ୍ୱଜ ରାଜାଙ୍କର ଏକମାତ୍ର କନ୍ୟା । ନାମ ମୋର ବେଦମତୀ । ବିଷ୍ଣୁଙ୍କୁ ପତି ରୂପରେ ପାଇବା ପାଇଁ ମୁଁ ତପସ୍ୟା କରୁଥିବାବେଳେ, ତୁମ ସ୍ୱାମୀ ମୋତେ ବଳପୂର୍ବକ ବିବାହ କରିବାପାଇଁ ଆକର୍ଷଣ କରିବାରୁ ମୁଁ ଏ ଶରୀର ଛାଡ଼ିଦେଇଛି । ମୋର ଦୁଃଖ ମୁଁ ଆଉ କ’ଣ କହିବି । ଏବେ ତୁମର ଯାହା ଇଚ୍ଛା ତାହା କର ।

ମୋ କଥା ଶୁଣି ମନ୍ଦୋଦରୀ କହିଥିଲେ, “ମୋ ପତି ରାବଣ ଅତ୍ୟାଚାରୀ ବୋଲି ମୁଁ ଜାଣେ, ହେଲେ ସେ ଯେ ନାରୀ ମାଂସ ଲୋଭୀ ତାହା ମୁଁ ଜାଣିନଥିଲି ଝିଅ । ତୋତେ ଝିଅ ବୋଲି ଯେତେବେଳେ ମାନିନେଇଛି, ‘ତୋ ପାଇଁ ମୁଁ ନିଶ୍ଚୟ କିଛି କରିବି । ମୁଁ ମନ୍ଦୋଦରୀ । ପତିବ୍ରତା ସତୀ ନାରୀଟିଏ । ମୋର ଯଦି କିଛି ପୁଣ୍ୟବଳ ଥିବ ତାହେଲେ ତୋର ଏ ମୃତ ଶରୀର ଏକ ଶିଶୁକନ୍ୟାର ରୂପନେବ । ତୁ ସେହି ଶିଶୁକନ୍ୟା ଦେହରେ ବିରାଜିବୁ । ମୁଁ ତୋତେ ମଞ୍ଜୁଷାରେ ପୂରାଇ ସମୁଦ୍ରରେ ଭସାଇଦେବି।’

ମନ୍ଦୋଦରୀର ପୁଣ୍ୟବଳରୁ ମୋର ମୃତପିଣ୍ଡ ଏକ ଶିଶୁକନ୍ୟାର ରୂପ ନେଇଥିଲା। ସହସା ସେ ଏକ ମଞ୍ଜୁଷା ଆଣି, ତହିଁରେ ମୋତେ ପୂରାଇ ସମୁଦ୍ରରେ ଭସାଇ ଦେଇଥିଲେ । ମଞ୍ଜୁଷା ଭାସିଭାସି କୂଳରେ ଲାଗି ପୋତି ହୋଇଯାଇଥିଲା । ଏମିତି ଏମିତିରେ ବିତି ଯାଇଥିଲା କିଛି ଦିନ । ଏକଦା ମୋର ପିତା ଜନକ ଋଷି ଯଜ୍ଞ କରିବା ପାଇଁ ସ୍ୱର୍ଣ୍ଣଲଙ୍ଗଳରେ ଭୂମି ଦହନ କରୁକରୁ ତାଙ୍କ ଲଙ୍ଗଳ ମୁନରେ ମଞ୍ଜୁଷା ଲାଗି ମାଟି ଉପରକୁ ଉଠିଆସିଥିଲା । ପିତା ମୋର ଆଶ୍ଚର୍ଯ୍ୟ ହୋଇ ମଞ୍ଜୁଷା ଖୋଲି ମୋତେ ଦେଖି ହତବାକ୍ ହୋଇ ଯାଇଥିଲେ। ଏ କି ବିଚିତ୍ର କଥା । ମଞ୍ଜୁଷା ଭିତରେ ଶିଶୁକନ୍ୟାଟିଏ । ତାଙ୍କୁ ଦେଖି ମୁଁ କାନ୍ଦି ପକାଇଥିଲି । ମୁଁ କୁଆଁକୁଆଁ ରାବ କରନ୍ତେ ସେ କହିଥିଲେ କାନ୍ଦନା, କାନ୍ଦନା ଲୋ ସୀତା, ମୁଁ ତୋର ପିତା ।

ସୀତା, ସୀତା ବୋଲି ମୋତେ କାହିଁକି ସମ୍ବୋଧନ କଲେ ମୋର ପିତା ! ମୋତେ କୋଳରେ ଧରି ଆନନ୍ଦରେ ଅଧୀର ହୋଇ ସେ କହିଥିଲେ, ଲଂଗଳ ମୁନରୁ ତୋର ଜନ୍ମ। ଲଙ୍ଗଳରେ ଲାଗିଥିବା ସୁବର୍ଣ୍ଣ ଫାଳର ଅଗ୍ରଭାଗ ହେଉଛି ସୀତା । ତେଣୁ ତୁ ଆଜି ଠାରୁ ମୋର, ‘ଝିଅ ସୀତା’ । ଆନନ୍ଦରେ ଅଧୀର ମୋର ପିତା ମୋତେ ମିଥିଳା ରାଜ୍ୟକୁ ନେଇ ଯାଇଥିଲେ । ଧୀରେଧୀରେ ପିତାମାତାଙ୍କ ସ୍ନେହ ଆଦର ପାଇ ପୂର୍ଣ୍ଣିମାର ଚନ୍ଦ ଭଳି ବଢ଼ିବଢ଼ି ମୁଁ ହେଲି ମିଥିଳାର ରାଜନନ୍ଦିନୀ । ନାମ ମୋର ହେଲା ‘ମୈଥିଳୀ’ । ଜନକ ରାଜାଙ୍କ କନ୍ୟା ହେତୁ ମୋତେ ଅନେକ ଡାକିଲେ ‘ଜାନକୀ’ । ମୋର ବେଦମତୀର ରୂପକୁ ଲୋକେ ଯେମିତି ପ୍ରଶଂସା କରୁଥିଲେ, ମୋର ସୀତା ରୂପକୁ ଆହୁରି ଅଧିକ ପ୍ରଶଂସା କଲେ । ମୁଁ କୁଆଡ଼େ ଏମିତି ଗୋଟାଏ ଝିଅ, ମୋ ରୂପ ସହିତ ବିଶ୍ୱର କୌଣସି ସୌନ୍ଦର୍ଯ୍ୟ ବସ୍ତୁ ତୁଳିତ ହୋଇପାରିବ ନାହିଁ ବୋଲି ମୋର ପିତା, ମାତା, ଜ୍ଞାତି, ବନ୍ଧୁ, ସଖୀ, ସହଚରୀମାନେ କହୁଥିଲେ । ମୋର ବୟସ ହେବାରୁ ପିତା ମୋର ସ୍ୱୟମ୍ବର ରଚନା କଲେ । ସେ ସ୍ୱୟମ୍ବରକୁ ସହସ୍ର ସହସ୍ର ରାଜକୁମାର ଆସିଥିଲେ । ପିତା ମୋର ସ୍ୱୟମ୍ବରରେ ପାତିଥିଲେ ଅମୋଘଧନୁ । ସବୁ ରାଜକୁମାର ଧନୁ ଉତ୍ତୋଳନରେ ବିଫଳ ହୋଇଥିଲେ । ଏପରିକି ଦୁରାଚାରୀ, ପାପାଚାରୀ ରାବଣ ମଧ୍ୟ ମୋ ସ୍ୱୟମ୍ବର ସଭାରେ ଉପସ୍ଥିତ ହୋଇ, ଧନୁକୁ ଉଠାଇ ନପାରି ଅପମାନିତ ହୋଇ ଫେରିଯାଇଥିଲା । ଶେଷରେ ଶ୍ରୀରାମ ମୋ ପିତା ପାତିଥିବା ଅମୋଘ ଧନୁରେ ଗୁଣ ଦେଇ ମୋତେ ଲାଭ କଲେ । ସେହିଦିନୁ ମୁଁ ହେଲି ରାମର ସୀତା । ରଘୁବଂଶର ବଧୂ, ଅଯୋଧ୍ୟାର ରାଜରାଣୀ ସୀତା । ମୋର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ, ମୁଁ ବିଦେହ ରାଜକନ୍ୟା ହୋଇଥିବା ହେତୁ ସ୍ୱାମୀ ମୋର ସ୍ନେହରେ ମୋତେ ‘ବୈଦେହୀ’ ନାମରେ ଡାକିଲେ । ତାଙ୍କ ସହିତ ଅଯୋଧ୍ୟାରେ କିଛିଦିନ ରାଜବଧୂର ସମ୍ମାନ ପାଇ ଆନନ୍ଦରେ ହଜି ଯାଇଥିବାବେଳେ ସେ ପିତୃସତ୍ୟ ପାଳି ବନକୁ ବାହାରିଥିଲେ । ମୋତେ ସାଂଗରେ ଆଣିବାକୁ ସ୍ୱାମୀ ମୋର ଚାହୁଁନଥିଲେ । ମୁଁ କିନ୍ତୁ ମୋ ଶାଶୁଶଶୁରଙ୍କୁ ମନାଇ ତାଙ୍କ ସହ ବନଯାତ୍ରିଣୀ ହୋଇଥିଲି । କିଛିଦିନ ବନରେ ତାଙ୍କ ସହ ବିତାଇଛିକି ନାହିଁ ସ୍ୱର୍ଣ୍ଣମୃଗ ମାୟାରେ ପଡ଼ି ମୁଁ ସେହି ପୂର୍ବର ପାପାଚାରୀ ରାବଣ ଦ୍ୱାରା ହେଲି ଅପହୃତା । ଅନେକ ଦୁଃଖ ସହି ପାରାବାର ଲଂଘି, ରାବଣ ସହ ଘୋର ଯୁଦ୍ଧରେ ତାକୁ ବିନାଶ କରି, ଚଉଦବର୍ଷ ବନବାସ ଯାତ୍ରା ସମାପ୍ତ କରି ଅଯୋଧ୍ୟା ଫେରି ସ୍ୱାମୀ ମୋର ଅଯୋଧ୍ୟା ନଗର ରାଜା ହୋଇଥିଲେ । ମୁଁ ହୋଇଥିଲି ରାଜରାଣୀ । ରାଜ୍ୟାଭିଷେକ ଦିନ ସେ ଶପଥ କରିଥିଲେ, ପ୍ରଜାଙ୍କ ପାଇଁ ରାଜାର ସିଂହାସନ । ପ୍ରଜାଙ୍କ ରକ୍ତକଣିକାରେ ରାଜାର ସିଂହାସନ ନିର୍ମିତ । ପ୍ରଜାଙ୍କ ସୁଖ ପାଇଁ ରାଜା, ଦୁଃଖ ପାଇଁ ନୁହେଁ । କୌଣସି ପ୍ରଜା ଚକ୍ଷୁରେ ସେ ଅଶ୍ରୁ ଦେଖିବେ ନାହିଁ । ପ୍ରଜାଙ୍କ ଦୁଃଖମୋଚନ ପାଇଁ ଆବଶ୍ୟକ ପଡ଼ିଲେ ନିଜ ପ୍ରାଣପ୍ରିୟା ପତ୍ନୀଙ୍କୁ ମଧ୍ୟ ବିସର୍ଜନ ଦେବେ ।

ଆଜି ପ୍ରଭୁ ଆପଣ ଆପଣଙ୍କ ପ୍ରତିଶ୍ରୁତି ପାଳନ କଲେ । ପ୍ରଜାଙ୍କ ମୁଖରୁ ନିନ୍ଦା ଶୁଣି ମୋତେ ପରିତ୍ୟାଗ କଲେ । ମୋତେ ପରିତ୍ୟାଗ କଲେ ମୋର ଦୁଃଖ ନାହିଁ ପ୍ରଭୁ । ହେଲେ ମୁଁ ଜାଣିପାରିଲି ନାହିଁ ସ୍ୱାମୀ! ମୋର ଦୋଷ କ’ଣ ? ମୋତେ ତାହା ଜଣାଇ ନିର୍ବାସନ ଦେଇଥିଲେ, ମୋ ସହିତ ଆପଣଙ୍କ ସମସ୍ତ ପ୍ରଜାକୁଳ ମଧ୍ୟ ଜାଣି ପାରିଥାନ୍ତେ ଏ ଅଭାଗିନୀର ଦୋଷ କ’ଣ ? କ’ଣ ପାଇଁ ଏ ନିର୍ବାସନ । ଅମୃତବଚନରେ ମୋତେ ମୋହିତ କରି, ଅନୁଜ ଲକ୍ଷ୍ମଣ ସହିତ ମୋତେ ବନ ଭ୍ରମଣରେ ପଠାଇ ଦେଲେ । ଆସିବାବେଳେ ହସିହସି କହୁଥିଲ, ଯାଅ ସୀତେ । ଅନେକ ଦିନରୁ ତୁମେ ମୋତେ ଆଶ୍ରମ ଦର୍ଶନର କଥା କହୁଥିଲ । ରାଜକାର୍ଯ୍ୟର ଭାର ହେତୁ ମୁଁ ତୁମ ସହିତ ଯାଇପାରୁ ନାହିଁ । ତୁମ ସହିତ ଲକ୍ଷ୍ମଣଙ୍କୁ ପଠାଇ ଦେଉଛି । ତୁମେ ଆଶ୍ରମରେ କିଛିଦିନ ରହି ଫେରିଆସିବ । ଏହିପରି ମଧୁର କଥା କହି ମୋତେ ଆପଣ ରଥରେ ବସାଇ ଦେଇଥିଲେ ପ୍ରଭୁ । ହେଲେ ମୁଁ ଆସିବାବେଳେ ଦେଖିଛି ଆପଣଙ୍କ ଓଠରେ ସେ ଶୁଖିଲା ହସ । ନୟନଯୁଗଳରେ ଆପଣଙ୍କର ଅଶ୍ରୁ ଭରି ଯାଇଥିଲା । ଆପଣଙ୍କର ଏପରି ଅବସ୍ଥା ଦେଖି ମୁଁ ପ୍ରଶ୍ନ କରିଥିଲି, “ପ୍ରଭୁ! ଆପଣ ଏମିତି ଭାଂଗି ପଡୁଛନ୍ତି କାହିଁକି ? ଆପଣଙ୍କ ଚକ୍ଷୁରେ ଅଶ୍ରୁ ।” ମୋ କଥା ଶୁଣି ଚକ୍ଷୁରୁ ଲୋତକ ପୋଛିଦେଇ ଆପଣ କହିଥିଲେ, “ନା ସୀତା ସେ ଅଶ୍ରୁ ନୁହେଁ । କିଛିଦିନ ପାଇଁ ତୁମେ ମୋତେ ଛାଡ଼ିଯାଉଛ ତ, ସେଇଥିପାଇଁ।”

ଆପଣଙ୍କ କଥା ଶୁଣି, ମୁଁ ରଥରୁ ଓହ୍ଲାଇ ଯିବାକୁ ଚାହୁଁଥିବାବେଳେ ଆପଣ ଲକ୍ଷ୍ମଣଙ୍କୁ ଇଂଗିତ ଦେଇଥିଲେ ରଥ ଚଳନା କରିବାକୁ। ଆଖି ପିଛୁଳାକେ ଲକ୍ଷ୍ମଣ ରଥ ବାହି ଚାଲିଲେ । ପଥ ମଧ୍ୟରେ ଲକ୍ଷ୍ମଣ ମଧ୍ୟ ମୋ ସହିତ ସେମିତି କିଛି ଆଳାପ କଲେନାହିଁ । ଲକ୍ଷ୍ମଣଙ୍କର ଗମ୍ଭୀର ଭାବରୁ ମୁଁ ଜାଣିଥିଲି, ଅଯୋଧ୍ୟାରେ କିଛି ଅଘଟଣ ଘଟିଛି, ଯାହା ମୋତେ ନଜଣାଇ ମୋ ସ୍ୱାମୀ ଆଶ୍ରମ ଦର୍ଶନରେ ମୋତେ ପଠାଇଦେଲେ ।

(କ୍ରମଶଃ)

♥ ଦର୍ଜୀ ପୋଖରୀ, ରାଣୀପାଟଣା, ବାଲେଶ୍ୱର

# କଲିକତାରେ କିଛି ଦିନ

### ଭୁବନାନନ୍ଦ ତ୍ରିପାଠୀ

କୁହାଯାଏ କଲିକତା ଓଡ଼ିଶାର ବଡ଼ ସହର। ଏହାର ଅର୍ଥ ହେଲା, ଓଡ଼ିଶାରେ ଯେତେ ବଡ଼ ବଡ଼ ସହର ଅଛି ସେହି ସହରମାନଙ୍କ ତୁଳନାରେ କଲିକତା ସହରରେ ଓଡ଼ିଆ ଲୋକଙ୍କ ସଂଖ୍ୟା ତା’ଠାରୁ ଅଧିକ। ଉଦାହରଣ : ଭୁବନେଶ୍ୱର ସହରରେ ମୋଟ ଜନସଂଖ୍ୟା ୧୨ଲକ୍ଷ ହୋଇଥିବାବେଳେ କଲିକତା ସହରରେ ଓଡ଼ିଆ ଭାଷୀ ଲୋକଙ୍କ ସଂଖ୍ୟା ପ୍ରାୟ ୧୫ଲକ୍ଷ।

କଲିକତା ସହିତ ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳ ଯଥା ଅବିଭକ୍ତ କଟକ ଜିଲ୍ଲା, ଅବିଭକ୍ତ ବାଲେଶ୍ୱର ଜିଲ୍ଲ ଏବଂ ମୟୂରଭ ଜିଲ୍ଲାର ବେପାରୀମାନେ ଭଲଭାବେ ସଂପୃକ୍ତ। ସେମାନେ କଲିକତା ମାର୍କେଟରୁ ମାଲ ନେଇ ନିଜ ଅଞ୍ଚଳରେ ବିକ୍ରି କରିଥାଆନ୍ତି। କଲିକତାରେ ପାନ ଦୋକାନ, ଖାଇବା ହୋଟେଲ, ରୋଷେୟା, ମାଳି, ପାଇପ୍ ମିସ୍ତ୍ରୀ ଓ କଲକାରଖାନାର ଶ୍ରମିକ ଶ୍ରେଣୀ ଭିତରେ ଓଡ଼ିଆ ଭାଷୀ ଲୋକମାନଙ୍କର ସଂଖ୍ୟା ଅଧିକ।

କଲିକତା ସହିତ ପ୍ରଥମ ସଂପର୍କ ହେଲା ଯେତେବେଳେ ‘ସେଲ୍’ କମ୍ପାନୀର ଖଣି ବିଭାଗରେ ମୋର ପୋଷ୍ଟିଂ ହେଲା। କିରିବୁରୁ, ବଲାଣି ଏବଂ ଟେନ୍‌ସା ଲୁହାଖଣିରେ ଚାକିରୀ କରୁଥିବାବେଳେ ଖଣି ବିଭାଗର ମୁଖ୍ୟାଳୟ କଲିକତାର କାମାକଷ୍ଟ୍ରିଟ୍‌ସ୍ଥିତ ଅଫିସକୁ ଅନେକବାର ଆସିବାକୁ ପଡୁଥିଲା। ବଡ଼ ଝିଅର ବିବାହ ପରେ ସେ ଆସି କଲିକତାରେ ରହିବା ଫଳରେ କଲିକତା ଯିବା ଆସିବା ବଢ଼ିଗଲା। ଯୋଗକୁ ଅବସର ନେବାପରେ ମୋର ସ୍ଥାୟୀ ରହଣୀ ଭୁବନେଶ୍ୱର, କଲିକତାରୁ ମାତ୍ର ୬ଘଣ୍ଟାର ବାଟ।

କରୋନା ଲାଗି ଦୁଇ ବର୍ଷ ଧରି କଲିକତା ଯିବା ଆସିବା ବନ୍ଦ ହୋଇଯାଇଥିଲା। ଏଥର ପ୍ରାୟ ୪ବର୍ଷ ପରେ ଏବେ କିଛିଦିନ ପାଇଁ କଲିକତା ଆସିଥିଲି। ବିଶେଷ କିଛି କାମ ନଥିଲା, କେବଳ ଝିଅ ଜୋଇଁ ଏବଂ ନାତୁଣୀ ସହିତ ସମୟ କଟାଇ ଆସିବା ଥିଲା ଉଦ୍ଦେଶ୍ୟ। ଝିଅ ଘର କଲିକତା ସହରର ବାଂଶଦ୍ରୋଣୀ ଅଞ୍ଚଳରେ। ସେମାନେ ଗୋଟିଏ ଫ୍ଲାଟ କିଣି ରହୁଛନ୍ତି।

ବାଂଶଦ୍ରୋଣୀ ଏରିଆଟି ଦକ୍ଷିଣ କଲିକତାର ଗୋଟିଏ ଖାଲୁଆ ଅଞ୍ଚଳ ଥିଲା। ପଚାଶ ବର୍ଷ ପୂର୍ବେ ଏଠାରୁ ପରିବା, ମାଛ ଓ ଶ୍ରମିକ ଯାଉଥିଲେ କଲିକତା ସହରକୁ। ଏବେ ଏଠାରେ ଜନବସତି ଗଢ଼ିଉଠିଛି। ଆଗେ ଛୋଟ ଛୋଟ ଟାଇଲ ଘର, କାଦୁଅ ପାଣିର ରାସ୍ତା ଥିଲା। ଏବେ ଦୁଇ ତିନି ମହଲା ବିଶିଷ୍ଟ କୋଠାଘର ଏବଂ ପାଞ୍ଚ ଛଅ ମହଲାର ବଡ଼ ବଡ଼ ଅଟ୍ଟାଳିକା ତିଆରି ହେବାପରେ ଏହା କଲିକତା ସହରର ଅନ୍ୟ ଅଞ୍ଚଳ ସଦୃଶ ଆକର୍ଷଣୀୟ ହୋଇପଡ଼ିଛି। ଅତୀତର ଚିହ୍ନ ଭାବେ ରହିଛି, କ୍ରିଷ୍ଟାଗ୍ଲାସ, ସୁଲେଖା ଫାକ୍ଟରୀ ଏବଂ ଭାଣ୍ଡପୁଖୁର ଆଦି କୋଟୋଟି ଭଙ୍ଗାଘର ଏବଂ ପୁରୁଣା ପୋଖରୀ।

ଏଥର କଲିକତା ରହଣି ଥିଲା ଆଠ ଦିନର। ଦିନେ ଆସିବା, ଦିନେ ଫେରିବା ଏବଂ ମଝିରେ ଛଅଦିନ ସମୟ। ତା’ଭିତରୁ ଗୋଟିଏ ଦିନ ଥିଲା ଚୈତନ୍ୟଙ୍କ ଜନ୍ମପୀଠ ମାୟାପୁର ଭ୍ରମଣ ଏବଂ ଆଉ ଗୋଟିଏ ଓଳି ଥିଲା ଖିଦିରିପୁର ସ୍ଥିତ ଜଗନ୍ନାଥ ମନ୍ଦିର ଦର୍ଶନ। ଗୋଟିଏ ଓଳି ଶ୍ରୀ ଶ୍ରୀ ଠାକୁରଙ୍କ କେନ୍ଦ୍ରକୁ ଯାଇ କଟାଇଥିଲୁ ଓ ଦୁଇଦିନ କଟିଥିଲା ସ୍ଥାନୀୟ ମାର୍କେଟରେ କିଣା କିଣିରେ।

ଏଥର ରହଣି ଭିତରେ କଲିକତା ସମ୍ବନ୍ଧୀୟ ଯେଉଁ କେତୋଟି ବିନ୍ଦୁ ମନକୁ ଛୁଇଁଥିଲା ସେଗୁଡ଼ିକ ତଳେ ଉଲ୍ଲେଖ କରୁଛି।

**ସଂଘ ଶାଖା :** ଏଠି ଦିନେ ପ୍ରାତଃଭ୍ରମଣରେ ଯାଉ ଯାଉ ଗୋଟିଏ ପଡ଼ିଆରେ ୧୦-୧୨ଜଣ ତରୁଣଙ୍କୁ ଏକାଠି ହୋଇଥିବା ଦେଖିଲି। ମାଟିଆ ହାପ୍ ପ୍ୟାଣ୍ଟ ପିନ୍ଧା ଯୁବକ ଏବଂ ପାଖରେ ରଖାଯାଇଥିବା ଦଣ୍ଡ (ବାଉଁଶବାଡ଼ି)କୁ ଦେଖି ବୁଝିପାରିଲି ଯେ, ଏମାନେ ସଂଘର ସ୍ୱୟଂସେବକ। ପାଖକୁ ଯାଇ ଚିହ୍ନା ଦେଲି। ତାଙ୍କ ଭିତରେ ଥିବା ବିସ୍ତାରକ ବନ୍ଧୁ ବିଶ୍ୱନାଥ ମହାନ୍ତ ଶ୍ରଦ୍ଧାର ସହିତ ମୋତେ ସଂଘ ନିବାସକୁ ଆମନ୍ତ୍ରଣ କଲେ। ସେଠାରେ ଦେଖିଲି ଆଉ ୫ଜଣ ସ୍ୱୟଂସେବକ ରହୁଛନ୍ତି ଏବଂ ଜଣେ ପ୍ରଚାରକ ମଧ୍ୟ ରହୁଛନ୍ତି। ଘରଟି ସଂଘର ନିଜଘର। ଏହି ଅଞ୍ଚଳରେ କିନ୍ତୁ ହିନ୍ଦୁ ସଂଗଠନର ସମର୍ଥକଙ୍କ ସଂଖ୍ୟା ବହୁତ କମ୍। ଶାଖାରେ ଉପସ୍ଥିତି ୪-୫ଜଣ ଏବଂ ଉତ୍ସବରେ ଉପସ୍ଥିତି ମାତ୍ର ୨୦ଜଣ।


ସମୟ ଥିଲା, ଦକ୍ଷିଣ କଲିକତା ଅଞ୍ଚଳ ହିନ୍ଦୁତ୍ୱର ଗଡ଼ ଥିଲା। ୧୯୫୨ ମସିହାରେ ଏହି ଅଞ୍ଚଳରୁ ଡ଼ଃ. ଶ୍ୟାମପ୍ରସାଦ ମୁଖାର୍ଜୀ ଲୋକସଭା ସଦସ୍ୟଭାବେ ଜନସଂଘ ଦଳ ତରଫରୁ ବିଜୟ ଲାଭ କରିଥିଲେ। ସେତେବେଳେ ଏ ଅଞ୍ଚଳ ପୂର୍ବ ବଙ୍ଗରୁ ସଦ୍ୟ ଆସିଥିବା ହିନ୍ଦୁ ଶରଣାର୍ଥୀଙ୍କ ଦ୍ୱାରା ଭରପୁର ଥିଲା। ଘର, ଚାକିରୀ, ସମ୍ପତ୍ତି ଓ ବେପାର ହରାଇ ସେମାନେ ଶୂନ୍ୟହସ୍ତରେ ପଳାଇ ଆସି ଭାରତ ବର୍ଷରେ ଶରଣାର୍ଥୀର ଜୀବନ କଟାଉଥିଲେ। ସେ ସମୟର ପିଢ଼ୀ ଏବେ ନାହାଁନ୍ତି। ନୂଆ ପିଢ଼ୀ ବାପା-ଅଜାଙ୍କର ପୁରୁଣା ଦୁଃଖ ପାଶୋରି ଗଲେଣି। ସେମାନେ ଏବେ ଫୁଟବଲ ଖେଳରେ ମସ୍ତ, ଜୀବନ ଜୀବିକାରେ ବ୍ୟସ୍ତ ଏବଂ ଦିଦିଙ୍କର ଭୟରେ ତ୍ରସ୍ତ ହୋଇରହିଛନ୍ତି।

**ସରଳ ଜୀବନ :** ସହରର ଉପାନ୍ତ ଅଞ୍ଚଳ ହୋଇଥିବାରୁ ଏବଂ ଶରଣାର୍ଥୀର ପୃଷ୍ଠଭୂମି ରହିଥିବାରୁ ଏଠି ସାଧାରଣ ମଣିଷ ବେଶ୍ ସରଳ। ରିକ୍ସାରେ ଯିବା ଆସିବା, ସାଧାରଣ ବେଶଭୂଷା, ଭାତ ମାଛର ଭୋଜନ, ନିମ୍ନମଧ୍ୟବିତ୍ତ ଘରସଜ୍ଜା ଆଦି ଦେଖିଲେ ବୁଝାପଡ଼େ ଯେ ଏଠିକାର ମଣିଷ ଦୁଃଖ ଓ ଅଭାବକୁ ପିଠିରେ ପକାଇ ଚାଲିଛନ୍ତି। ତା’ରି ଭିତରେ ଧାଡ଼ିକରି ଚାଲିବା, ନୂଆ ଲୋକଙ୍କୁ ବାଟ ବତାଇଦେବା, ଅଳ୍ପରେ ଚଳିଯିବା ଆଦି ଦୃଶ୍ୟ ଦେଖିଲେ ଏଠିକା ବାସିନ୍ଦାମାନଙ୍କ ପ୍ରତି ଶ୍ରଦ୍ଧାଭାବ ଜାଗିଉଠେ। ଦେଶ ବିଭାଜନ ଫଳରେ ଶରଣାର୍ଥୀମାନେ ଦୁଃଖ ସହିବା ଶିଖିଗଲେ, ଏବଂ ଏମାନଙ୍କ ଭିତରେ ପରିଶ୍ରମର ଅଭ୍ୟାସ ବଢ଼ିଯାଇଛି। ଏସବୁ ସତ୍ତ୍ୱେ ବଙ୍ଗାଳୀ ଭାଇମାନଙ୍କର ମାଛ ପ୍ରୀତି, ମିଷ୍ଟି କିଣା, ସିଗ୍ରେଟ ଫୁଙ୍କା ଏବଂ ଲମ୍ବେଇ କରି କଥା କହିବା ଶୈଳୀ ପୂର୍ବପରି ରହିଛି।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଆମ ସମୟର କବିତା.....

### ॥ ଉତିଷ୍ଠତ ॥
**କୀର୍ତ୍ତନ ଦାଶ**



କୁଆର ରାବରେ
ଅନ୍ଧାର ହଟିଯାଏ
ସୂର୍ଯ୍ୟ ଉଏଁ ନିଦ୍ରା ତେଜି
ଜାଗ୍ରତ ହୁଏ ସଚରାଚର ମହୀ,

କୁଆମାନେ ଶୋଇପଡ଼ିଲେ
ଶୋଇପଡ଼ନ୍ତି ମଣିଷମାନେ
ଶୋଇପଡ଼େ ସମାଜ
ପୁଣି କୁଆର କା’ ଶୁଣିବା ଯାଏ।

ହାୟ;
କୁଆମାନେ ଶୋଇପଡ଼ିଛନ୍ତି
ବହୁକାଳ ହେଲା
ଟଙ୍କିକିଆ ଚାଉଳ ନିଶାରେ
ନିର୍ବାକ୍
ନିସ୍ତେଜ
ନିଶ୍ଚେଷ୍ଟ
ସମଗ୍ର ଯୁବ ସମାଜ

ଖାଲି ଅନ୍ଧକାର ଭିତରୁ ଶୁଭୁଛି
ପ୍ରେତମାନଙ୍କର ଚିତ୍କାର
ଜିନ୍ଦାବାଦ, ଜିନ୍ଦାବାଦ
ଜୟ ଜୟକାର।

କେତେକାଳ ଆଉ
ଶୋଇ ରହିବରେ କୁଆମାନେ
ଇନ୍ଦିରା ଆବାସ ଭିତରେ
ଟଙ୍କିକିଆ ଭାତ ଖାଇ
ସ୍ୱପ୍ନ ଦେଖୁଥିବ କାଳିଆ, ବଳିଆ ଟଙ୍କାର

ସୂର୍ଯ୍ୟ ଅପେକ୍ଷା କରିଛି
ରାତି ବି ଅଳସ ଭାଙ୍ଗୁଛି
କା’ କା’ ରାବରେ
ଚତୁର୍ଦ୍ଦିଗ ପ୍ରକମ୍ପିତ କରରେ କୁଆମାନେ
ଉତିଷ୍ଠତ, ଜାଗ୍ରତ, ପ୍ରାପ୍ୟ ବରାନ୍
ନିବୋଧତ।

♥ ମାର୍କୋଣା, ବାଲେଶ୍ୱର
(ମୋ) ୯୪୩୭୬୯୨୫୫୨

### ॥ ନୂଆବର୍ଷ: ଗୋଟେ ଗଙ୍ଗଶିଉଳି ଫୁଲ ॥
**ସୁବ୍ରତ କୁମାର ସେନାପତି**



ତୁମେ ମାନ କି ନମାନ
ନୂଆବର୍ଷ ମୋତେ
ଗଙ୍ଗଶିଉଳି ଫୁଲ ପରି ଲାଗେ
ଡିସେମ୍ବର ଏକତିରିଶର
ଚିକମିକ ରାତି ଭିତରେ
ମୁଁ ଦେଖେ ତା ଶୁଭ୍ର ପାଖୁଡ଼ାରେ
କେମିତି ନେସି ହୋଇ ଯାଉଥାଏ
ବହଳ ବହଳ ଅନ୍ଧାର
ଶୁଖିଲା ପତ୍ର ପରି ପଡ଼ିରହିଥାଏ
ସ୍ୱପ୍ନ ସବୁର ମୁର୍ଦ୍ଦାର ।

ତୁମେ କୁହ ତା ବାସ୍ନା
ପବନରେ ମିଶିଯାଇ
ଦେଖ ଓଲଟାଇ ଦେଉଛି କ୍ୟାଲେଣ୍ଡର
ହେଲେ ସେ ସକଳ ସୁଗନ୍ଧି ଭିତରେ
ମୁଁ ଦେଖେ
ଅସହାୟତାର ବିଚିକିଚିଆ ଗନ୍ଧରେ
ଅସଂଖ୍ୟ କ୍ଷତ ଉପରେ
ସେ କେମିତି ଘୋଡାଇ ଦେଉଥାଏ
ଶାନ୍ତିର ମଖମଲ ଚାଦର ।

ଦେଖ ଦେଖ
ଆଉ ଟିକେ ନିରିଖେଇ ଦେଖ
ତା ଦୂର୍ବଳିଆ ଡାଳରେ
କେମିତି ଓହଳି ପଡିଚି
ଗୁରୁବାରୀର ରକ୍ତଭିଜା ଅନ୍ତର୍ବାସ
ଅସୁମାରୀ କୋହକୁ ଚାପି
ଝରିଯିବା ଆଗରୁ ଛୁପିଛୁପି
ସେ କହୁଚି
ନରେ ବା ଗୁଞ୍ଜରେ ‘ଅଶ୍ୱତ୍ଥାମା ହତ’ ।

ରାତିର ଶେଷତମ ଅନ୍ଧାରରେ
ଗହଗହ ଆଲୁଅରେ
କେତେକେତେ ବାହାପିଆ
ଦିହୁଡ଼ିଆଙ୍କ ଡାକରେ
ବାର୍ଣ୍ଣିସ ଢଳା ନୂଆବର୍ଷଟିଏ ଆସେରେ
ଶୋକର ମହାର୍ଣ୍ଣବରେ
ତା ଛିନ୍ନ ଭିନ୍ନ ପାଖୁଡ଼ା ସବୁ
ଆସ୍ତେ ଆସ୍ତେ ନିଶ୍ଚିହ୍ନ ହୋଇ ଯାଏରେ।

♥ ଖାରବେଳ
ହଷ୍ଟେଲ,ଓୟୁଏଟି,ଭୁବନେଶ୍ୱର
ମୋ :୭୯୭୮୧୬୮୧୯୩



### ॥ ଚିତ୍ରକାରର ଚିତ୍ର ॥
**ପ୍ରଦୀପ୍ତ କୁମାର ବେହୁରା**

ଅଜବ ଲାଗୁଥିଲା
ସେ ଚିତ୍ରକାରର ଚିତ୍ର ।

ଉଦିତ ସୂର୍ଯ୍ୟର ଚିତ୍ର ଆଙ୍କିଲା ତ
ଦିଶିଲା ଅସ୍ତଗାମୀ ସୂର୍ଯ୍ୟ ପରି
ମଣିଷ ଚିତ୍ର ଆଙ୍କିଲା ତ
ଦିଶିଲା ବାନର ଭଳି
ରଙ୍ଗ, ତୂଳୀକୁ ରାଗିକି
ଛାଟିଦେଲା ତ
କାନଭାସ୍‌ରେ ଚିତ୍ରଟି ଦିଶିଲା
ତା ନିଜ ମୁହଁ ପରି।
ଗୋଟେ ବିଶ୍ୱାସଘାତକର ଚିତ୍ର
ଗୋଟେ ସ୍ୱାର୍ଥପରର ଚିତ୍ର
ଗୋଟେ ଅହଂକାରୀର ନିପୁଣତା
ଗୋଟେ କପଟୀର କପଟତା ।

ନାଟକର ଶେଷ ଦୃଶ୍ୟ ପରି
ଥିଲା ସେ ଚିତ୍ର।
ଖଳନାୟକର ଅନ୍ତ ଘଟୁଥିଲା
ଚିତ୍ରଟି ବିଭତ୍ସ ଦିଶୁଥିଲା ।

ସବୁ ଅହମିକାର
ଇତି କ’ଣ ଏୟା !
ସବୁ ବେରଙ୍ଗର
ଭାଗ୍ୟ କ’ଣ ଏୟା !!

ଚିତ୍ରକାର ଆଉ ଚିତ୍ର ଆଙ୍କିପାରୁ ନ ଥିଲା
ସବୁ ଚିତ୍ର ଏକା ଭଳି ଲାଗୁଥିଲା
ସେ ନିଜେ ସେଥିରେ ପ୍ରକଟିତ ହେଉଥିଲା।

♥ ବି.ଏଲ୍-୮, ଭି.ଏସ୍.ଏସ୍ ନଗର
ଭୁବନେଶ୍ୱର-୧୦
ମୋ: ୯୯୩୭୪୭୬୧୭୩

### ॥ ଅମାବାସ୍ୟାର ଝୋଟି ॥
**ପୂର୍ଣ୍ଣ ଦାସ**



ଦୁଃଖ ପ୍ରିୟତମା ନଈକୂଳ ଗାଆଁ
ହଳଦୀ ମଲୁଖ ବାସ,
ଦୁଃଖ ଛିନ୍ନଗୁଡ଼ି ଆକାଶରେ ଉଡ଼ି
ଖସି ଛୁଏଁ ସୁନାକ୍ଷେତ ।

ପିଇଦେଲି ବୋଲି ପ୍ରୀତିର ମଦିରା
ଟଳମଳ ହେଲା ପାଦ,
ହାଏରେ ଦଇବ ଏଇଟିକ ପାଇଁ
ଦେଲୁ ଏତେ ଅପବାଦ ।

ତୁଉ ମୋ ଦୁଃଖର ଶାଣଦିଆ ଧାର
ଛୁରୀ ପରି ଚିରୁ ଛାତି,
ବିଜୁଳୀ ଶିହରା ମୌନ ଆକାଶ ତୁ
ମୁଁ ଅମାବାସ୍ୟାର ରାତି ।

ନିର୍ଜନ ନିଶିର ନଈଗୀତ ତୁ, ମୁଁ
ଉଦାସୀ ଅଶିଣ ଜହ୍ନ,
ଅନିଶାରେ ତୁଉ ଅଧାମେଲା ଆଖି
ମନ ତୋ ଚମ୍ପକବନ ।

ଦୁଃଖରେ ଜୀଉଛି ରାଜାପୁଅ ପରି
ଦୟାରେ ଦେଏନି ଖୁସି,
ତୋ’ ଦିଆ ଖୁସି ଦୁଃଖଦିଏ ବେଶୀ
ହସେ ଏକାଏକା ବସି ।

♥ କଣ୍ଟାବଣିଆ,ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର - ୭୫୫୦୧୩
(ମୋ) ୯୩୩୭୫ ୪୮୮୯୩

### ॥ ସନ୍ତପ୍ତା ବସୁନ୍ଧରା ॥
**ପ୍ରିୟଙ୍କା ପ୍ରିୟଦର୍ଶନୀ ଦାସ**



ପାଖେ ଅଛି ଏଠି ଫାଟେ ଯା’ର ପିଠି
କ୍ରୁର ମନୁଜ ପ୍ରହାରେ,
ଜ ଗତର ହିତସାଧେ ସେ ନିରତ
ବିନା ସଲିଳ ଆହାରେ।

ଉନ୍ମୁକ୍ତ ଧମନୀ ଶୋଣିତ ତଟିନୀ
ବହେ ତା’ର କାୟା ଦେଇ,
ବଚନ ମଧୁର କରେ ସେ ସଞ୍ଚାର
ଦୁଃଖ ତା’ର କାଳଜୟୀ।

କାଚ ଓ କାଞ୍ଚନ ତା ଲାଗି ସମାନ
ଯୁଗେ ଯୁଗେ ନିର୍ବିକାର,
ଚାହେଁ ସେ ଅଦିତି ହର ତା ଦୁର୍ଗତି
ରୂପହୀନ ରୂପକାର।

ଉଚାଟେ ବାତୁଳି ସେ ହୀନ କପାଳୀ
ମାଗେ ନିଜ ପୂର୍ଣ୍ଣରୂପ,
ଦେଖି ତା ଦୁର୍ଗତି ଭାଳେ ଦିନପତି
କଳି କି ହୋଇଲା ଶାପ ?

ହତାଶାକୁ ହରି ଅନ୍ନ ବସ୍ତ୍ର ଭରି
ଯେ ଦିଏ ଜୀବ ଆୟୁଷ,
କାନ୍ଦି ଉଠେ ସିଏ କେବେ ଯଦି କିଏ
କରେ ତା’ର ଅପଯଶ।

ଯୋଡ଼ି ଦିଅ ତା’ର ପ୍ରତ୍ୟଂଶ ନିକର
ଛିନ୍ନ ଯା’ ରିପୁ ରଦନେ,
ତା ମୃଦୁ ସମ୍ଭାଷେ ପୀରତି ସୁବାସେ
ଉଲ୍ଲାସ ଖେଳୁ ଭୁବନେ।

♥ ସହଦେବଖୁଣ୍ଟା,ବାଲେଶ୍ୱର
ପିନ୍-୭୫୬୦୦୧
(ମୋ) ୭୭୮୮୯୭୭୨୭୬

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୩୦ ଅପ୍ରେଲ ୨୦୨୩



## ପ୍ରେମରେ ପ୍ରେମରେ ଗୀତି ....(୮୭)



### ॥ ତୁ ମୋ'ର ଟିକି ଚଢ଼େଇ ॥

■ ବିପିନ ମହାନ୍ତି




ତୁ ମୋର ଟିକି ଚଢ଼େଇ !
ପଢ଼େଇଲି ଯେତେ ପ୍ରେମ ପାଠ ତୋତେ
ତୁଣ୍ଡରେ ଧଇଲୁ ନାହିଁ।

ରହିବାକୁ ଦେଲି ସୁନାର ପଂଜୁରି
ଖାଇବାକୁ ଭରା ଦାନା,
ଖୋଲା ଆକାଶର ଚଢ଼େଇ ତୁ ବୋଲି
ସବୁ କରିଦେଲୁ ମନା,
ତୋ' ଆକାଶ ତୋତେ ପ୍ରେମଠାରୁ ବଡ଼
ଦେଲି ମୁଁ ତୋତେ ଉଡ଼େଇ।

ସେହି ଦିନଠାରୁ ସେ ସୁନା ପଂଜୁରି
ପଡ଼ିଥିଲା ସାଥୀ ଫାଙ୍କା,
ଦିନେ ମୁଁ ଦେଖିଲି ଉଡ଼ିଆସି କାହୁଁ
ବସି ମେଣ୍ଟାଉଛୁ ଥକ୍କା,
ଯେତେ ଉଡ଼ାଇଲି ଉଡ଼ିଲୁ ତୁ ନାହିଁ
କହିଲୁ ଟିକିଏ ପର ଝାଡ଼ିଦେଇ
ପ୍ରେମଠାରୁ ବଡ଼ ଆକାଶ ବା କାହିଁ
ମୁଁ ପରା ତୋ' ଟିକି ଚଢ଼େଇ
ଦେ ମୋତେ ପ୍ରେମ ପାଠ ପଢ଼େଇ।

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କିଏ ଉତ୍ତରଦାୟୀ ?

### ସୁବ୍ରତ ପଟ୍ଟନାୟକ



ବିଧାନସଭା ଅଧିବେଶନ ସମୟରେ କେତେକ ବିଧାୟକ ପ୍ରଶ୍ନ କରିଥିଲେ- ସରକାରକୁ ଚଳାଉଚି କିଏ ? ମନ୍ତ୍ରୀ ନା ଆଇଏଏସ୍ ଅଫିସର ? ଉତ୍ତର ମିଳିବା ଆଗରୁ ଆରମ୍ଭ ହେଲା ହଟ୍ଟଗୋଳ। ଗୃହ ହେଲା ମୁଲତବୀ। ସମାନ ଧରଣର ଆଉ ଏକ ପ୍ରଶ୍ନ ଉଠୁଛି- ବିଭାଗଗୁଡ଼ିକ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚାଲିଛି ନା ଯନ୍ତ୍ରୀଙ୍କ ଇଙ୍ଗିତରେ ? ଏହାର ଉତ୍ତର ବି ଅଛପା। ଉଦାହରଣଟିଏ ଦେଲେ ଏସବୁ ପ୍ରଶ୍ନର ଉତ୍ତର ଆପଣାଛାଁଏ ମିଳିପାରିବ।

୫୩ ନମ୍ବର ରାଜ୍ୟ ରାଜପଥର ଭଦ୍ରକ-ଆନନ୍ଦପୁର ରାସ୍ତାରେ ଲାଗୁଥାଏ ସାଇନ୍‌ବୋର୍ଡ଼। କାର୍ଯ୍ୟ ତୁଲାଉଥାନ୍ତି ପୂର୍ତ୍ତ ବିଭାଗ। ଘଟଗାଁ ଡିଭିଜନ ପୂର୍ତ୍ତ ବିଭାଗ ପକ୍ଷରୁ 'ଓରାଳି' ଛକରେ ତ୍ରୁଟିପୂର୍ଣ୍ଣ ଭାବେ ବସାଗଲା- 'ଶାଳଣିଆ' ସାଇନବୋର୍ଡ଼। ଓରାଳିରୁ ଶାଳଣିଆର ଦୂରତା ନଅ କିଲୋମିଟର। ଏହି ମୁକ୍ତବୃତ୍ତ ସ୍ତମ୍ଭକାର ପୂର୍ତ୍ତ ବିଭାଗ କ୍ୟାବିନେଟ୍ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ, ଏକ ସପ୍ତାହ ମଧ୍ୟରେ ତ୍ରୁଟି ସଂଶୋଧନ ହୋଇ ଓରାଳି ସାଇନବୋର୍ଡ଼ ଲଗାଗଲା। ଏ ଘଟଣା ଦୁଇ ବର୍ଷ ତଳର। ଆମେ ତାଙ୍କୁ ଗଭୀର କୃତଜ୍ଞତା ଜଣାଇଲୁ।

୨୦୨୩ ମାର୍ଚ୍ଚ ମାସରେ ଓରାଳି ଛକରେ ଘଟଗାଁ ଡିଭିଜନ୍ ପୂର୍ତ୍ତ ବିଭାଗ ପକ୍ଷରୁ 'କ୍ୟାଣ୍ଟିଲିଭର୍ ଇନଫର୍ମେସନ୍ ବୋର୍ଡ଼' ବା ହାଇମାକ୍ସ ସାଇନବୋର୍ଡ଼ ଲଗାଗଲା। ସେଥିରେ 'ଓରାଳି' ବଦଳରେ 'ଆପଣ୍ଡା' '୦- କିଲୋମିଟର' ଲେଖାଯାଇଛି। ଅର୍ଥାତ, ଉକ୍ତ ସ୍ଥାନକୁ କେନ୍ଦୁଝର ଜିଲ୍ଲା ଓରାଳି ବଦଳରେ ଭଦ୍ରକ ଜିଲ୍ଲାର ଆପଣ୍ଡା କରାଯିବାକୁ ଚକ୍ରାନ୍ତ ହୋଇଛି। ଏ ସଂକ୍ରାନ୍ତରେ ଘଟଗାଁ ପୂର୍ତ୍ତ ବିଭାଗ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ଚିଠି ନମ୍ବର-୩୨୮୦, ୩-୪-୨୦୨୩ ତାରିଖରେ ଆମ ନିକଟକୁ ଉତ୍ତର ପଠାଇଛନ୍ତି। ସେଥିରେ ଲେଖିଛନ୍ତି- କ୍ୟାଣ୍ଟିଲିଭର ସାଇନ୍‌ବୋର୍ଡ଼ରେ କୌଣସି ତ୍ରୁଟି ନାହିଁ। ଯାହେଉ, ଯନ୍ତ୍ରୀ ମହାଶୟ ଆମ ନିକଟକୁ ଯଥାଶୀଘ୍ର ଉତ୍ତର ପଠାଇଥିବାରୁ ତାଙ୍କୁ ଅଶେଷ ଧନ୍ୟବାଦ ।

ତେବେ, କେତୋଟି ପ୍ରଶ୍ନ ଆମ ମନକୁ ଏବେବି ଆନ୍ଦୋଳିତ କରୁଛି। ସେଗୁଡ଼ିକୁ କ୍ରମାନ୍ୱୟରେ ଉପସ୍ଥାପନ କରୁଛୁ। ଏକ-କେନ୍ଦୁଝର ଜିଲ୍ଲା ଘଟଗାଁର ମୁଖ୍ୟ ଯନ୍ତ୍ରୀ ତଦନ୍ତ କରି ସ୍ଥାନଟିକୁ ଭଦ୍ରକ ଜିଲ୍ଲା ଆପଣ୍ଡା ବୋଲି ଜାଣିଲେ କିପରି ? ଏ ସଂକ୍ରାନ୍ତରେ ସେ କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲଦାରଙ୍କଠାରୁ ରିପୋର୍ଟ ସଂଗ୍ରହ କରିଥିଲେ କି ? ହାଟଡିହିରେ ଓରାଳି ଛକ କୌଣସି ସ୍ଥାନ ନାହିଁ ବୋଲି ତହସିଲଦାର ଲିଖିତ ରିପୋର୍ଟ ଦେଇଛନ୍ତି କି ? ଯଦି ପାଇଥାନ୍ତି, ଓରାଳି ଗ୍ରାମବାସୀଙ୍କ ନିକଟରେ ତାହା ପେଶ୍ କରନ୍ତୁ। ପ୍ରମାଣ ଯୋଗାଡ଼ ପାଇଁ ସେ ହାଟଡିହି ଛାଡ଼ି ଭଦ୍ରକ ଜିଲ୍ଲା ବନ୍ତ ତହସିଲଦାରଙ୍କ ଦ୍ୱାରସ୍ଥ ହେବାର ଉଦ୍ଦେଶ୍ୟ କଣ ?

ଦୁଇ-କେନ୍ଦୁଝରର ଡିଆରଡିଏ ବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଓରାଳି ବସ୍ ଷ୍ଟପେଜରେ ପାଂଚ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ସରକାରୀ ଯାତ୍ରୀ-ବିଶ୍ରାମାଗାର ନିର୍ମାଣ କରାଯାଇଛି। ସେଠାକୁ ବିଦ୍ୟୁତ୍ ଓ ଜଳ ଯୋଗାଣ ସଂଯୋଗ କରାଯାଇଛି। ପଚାଶ ମିଟର ଦୂରରେ ଥିବା ଓରାଳି ବିଦ୍ୟୁତ୍ ଗ୍ରୀଡ ସବ୍-ଷ୍ଟେସନରୁ ସେଠାକୁ ଲାଇନ୍ ଦିଆଯାଇଛି। ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଓ ଓରାଳିର ପୂର୍ବତନ ସରପଞ୍ଚ ମମତାରାଣୀ ଯେନା ତାକୁ ଉଦଘାଟନ କରିଛନ୍ତି। ଯାତ୍ରୀ-ବିଶ୍ରାମାଗାରର ଠିକାଦାରି ନେଇଥିବା ହରିଶ୍ଚନ୍ଦ୍ର ଜେନା ବର୍ତ୍ତମାନ ଓରାଳିର ସରପଂଚ। ସେ ବର୍ତ୍ତମାନ ଗାଲମାଧବ ସାଜିଛନ୍ତି। ଆମର ଯନ୍ତ୍ରୀଙ୍କୁ ପ୍ରଶ୍ନ- କେନ୍ଦୁଝରେ ଡିଆରଡିଏ, ଭଦ୍ରକ ଜିଲ୍ଲାରେ ଯାତ୍ରୀ-ବିଶ୍ରାମାଗାର ନିର୍ମାଣ କରେ କି ?

ତିନି- ଏହି ରାସ୍ତାର ବଞ୍ଚୋ ଓ ଶାଳବଣୀ ଛକରେ ମଧ୍ୟ ଘଟଗାଁ ପୂର୍ତ୍ତ ବିଭାଗ ସାଇନବୋର୍ଡ଼ ଲଗାଇଛନ୍ତି। ଉକ୍ତ ଛକଠାରୁ ଗ୍ରାମର ଦୂରତା ତିନି କିଲୋମିଟର। ମୌଜା ଭିନ୍ନ ହୋଇଥିଲେ ବି ଆବାହମାନ କାଳରୁ ପରିଚିତ ସ୍ଥାନର ନାମ ଅପରିବର୍ତ୍ତିତ ରହିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ଗ୍ରାମ ପରିଚିତ ଓରାଳି କ୍ଷେତ୍ରରେ ଯନ୍ତ୍ରୀଙ୍କର ଏଭଳି ବୈମାତୃକ ମନୋଭାବ କାହିଁକି ?

ଚାରି- ପଂଚାୟତିରାଜ ବିଭାଗ, ଶକ୍ତି ବିଭାଗ, ପାନୀୟ ଜଳ ଯୋଗାଣ ବିଭାଗ ଆଦିରୁ ଆମେ ଓରାଳିର ସ୍ଥିତି ବଖାଣିଲୁ। ସଡ଼କ ପରିବହନ ନିଗମ ପକ୍ଷରୁ ଯେଉଁସବୁ ବସ୍ ଚଳାଚଳ ପାଇଁ ପରମିଟ୍ ଦିଆଯାଇଛି, ସେଥିରେ 'ଭାୟା- ଓରାଳି' ଉଲ୍ଲେଖ ରହିଛି। କେଉଁ ଗୋଟିକରେ ବି 'ଭାୟା-ଆପଣ୍ଡା' ଉଲ୍ଲେଖ ନାହିଁ। ଏସବୁ ପ୍ରମାଣ କଣ ଯଥେଷ୍ଟ ନୁହେଁ ?

ପାଞ୍ଚ- ଶେଷ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରି ଏହି ସ୍ତମ୍ଭ ଶେଷ କରିବୁ। ଭାରତ ସ୍ୱାଧୀନ ହେବା ପୂର୍ବରୁ ମଧ୍ୟ ଓରାଳି ଛକରେ ଓରାଳିର ସାଇନବୋର୍ଡ଼ ଝୁଲି ଆସିଛି। ଖୋଦ ଘଟଗାଁ ଡିଭିଜନ୍ ପୂର୍ତ୍ତ ବିଭାଗ ଓରାଳି ଛକରେ '୦-କିଲୋମିଟର' ଲେଖାଥିବା ମାଇଲଖୁଂଟ ପୋତିଛନ୍ତି। କେବଳ ସେତିକି ନୁହେଁ, ଗତ ତିନିବର୍ଷ ମଧ୍ୟରେ ସେହି ବିଭାଗ ପକ୍ଷରୁ ବ୍ୟାଚେଲର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବା ଓ ଅନ୍ୟାନ୍ୟ ଛଅଟି ସାଇନବୋର୍ଡ଼ ଓରାଳିରେ ଲଗାଯାଇଛି। ଯନ୍ତ୍ରୀ ଯେଉଁ ଚକ୍ରାନ୍ତ କରୁଛନ୍ତି, ତାହା ଓଡ଼ିଶା ପ୍ରଶାସନକୁ ଲୋକହସା କରାଉଛି। କେବଳ ସେତିକି ନୁହେଁ, ଏଭଳି ଉଦ୍ଦେଶ୍ୟମୂଳକ ତ୍ରୁଟି ଯୋଗୁଁ ଦୁଇ ଜିଲ୍ଲାର ଭାଇଚାରା ନଷ୍ଟ ହେବା ସଙ୍ଗେ ସଙ୍ଗେ ସଂଘର୍ଷ ଘଟିବାର ଆଶଙ୍କା ଉପୁଜୁଛି। ଜଣେ ବରିଷ୍ଠ ନାଗରିକ ଓ ମୁକ୍ତବୃତ୍ତ ସ୍ତମ୍ଭକାର ଭାବେ ଆମେ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ପୂର୍ତ୍ତମନ୍ତ୍ରୀ, ପୁଲିସ ଡିଜି, କେନ୍ଦୁଝର ଭଦ୍ରକ ଜିଲ୍ଲାପାଳ ଓ ଏସପିଙ୍କୁ ସବୁକଥା ଜଣାଉଛୁ। ସେମାନେ ଯଥାଶୀଘ୍ର ଉଚିତ୍ ପଦକ୍ଷେପ ନେବେ ବୋଲି ଆମେ ଆଶା କରୁ। ଜୟ ଜଗନ୍ନାଥ ।

♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪

## ଗୋଟେ ବଡ ଗପ


# ହୃଦୟ ଫଳକ

### ଅରବିନ୍ଦ ଦାସ

ଇଷ୍ଟର ସଣ୍ଡେ ହେଉଛି ଖୁସି, ଉଲ୍ଲାସର ଦିନ......

ବିନୋଦ ବାବୁଙ୍କ ହଠାତ କିଛି ଜରୁରୀ କାମପାଇଁ ରବିବାର ଦିନ ବିଜୟୱାଡା ଯିବାକୁ ପଡିବାରୁ ନିଜ ଡ୍ରାଇଭର ମାର୍ଟିନ ବଦଳରେ ଅନ୍ୟ କୌଣସି ଡ୍ରାଇଭରକୁ ସଙ୍ଗରେ ନେଇ ଯିବାକୁ ମନେମନେ ଠିକ କରିଥିଲେ। କାରଣ ଏପ୍ରିଲ ମାସର ଏଇ ରବିବାର ଦିନ ଇଷ୍ଟର।

ଖ୍ରୀଷ୍ଟ ଧର୍ମାବଲମ୍ବୀ ଡ୍ରାଇଭର ମାର୍ଟିନକୁ ଇଷ୍ଟର ଦିନ ଡ୍ୟୁଟି ପାଇଁ ଆସିବାକୁ କହିବା ଠିକ୍ ହେବନି ବୋଲି ପତ୍ନୀ ସୁଜାତା ମନେପକାଇ ଦେଇଥିଲେ ବିନୋଦ ବାବୁଙ୍କୁ ଓ କହିଥିଲେ, -ଇଷ୍ଟର ଗୋଟେ ଏମିତି ପର୍ବ ଯାହା ଛୁଟିଦିନ ଅର୍ଥାତ ରବିବାରରେ ହିଁ ପଡେ। ମାର୍ଟିନର ଏଇଟା ଗୋଟାଏ ବଡ଼ ପର୍ବ।ପରିବାର ସହିତ ଖୁସିବାସିରେ ସେମାନେ ଏଇ ଦିନକୁ ପାଳୁଥିବେ। ତୁମେ ତାକୁ ନଡାକି ଆଉ କାହାକୁ ସାଙ୍ଗରେ ନେଇଯିବା ଉଚିତ ହେବ।ତମର ସିନା ପରିବାର ଲୋକଙ୍କ ଅପେକ୍ଷା ବିଜିନେସ, ମିଟିଂ ଆଗ, ଡ୍ରାଇଭର ହେଲେ ବି ବର୍ଷକେ ଥରେ ତାଙ୍କ ପର୍ବ ପାଇଁ ବିଚରା ଅନେଇକି ବସିଥିବ।'



ବିନୋଦ ବାବୁ ମୁଣ୍ଡ ଟୁଙ୍ଗାରି କହିଲେ,

-ହଁ ଭାରି ଚୁପଚାପ ଓ ଶାନ୍ତଶିଷ୍ଟ ଲୋକଟା, କୌଣସି କଥାରେ ଯୁକ୍ତିତର୍କ କରେନା। ମୁଁ କହିଲେ ନିଷ୍ଚୟ ଆସିବ। ହେଲେ ତୁମେ ଠିକ କହୁଛ। ତା ପରିବାର ବି ଏଠି ତା ସହିତ ରୁହନ୍ତିନି ବୋଲି କହୁଥିଲା ଓ ଇଷ୍ଟର ଦିନ ଛୁଟି ନେବ ବୋଲି ମୋତେ କହୁଥିଲା।'

ବିନୋଦ ବାବୁ ମାର୍ଟିନକୁ ଡାକି ଯେମିତି ତାଙ୍କ ପ୍ରୋଗ୍ରାମ ଓ ଭିନ୍ନ ଡ୍ରାଇଭର ଯୋଗାଡ଼ କରିବା କଥା କହିଲେ, ମାର୍ଟିନ ଚଟକିନା କହିଲା, -ନା ସାର, ଅନ୍ୟ ଡ୍ରାଇଭର କାହିଁକି ? ମୁଁ ହିଁ ଗାଡି ଚଳେଇ ଆପଣଙ୍କୁ ବିଜୟୱାଡା ନେଇଯିବି।'

ଟିକେ ଆଶ୍ଚର୍ଯ୍ୟ ହୋଇ ମାର୍ଟିନକୁ ଅନାଇଲେ ବିନୋଦ ବାବୁ ଓ କହିଲେ,

-ସେଦିନ ପରା ଇଷ୍ଟର, ତମର ବଡ଼ ପର୍ବ ବୋଲି ଛୁଟି ପାଇଁ କହୁଥିଲ। ତୁ ବ୍ୟସ୍ତ ହୁଅନା, ନିଜ ପରିବାର ସହ ଛୁଟି ଦିନଟା କାଟ, ସେଲିବ୍ରେଟ କର। ଏଇଦିନ କାଳେ ଅଣ୍ଡା ତଥା ଅଣ୍ଡା ଆକୃତିର ଖୋଳ ଭିତରେ ଚକୋଲେଟ, ମିଠା ଇତ୍ୟାଦି ବି ଉପହାର ଦିଆଯାଏ।'

ସୁଜାତା ବି ସ୍ୱାମୀଙ୍କ ସପକ୍ଷରେ ବାହାରି କହିଲେ,

-ବାବୁ ଠିକ କହୁଛନ୍ତି ମାର୍ଟିନ, ତୁମେ କାହିଁକି ସେଦିନ ଯିବ ? ବରଂ ଏଇ କିଛି ଟଙ୍କା ରଖ, ଆମ ତରଫରୁ ତୁମକୁ ଓ ତୁମ ସ୍ତ୍ରୀ ପାଇଁ ଇଷ୍ଟର ଉପହାର। ମନା କରନା, ମୁଁ ଓ ବାବୁ ଖୁସିରେ ଦେଉଛୁ। ନିଜ ପସନ୍ଦର କିଛି ଭଲ ଜିନିଷ କିଣିନେବ।'

ମୁଣ୍ଡକୁ କୁଣ୍ଡାଇ ମାର୍ଟିନ ସନ୍ତର୍ପଣ ସହିତ ଟଙ୍କା ନେଇ ଅନୁରୋଧ କଲା ସ୍ୱରରେ କହିଲା,

-ଅନେକ ଅନେକ ଧନ୍ୟବାଦ ମ୍ୟାଡମ। ତେବେ ସାର୍, ସତ କଥା ହେଲା ଇଷ୍ଟର ଦିନ ଗୋଟେ ଅଳ୍ପ ସମୟର କାମ ପାଇଁ ମୁଁ ଏକୁଟିଆ ସେଇ ବିଜୟୱାଡା ରାସ୍ତାରେ ହିଁ ଯାଇଥାନ୍ତି। ଆପଣଙ୍କୁ ଛୁଟି ପାଇଁ କହିଥିଲି। ଟ୍ରେନ ବା ବସ୍‌ରେ ସକାଳେ ଯାଇଁ ସନ୍ଧ୍ୟାରେ ଫେରି ଆସିଥାନ୍ତି । ଆପଣଙ୍କ ସହିତ ଗଲେ ମୋ ବାଟଖର୍ଚ୍ଚ ବଞ୍ଚି ଯାଆନ୍ତା ।'

ବିନୋଦ ବାବୁ ହସିଦେଇ କହିଲେ,

-ଆଛା, ଆଛା ଠିକ ଅଛି, ଯେମିତି ତୋ ଇଛା। ସକାଳ ଛଅଟାରେ ବାହାରିବା।'

ମାର୍ଟିନ ଚାଲିଯିବା ପରେ ବିନୋଦ ବାବୁ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ,

-ତମେ ଖାଲି ପରିବାର, ପରିବାର ବୋଲି କହି ମୋତେ ଉପଦେଶ ଦେଉଥିଲ। ହେଲେ ଦେଖ, ଇଷ୍ଟର ଦିନ ନିଜ ସ୍ତ୍ରୀକୁ ଏକୁଟିଆ ଛାଡି ମାର୍ଟିନ ଅନ୍ୟ କୁଆଡେ ଯାଉଛି।'

ଚିଡିଯାଇ ସୁଜାତା କହିଲେ,

-ସେମିତି କଣ କହୁଛ, ହୁଏତ ତା ଗାଁ ଅଥବା ଭାଇ ଭଉଣୀଙ୍କୁ ଦେଖା କରିବାକୁ ଯାଉଥିବ। ଅଥବା ଅନ୍ୟ କିଛି ଜରୁରୀ କାମ ଆସିଯାଇଥିବ।'

ଇଷ୍ଟର ଦିନ ସକାଳୁ ସକାଳୁ ଯାତ୍ରା ଆରମ୍ଭ କରିଥିଲେ ବିନୋଦ ବାବୁ। ବାଟରେ ସେ ମାର୍ଟିନକୁ ପଚାରିଲେ,

-ଆଛା ମାର୍ଟିନ, ତୁ ପୁନର୍ଜନ୍ମରେ ବିଶ୍ୱାସ କରୁ ?'

-ଏକଥା କାହିଁକି ପଚାରୁଛନ୍ତି ସାର ?'

-ଏଇଦିନ ପରା କ୍ରୁଶବିଦ୍ଧ ଯୀଶୁ କାଳେ ଜୀବିତ ହୋଇଥିଲେ ବୋଲି ତୁମ ଧର୍ମର ଲୋକମାନେ ବିଶ୍ୱାସ କରନ୍ତି କି ପୂର୍ବ ପୁରୁଷମାନେ ଏଇଦିନ ପୁଣିଥରେ ପୃଥିବୀକୁ ଆସନ୍ତି। ଏହା ପୂର୍ବରୁ ଚାଳିଶ ଦିନ ଲୋକେ ଲେଣ୍ଟ ଅର୍ଥାତ ଓପାସ କରନ୍ତି, ଆମିଷ ମଦ, ଧୂମପାନ ତ୍ୟାଗ କରନ୍ତି। ଆମ ଓଡ଼ିଆ ହିନ୍ଦୁ ଲୋକେ ଯେମିତି କାର୍ତ୍ତିକ ଓପାସ ବ୍ରତ କରନ୍ତି। ଖବରକାଗଜରେ ପଢୁଥିଲି ଏଇ ଇଷ୍ଟର ଦିନ କାଳେ ତୁମେସବୁ ସିମେଟ୍ରି ଅର୍ଥାତ କବରସ୍ଥାନକୁ ଯାଇ ଫୁଲ, ମହମବତୀ, ଖାଦ୍ୟପଦାର୍ଥ ଇତ୍ୟାଦି ନେଇ ରଖ । ତୁମ ଧର୍ମରେ ଗୋଟେ ମୁଖ୍ୟ ଜିନିଷ ହେଉଛି, ମୃତ ଲୋକକୁ ମାଟିରେ ପୋତି ତା ଉପରେ ଗୋଟେ ସମାଧି ଗଢି, ତା ଉପରେ ଗୋଟେ ଛୋଟ ମାର୍ବଲ ଅଥବା ଗ୍ରାନାଇଟ ପଥରରେ ମୃତ ଲୋକର ନାଁ, ଜନ୍ମ ମୃତ୍ୟୁ ବର୍ଷ ଇତ୍ୟାଦି ଲେଖାହୋଇଥାଏ, ଯାହା ଦ୍ୱାରା ନିଜ ଆତ୍ମୀୟ ପରିଜନଙ୍କୁ ସମାଧି ଖୋଜିବାରେ ସୁବିଧା ହୋଇଥାଏ । ଇଷ୍ଟର ଦିନ ଲେଣ୍ଟ ସମୟ ସରେ ଓ ପୁଣିଥରେ ସବୁ ଖାଇବା ଓ ପିଇବା ଚାଲେ। ତୁ ଆଜି ସକାଳୁ କବରସ୍ଥାନ ଯାଇଥିଲୁ ? ଆଛା ଇଷ୍ଟର ପାଇଁ କି ଗିଫ୍ଟ କିଣିଲୁ ?'

ନିରାସକ୍ତ ସ୍ୱରରେ ମାର୍ଟିନ କହିଲା,

-ପୂର୍ବର୍ଜନ୍ମରେ ମୁଁ ବିଶ୍ୱାସ କରେନା ସାର୍। ଚାଳିଶ ଦିନ ଲେଣ୍ଟ ବି ରଖିନି ମୁଁ।'

ମୃଦୁହସି ବିନୋଦ ବାବୁ କହିଲେ,

-ତୁ ନାସ୍ତିକ ବୋଧେ ? ଅବଶ୍ୟ ଏବେ ଯୁଗ ବଦଳିଲାଣି ଓ ଲୋକଙ୍କ ବିଶ୍ୱାସ ବି। ତୋର କେଉଁ ଜାଗାରେ କାମ ଅଛି ? କିଏ ଆସିବ ତୋତେ ଦେଖା କରିବାକୁ ?'

ଗୋଟେ ପ୍ୟାକେଟ ଦେଖାଇ ମାର୍ଟିନ କହିଲା,

-ଏଇ ଗିଫ୍ଟ ଟି ଦେବା ପାଇଁ ସାର।'

ବିନୋଦ ବାବୁଙ୍କ ଇଛା ଥିଲେ ବି ସେ ଗିଫ୍ଟ ପ୍ୟାକରେ କଣ ଅଛି ତାହା ପଚାରିନଥିଲେ। ହଠାତ ଗୋଟେ ଶୁନଶାନ ଜାଗାରେ ଗାଡି ରଖି ମାର୍ଟିନ କହିଲା,

-ସାର୍, ଏଇ ପାଖରେ ଟିକେ ଅଳ୍ପ ସମୟର କାମ ଅଛି। ମୁଁ ସାଙ୍ଗେ ସାଙ୍ଗେ ଫେରି ଆସିବି।'

ମୋବାଇଲ ଦେଖୁ ଦେଖୁ ବିନୋଦ ବାବୁ ମୁଣ୍ଡ ହଲାଇ ସ୍ୱୀକୃତି ଦେଲାବେଳେ ଭାବୁଥିଲେ ଏଇ ଜାଗାରେ କି କାମ ?

ବିନୋଦ ବାବୁ ଦେଖିଲେ ରାସ୍ତା କଡ଼କୁ ଯାଇ ମାର୍ଟିନ କିଛି ଯେମିତି ଖୋଜୁଥିଲା। କିଛି ସମୟ ପରେ ରାସ୍ତା କଡରେ ଥିବା ଜଣେ ନେତାଙ୍କ ଗୋଟେ ବିରାଟ ବିଜ୍ଞାପନ ବୋର୍ଡ ପାଖରେ ମୁଣ୍ଡ ପୋତି ଠିଆହେଲା ମାର୍ଟିନ। ତାପରେ ହାତରେ ଧରିଥିବା ଉପହାର ପ୍ୟାକେଟ ଟିକୁ ମାଟିରେ ଥୋଇ ସେ ତଳେ କିଛି ସମୟ ବସିଲା । ଆଖି ପୋଛି, ପ୍ୟାକେଟ ଭିତରୁ ହଳେ ସୁନ୍ଦର ଜୋତା ବାହାର କରି ସେଇ ବିଜ୍ଞାପନ ବୋର୍ଡ଼ରେ ଝୁଲାଇ ଏକ ମୁହାଁ ହୋଇ ଗାଡି ପାଖକୁ ଫେରିଆସି, ଗାଡିରୁ ଗୋଟେ ପାଣି ବୋତଲ ବାହାର କରି ପୁଣି ସେଇ ଜାଗାକୁ ଫେରିଯାଇ ମାଟି ଉପରେ ପାଣି ପକାଉଥିଲା। ଆବାକାବା ହୋଇ ସବୁ ଦେଖୁଥିଲେ ବିନୋଦ ବାବୁ।

ମାର୍ଟିନ ଫେରିଆସି ଗାଡିକୁ ଆଉଜି ସେଇ ବୋର୍ଡ ଆଡ଼କୁ ଅନାଇ ଚୁପଚାପ ଠିଆ ହୋଇଥିଲା। ବିନୋଦ ବାବୁ ଗାଡିରୁ ଓହ୍ଲାଇ ମାର୍ଟିନ ପାଖକୁ ଯାଇ ତା କାନ୍ଧରେ ହାତ ରଖି ଧୀର ସ୍ୱରରେ ପଚାରିଲେ,

-କଣ ହେଲା ମାର୍ଟିନ ? ଏଠି କଣ ସବୁ କରୁଛ ? ସେଇ ଜୋତାକୁ ସେଠି କାହିଁକି ବାନ୍ଧିଲ ? ଆଉ ପାଣି କାହିଁକି...

ଗମ୍ଭୀର ସ୍ୱରରେ ମାର୍ଟିନ କହିଲା,

- ଚେନ୍ନାଇରେ ମୁଁ ଚାକିରୀ କରୁଥିଲି ସାର୍। କରୋନା ଲକଡାଉନ ସମୟରେ ପାଦରେ ଚାଲି ଚାଲି ଓଡିଶା ଫେରିଲା ଏଇଠି ମୋ ଏକମାତ୍ର ପୁଅ ଡେଭିଡ ସବୁଦିନ ପାଇଁ ଆଖି ବୁଜି ଦେଇଥିଲା। କୁନି କୁନି ପାଦରେ ଚାଲିବାକୁ ତାର ବଳ ନଥିଲେ ବି ବାପା, ବୋଉକୁ କଷ୍ଟ ନଦେବାକୁ ମୋ ପୁଅ କାଖ ନହୋଇ ଅନେକ ବାଟ ଚାଲିଥିଲା। ତା ପାଦର ଜୋତା ଛିଣ୍ଡି ଯାଇଥିଲା ବୋଲି ଖାଲି ପାଦରେ ଚାଲିଥିଲା। ଭୋକ, ଶୋଷ ଓପାସିଆ ଦେହ ନେଇ ଅନେକଙ୍କ ସାଙ୍ଗରେ ଆମେ ତିନିହେଁ ଚାଲିଥିଲୁ। ନୂଆ ଜୋତା ହଳେ ତା ପାଇଁ କିଣି ଦେବାକୁ ମୋତେ ମୋ ପୁଅ ବାଟରେ କହିଥିଲା। ହେଲେ ଅଭାଗା ବାପା ମୁଁ, ତା ମନଲାଖି ଉପହାର ଦେଇ ପାରିଲିନି। ମନେ ରଖିବା ପାଇଁ ଏଇ ବିଜ୍ଞାପନ ବୋର୍ଡ ତଳେ ମୋ ଆଦରର ପୁଅ ଡେଭିଡ଼କୁ ଗାତ ଖୋଳି ପୋତି ଦେଇଥିଲି।'

ପାଣି ବୋତଲରୁ କିଛି ପାଣି ନେଇ ମୁହଁ ଧୋଇ ମାର୍ଟିନ କହିଲା,

-ଶୋଷରେ ଆତୁର ହୋଇ ପଡ଼ିଥିଲା ମୋ ପୁଅ। ପାଣି ଟୋପେ ଦେବାକୁ ଅକ୍ଷମ ଥିଲି ମୁଁ। ଗୋଟେ ଅସହାୟ ବାପା ବନି, କଠିନ ପଥର ହୋଇ ପୁଅକୁ ପୋତି ଥିଲି। ମୁଁ ଦେଖିଛି ସାର୍ ଏଇଭଳି ପୋଷ୍ଟରରେ ନେତାଙ୍କ ଫଟ ବଦଳେ, ହେଲେ ସେମାନଙ୍କ ପ୍ରକୃତି ବଦଳେନି। ଏତେ ଭାଷଣ ମାରନ୍ତି ସେମାନେ, ନିଜର ସବୁ ଦୋଷକୁ ଲୁଚାଇ ଭାଇରସ ମୁଣ୍ଡରେ ଦୋଷ ଲଦନ୍ତି। ଆକ୍ରାନ୍ତ ଆମେ ହେଉ ସାର। ସେଥିପାଇଁ ଏଇ ଜୋତା ସେଇ ଖୁଣ୍ଟରେ ବାନ୍ଧିଲି ସାର, ଗୋଟେ ଅସହାୟ ବାପାର ପ୍ରତିବାଦ ସ୍ୱରୂପ। ଜାଣେନା ମୋ ପୁଅର ଦେହାବଶେଷ ସେଇ ଜାଗାରେ ଅଛି କି ତାକୁ ରାସ୍ତା ବଡ଼ କରିବା ଆଳରେ ଖୋଳି ଫୋପାଡ଼ି ଦେଇଛନ୍ତି। ରାସ୍ତା କଡରେ ସେଇ ସମୟରେ ମୋ ଡେଭିଡ ଭଳି ଅନେକ ଲୋକଙ୍କ ମୃତ ଶରୀର ପୋତା ହୋଇଥିଲା। ଏଠି ରାସ୍ତା କଡ଼ରୁ ଗଛ, ଘର, ଜୀବନ୍ତ ମୃତ ମଣିଷ ହଟନ୍ତି କିନ୍ତୁ ରାସ୍ତା କଡ଼ରୁ ନେତାଙ୍କ ବିଜ୍ଞାପନ ବୋର୍ଡ ହଟେନି ସାର।'

ମାର୍ଟିନକୁ ବୋଧ କରୁଥିଲେ ବିନୋଦ ବାବୁ। ଛାତି ଭିତରଟା କଣ ହୋଇଯାଉଥିଲା।

ଦୀର୍ଘନିଶ୍ୱାସ ଛାଡି ଗାଡି ଷ୍ଟାର୍ଟ କରି ମାର୍ଟିନ କହିଲା, -ଆପଣ କହୁଥିଲେ ମୁଁ କାହିଁକି ପୁନର୍ଜନ୍ମରେ ବିଶ୍ୱାସ କରେନା ବୋଲି ? ସତ କଥା ହେଲା ମୁଁ ଚାହେଁନା ମୋ ପୁଅ ମଣିଷଛୁଆ ଭାବେ ପୁର୍ନଜନ୍ମ ହେଉ। କାରଣ, ଯଦି ତାକୁ ମୁଁ ଭେଟେ, କଣ କହିବି ? ମୁଁ ଚାହେଁନା ସେ ପୁଣି ସେଇ ଅବସ୍ଥା ଭୋଗି ଅସହାୟ ଅବସ୍ଥାରେ ପ୍ରାଣ ହରାଉ ବୋଲି।'

ନିଜ ଆଖିକୁ ରୁମାଲରେ ପୋଛି କୋହଭରା ସ୍ୱରରେ ମାର୍ଟିନ ପୁଣି କହିଲା,

-ଆଉ ହଁ ସାର, ସମସ୍ତଙ୍କ ପାଇଁ ଇଷ୍ଟର ରବିବାର ଖୁସି, ଆନନ୍ଦ, ଉଲ୍ଲାସର ଦିନ ହୋଇ ନଥାଏ। ଆପଣ କହୁଥିଲେ ନା ଆମ ଧର୍ମରେ ସବୁ ମୃତବ୍ୟକ୍ତିର ଶରୀରକୁ ପୋତିବା ସ୍ଥଳରେ ଆମେ ସମାଧିଟିଏ ଗଢି ସେଇ ସ୍ଥାନକୁ ଚିହ୍ନିବାପାଇଁ ତା ଉପରେ ଫଳକଟିଏ ଲଗାଇଥାଉ ବୋଲି ? ନିଜ ଆଖିରେ ଦେଖନ୍ତୁ ସାର, ବିନା ସମାଧି, ଫଳକରେ ପୋତା ହୋଇଥିବା ମୋ ଡେଭିଡର କବର। ସତ କଥା ହେଲା ମୋ ଡେଭିଡର ସମାଧି ଏ ପଥର ହୃଦୟ ବାଲା ବାପାର ଛାତିରେ ସବୁଦିନ ପାଇଁ ସାଇତି ହୋଇଛି ଓ ମୋ ମୁହଁ ହେଉଛି ସେଇ ସମାଧିର ଫଳକ, ଯାହା ଉପରେ ହାତ ରଖି ମୁଁ ପୁଅର ମୁହଁକୁ ମନେ ପକାଇଲା ମାତ୍ରେ, ଆଖିରୁ ପାଣି ନିଗିଡି ଆସେ।'


ଗାଡି ଆଗେଇ ଚାଲିଥିଲା।


ମାର୍ଟିନ ସହିତ ବିନୋଦ ବାବୁ ବି ଆଖି ପୋଛି ବୁଲିପଡ଼ି ଦେଖୁଥିଲେ ସେଇ ଜାଗାକୁ, ଯେଉଁଠି ଡେଭିଡ ପୋତା ହୋଇଥିଲା। ♥♥

## ଅନୁବାଦ ଗପ

# ସ୍ୱାଧୀନତା

### ମୂଳ ହିନ୍ଦୀ - ବିଲାଲ ହୟାତ
### ଅନୁସୃଜନ-କସ୍ତୁରୀ ଚରଣ ରାଉତ





ରୋହିତ ଓ ନୀରଜ ବାପାଙ୍କ ପାଖରୁ ପଇସା ନେଇ ପାଖ ବଜାରକୁ ଯାଉଥିଲେ କାରଣ ସ୍ୱାଧୀନତା ଦିବସ ଅବସରରେ ତାଙ୍କୁ ତ୍ରିରଙ୍ଗା ପତାକା କିଣିବାର ଥିଲା । 'ଏ ବର୍ଷ ଅଗଷ୍ଟ ୧୫ରେ ଆମ ଘର ସବୁଠୁ ସୁନ୍ଦର ଦେଖାଯିବ' ଦୁହେଁ ନିଜ ନିଜ ଭିତରେ ଏମିତି କଥା ହୋଇ ଖୁସି ମନରେ ଦୋକାନକୁ ଯାଉଥିଲେ ।

ସେତିକିବେଳେ ରୋହିତ ଓ ନୀରଜର ନଜର ଗୋଟିଏ ପିଲା ଉପରେ ପଡ଼ିଲା ଯିଏ ବେଶଭୂଷାରୁ ଭିକାରୀ ପରି ଦେଖାଯାଉଥିଲା କିନ୍ତୁ ସେ ଭିକାରୀ ନ ଥିଲା । ସେ ଶିଶୁ ଶ୍ରମିକ ଥିଲା ଓ ପାଖ ଗ୍ୟାରେଜରେ କାମ କରୁଥିଲା ବୋଧେ । କାମ କରିସାରି ସେ ଖୁବ୍ ଜୋରରେ ପଳଉଥିଲା ।

-'ଚାଲ୍, ତା'ର ପିଛା କରିବା, ଦେଖିବା ସେ କୁଆଡ଼େ ଯାଉଛି ?' ରୋହିତ କହିଲା । ସେ ପିଲାର ହାତରେ କଳା ରଙ୍ଗର ଏକ ଥଳୀ ଥିଲା ଯାହାକୁ ସେ ଖୁବ୍ ଜୋରରେ ମୁଠେଇକି ଧରିଥିଲା । ଚାଲି ଚାଲି ପିଲାଟି ଏକ ଛୋଟ ନୁଆଁଣିଆ ଚାଳ ଘରେ ପଶିଲା । ରୋହିତ ଓ ନୀରଜ ବି ତା ପଛେ ପଛେ ଆସି ଘର ବାହାରେ ଅଟକିଲେ ଓ ପିଲାଟି ବାହାରିବା ପର୍ଯ୍ୟନ୍ତ ଅପେକ୍ଷା କଲେ । ଏତିକିବେଳେ ଘର ଭିତରୁ କିଛି ଶବ୍ଦ ଶୁଣାଗଲା ।

ଭିତରୁ ଶୁଭିଲା- 'ମାଆ ଦେଖ୍ ମୁଁ କ'ଣ ଆଣିଚି ।' ପିଲାଟି ତା'ର ମାଆକୁ କହିଲା ।

'ତୋ ଭଉଣୀ ଭୋକରେ ଅଛି । ଯାହା ଆଣିଛୁ, ତା'କୁ ଖାଇବାକୁ ଦେଇଦେ ।' ପିଲାଟିର ମାଆ ତା'କୁ କହିଲା ।

ପିଲାଟି ଉତ୍ତର ଦେଲା- 'ନାଇଁ ମାଆ, ଏଥିରେ ଖାଇବା ଜିନିଷ ନାହିଁ ।'

'ତୁ ଦିନସାରା କାମ କରି ବକତେ ଖାଇବା ପାଇଁ ପଇସା ଯୋଗାଡ଼ କରି ପାରିଲୁନି ?' ମାଆଟି କହିଲା ।

ସେଇ ପିଲାଟି ଥଳୀରୁ କିଛି ତ୍ରିରଙ୍ଗା ପତାକା ବାହାର କଲା ଓ ମାଆ ହାତକୁ ବଢେଇଲା । ମାଆ ସେ ସବୁ ଦେଖି କହିଲା- 'ଏଇ ବେକାର କାଗଜଗୁଡ଼ା ଆଣିଛୁ ଯେ, ଆମର କି କାମରେ ଲାଗିବ ?'

-'ଏ ସବୁ ବେକାର କାଗଜ ନୁହେଁ ମାଆ ! ଆମ ଦେଶର ଜାତୀୟ ପତାକା । ଏସବୁ କିଣିବା ପାଇଁ ମୁଁ କେତେ ପରିଶ୍ରମ କରିଛି, କେତେ କାହା ଆଗରେ ହାତ ପତେଇଛି ।'

-'ଆରେ ପୁଅ ! ତୁ ଏସବୁ କାହିଁକି କଲୁ ? ଏ ଦେଶ ଆମକୁ ଭୋକ ଓ ଦାରିଦ୍ର୍ୟ ଛଡ଼ା ଆଉ କ'ଣ ଦେଇଛି । ଏ ଦେଶ ହେଉଛି ଧନୀମାନଙ୍କର । ଏ ପତାକା ଅପେକ୍ଷା ଆମକୁ ଦୁଇ ବକ୍ତ ରୋଟି ଦରକାର, ଯୋଉଥିରେ ଆମ ପେଟ ପୂରିବ ।' ମାଆଟି ନିଜ ଆଖିରୁ ଲୁହ ପୋଛି କହିଲା ।


'ମାଆ ତୁ ଜାଣିନୁ ଏଇ ସ୍ୱାଧୀନତା ଆମକୁ କେତେ ସଂଗ୍ରାମୀଙ୍କର ସଂଗ୍ରାମ ଓ ତ୍ୟାଗ ଫଳରେ ମିଳିଛି । ସେଥିପାଇଁ କେତେ ଲୋକ ହସି ହସି ଜୀବନ ଦେଇଛନ୍ତି । ଯଦି ସେମାନେ ବଳିଦାନ ଦେଇ ନଥାନ୍ତେ ଆମେ ଆଜି ପରାଧୀନ ଥାଆନ୍ତେ ଓ ଇଂରେଜମାନଙ୍କର ଜୋତା ସଫା କରୁଥାନ୍ତେ । ଖୁସିର କଥା ଯେ ଆମେ ଆଜି କାହାର ଗୋଲାମ ନୁହଁ, ନିଜ ଇଚ୍ଛାର ମାଲିକ ।

ଛୋଟ ପିଲାଟିର ଏପରି କଥା ଶୁଣି ମାଆ ମୁଣ୍ଡ ତଳକୁ କରି ବସିଲା । ରୋହିତ ଓ ନୀରଜ ଏ ସବୁ କଥା ଶୁଣୁଥିଲେ । ସେମାନଙ୍କ ଆଖିରୁ ଲୁହ ଝରି ଆସିଲା । ପ୍ରକୃତ ସ୍ୱାଧୀନତାର ଅର୍ଥ ସେମାନେ ସେମାନେ ବୁଝି ପାରିଥିଲେ । କେବଳ ପତାକାରେ ଘର ସଜେଇବା ପ୍ରକୃତ ସ୍ୱାଧୀନତା ନୁହେଁ ବରଂ ବିପଦ ସମୟରେ କାହାକୁ ସାହାଯ୍ୟ କରିବା ହିଁ ପ୍ରକୃତ ସ୍ୱାଧୀନତା । ପତାକା କିଣିବାକୁ ନେଇଥିବା ପଇସାରେ ସେମାନେ କିଛି ଖାଦ୍ୟ ପଦାର୍ଥ କିଣିଲେ ଓ ସେଇ ପିଲାଟିର ଘରଆଡ଼େ ଚାଲିଲେ ।

♥ ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ, ବଲାଙ୍ଗିର
(ମୋ) ୮୯୧୭୩୯୭୩୪୮


ସ୍ମୃତିକଥା

# ଅମୃତା ପ୍ରୀତମ୍ : ଏକ ଶ୍ରଦ୍ଧାଞ୍ଜଳି



ମାନସ ରଞ୍ଜନ ମହାପାତ୍ର


୧୯୯୦ ମସିହାରେ ଯେତେବେଳେ ମୁଁ ନ୍ୟାସନାଲ ବୁକ୍ ଟ୍ରଷ୍ଟରେ ଯୋଗ ଦେଲି, ସେତେବେଳେ ମୋ ଅଫିସଟି ଗ୍ରୀନପାର୍କର ଏକ ଭଡ଼ାଘରେ ଚାଲୁଥିଲା । ହାଉଜ୍ ଖାସ୍ ରେ ଡକ୍ଟର ଜେପି ଦାସଙ୍କ ଘର ଥିଲା ଠିକ୍ ମୋ ଅଫିସ୍ ସାମ୍ନାରେ ଏବଂ ଅନେକ ସମୟରେ ପରାମର୍ଶ ପାଇଁ ମୁଁ ଯାଇ ତାଙ୍କୁ ଭେଟୁଥିଲି । ପଞ୍ଜାବୀ ଭାଷାର ଦୁଇଜଣ ବିଖ୍ୟାତ ଲେଖକ ଅମୃତା ପ୍ରୀତମ୍ ଏବଂ କର୍ତ୍ତାର ସିଂହ ଦୁଗ୍ଗଲଙ୍କ ଘର ଥିଲା ମୋ ଅଫିସ୍ ର ଖୁବ ନିକଟରେ । ମୁଁ ନ୍ୟାସନାଲ ବୁକ୍ ଟ୍ରଷ୍ଟରେ ଯୋଗ ଦେବା ବେଳକୁ ଏହାର ଓଡ଼ିଆ ପରାମର୍ଶଦାତା କମିଟି ଦୀର୍ଘ ୧୩ ବର୍ଷ ଧରି ଗଠନ ହୋଇନଥିଲା । ମୋ ପୂର୍ବବର୍ତ୍ତୀ ପଦାଧିକାରୀ ଜଣେ ଭଦ୍ରଲୋକ ଥିଲେ, କିନ୍ତୁ ସାହିତ୍ୟ ବା ପ୍ରକାଶନ କ୍ଷେତ୍ରରେ ତାଙ୍କର କୌଣସି ପୂର୍ବ ଅଭିଜ୍ଞତା ନଥିଲା । ତେଣୁ ଓଡ଼ିଶା ସାହିତ୍ୟ ଏକାଡେମୀର ସହଯୋଗ ନେଇ ମୁଁ ଅନେକଗୁଡ଼ିଏ କାର୍ଯ୍ୟକ୍ରମର ଆୟୋଜନ କଲି । ମୋ ସୌଭାଗ୍ୟକୁ ସେତେବେଳେ ଆଇଏଏସ୍ ଅଧିକାରୀ ଇନ୍ଦୁଭୂଷଣ କର ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଥିଲେ । ଆମେ ଦୁହେଁ ମିଶି ଦିଲ୍ଲୀଠାରେ ଏକ ଜାତୀୟ ଓଡ଼ିଆ ସାହିତ୍ୟ ସମାରୋହ ଆୟୋଜନ କରିବା ପାଇଁ ଯୋଜନା କଲୁ । ଏହି ସମାରୋହକୁ ଏକ ଜାତୀୟ ସ୍ୱରୂପ ଦେବା ପାଇଁ ଅନ୍ୟ ଭାଷାର ପ୍ରତିଷ୍ଠିତ ସାହିତ୍ୟିକମାନଙ୍କୁ ଭେଟି ଏଥିରେ ଯୋଗ ଦେବାକୁ ଆମନ୍ତ୍ରଣ କରିବା ନିମନ୍ତେ ଇନ୍ଦୁବାବୁ ଓ ମୁଁ ଦିଲ୍ଲୀ ନଗର ସାରା ଘୁରିବୁଲିଲୁ । ଓଡ଼ିଆ ସାହିତ୍ୟକୁ ଜାତୀୟ ସ୍ତରରେ ପରିଚିତ କରିବା ପାଇଁ ଏହା ଥିଲା ସର୍ବପ୍ରଥମ ପ୍ରୟାସ । ଆମେ ଇନ୍ଦିରା ଗୋସ୍ୱାମୀ, ଶିଶିର କୁମାର ଦାସ, କେଦାରନାଥ ସିଂହ ଏବଂ ଆହୁରି ଅନେକ ପ୍ରତିଷ୍ଠିତ ଲେଖକଙ୍କ ଘରକୁ ଯାଇ ସେମାନଙ୍କୁ ଭେଟିଲୁ । ସର୍ବଶେଷରେ ଆମେ ଯାଇ ପହଞ୍ଚିଲୁ ଅମୃତା ପ୍ରୀତମଙ୍କ ଘରେ । ସନ୍ଧ୍ୟାବେଳ । ଜଣେ ଭଦ୍ରଲୋକ ବାହାରକୁ ଆସିଲେ । ମୋ ଅନୁମାନ ଅନୁସାରେ ସେ ଥିଲେ ଇମରୋଜ, ଯାହାଙ୍କ ସହ ଅମୃତା ପ୍ରୀତମ୍ ଅନେକ ବର୍ଷ ଧରି ଏକାଠି ରହୁଥିଲେ । ସେ ଆମକୁ ସ୍ୱାଗତ କଲେ ଏବଂ ଭିତରକୁ ଡାକିନେଲେ। କୋଠରୀ ଭିତରେ ଥିଲା ମୃଦୁ ଆଲୋକ । ଇନ୍ଦୁବାବୁ ପୂର୍ବରୁ ଅମୃତା ପ୍ରୀତମ୍ ଙ୍କୁ ଖବର ଦେଇଥିଲେ । ଆମେ ତାଙ୍କୁ ଭେଟିଲୁ । କି ଅପୂର୍ବ ସୁନ୍ଦରତା, କି କୋମଳ କଣ୍ଠସ୍ୱର ! ଅମୃତା ଥିଲେ ଲେଖିକା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ବାନ୍ଧବୀ । ବହୁବାର ଓଡ଼ିଶା ଆସିଥିଲେ ମଧ୍ୟ । ସେ ଆମ ସାହିତ୍ୟ ସମାରୋହକୁ ଆସିବା ପାଇଁ ସ୍ୱୀକୃତି ଦେଲେ ଏବଂ ଆସିଥିଲେ ମଧ୍ୟ । ତାଙ୍କ ଘରେ କଫି ଓ ପକୋଡ଼ା ଖାଇ ବେଶ୍ ଖୁସି ମନରେ ସେଦିନ ଆମେ ଫେରିଥିଲୁ।



ଏନବିଟିର କୌଣସି ନା କୌଣସି କାମରେ ମୁଁ ପ୍ରାୟତଃ ଅମୃତା ପ୍ରୀତମଙ୍କ ଘରକୁ ବାରମ୍ବାର ଯାଇଛି। ଅନେକ ସମୟରେ ମୁଁ ଇମରୋଜଙ୍କୁ ଭେଟିଛି, ଯିଏ ସର୍ବଦା ନିଜକୁ ଲୋକଙ୍କ ଦୃଷ୍ଟିରୁ ଦୂରରେ ରଖିବାକୁ ଚେଷ୍ଟା କରୁଥିଲେ ଏବଂ ଚିତ୍ର କରିବାରେ ମଗ୍ନ ରହୁଥିଲେ । ଯେତେବେଳେ ବି କେହି ଯୁବ ଓଡ଼ିଆ ଲେଖକ ଦିଲ୍ଲୀରେ କୌଣସି ପ୍ରସିଦ୍ଧ ସାହିତ୍ୟିକଙ୍କୁ ଭେଟିବାରେ ସାହାଯ୍ୟ କରିବାକୁ ମୋତେ ଅନୁରୋଧ କରୁଥିଲେ, ମୁଁ ଉପରୋକ୍ତ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଭେଟିବା ନିମନ୍ତେ ସେମାନଙ୍କୁ ପଠାଉଥିଲି । ଅମୃତା ପ୍ରୀତମଙ୍କ ଦେହାନ୍ତ ଖୁବ୍ ଶୀଘ୍ର ହୋଇଯାଇଥିଲା କହିଲେ ଭୁଲ୍ ହେବନାହିଁ । ସେ ଯେତେବେଳେ ୧୯୮୧ ମସିହାରେ ଜ୍ଞାନପୀଠ ପୁରସ୍କାର ପାଇଥିଲେ, ମୁଁ ସେତେବେଳେ 'ଆଲୋକ' ପତ୍ରିକାରେ ତାଙ୍କ ପାଇଁ ଏକ ଆଲେଖ୍ୟ ଲେଖିବା ସହିତ ତାଙ୍କର ଏକ କବିତାର ଅନୁବାଦ ମଧ୍ୟ କରିଥିଲି । ତାଙ୍କ ଜ୍ଞାନପୀଠ ପାଇବା ଘଟଣାକୁ ନେଇ ସେ ସମୟରେ ଖୁବ୍ ହୋହଲ୍ଲା ମଧ୍ୟ ହୋଇଥିଲା । ପରେ ମୁଁ ବୁଝିପାରିଥିଲି ଏହିଭଳି ବହୁ ପୁରସ୍କାର କେବଳ ସାହିତ୍ୟିକ ଉତ୍କର୍ଷ ଆଧାରରେ ନୁହେଁ, ଅନ୍ୟାନ୍ୟ ବିଭିନ୍ନ ଆଧାରରେ ଦିଆଯାଇଥାଏ। କିନ୍ତୁ ନିଃସନ୍ଦେହରେ ଅମୃତା ପ୍ରୀତମ୍ ଥିଲେ ଜଣେ ବହୁତ ଭଲ ସାହିତ୍ୟିକ। କିଛିବର୍ଷ ପୂର୍ବେ, ଅମୃତା ପ୍ରୀତମଙ୍କ ଦେହାନ୍ତ ପରେ ପୂର୍ବତଟ ରେଳପଥର ଜନସମ୍ପର୍କ ଅଧିକାରୀ ନିରାକାର ଦାସ ସେହି ମହାନ୍ ଲେଖିକାଙ୍କ ସ୍ମୃତିରେ ଏକ ସଭା ଆୟୋଜନ କରିବାକୁ ବାହାରିଲେ ଏବଂ ସେଥିରେ ଇମରୋଜ ଯୋଗ ଦିଅନ୍ତୁ ବୋଲି ଚାହିଁଲେ । ଏଥିପାଇଁ ସେ ମୋତେ କହିଲେ । ମୁଁ ଇମରୋଜଙ୍କୁ ଏହି ଅନୁରୋଧ ନେଇ ଫୋନ୍ କଲି । କିନ୍ତୁ ବେଶ୍ ଶାନ୍ତ ଓ ଭଦ୍ରତା ସହକାରେ ଇମରୋଜ କହିଲେ – "ମାନସଜୀ, ଅମୃତା ଜୀବିତ ଥିବାବେଳେ ମୁଁ ତାଙ୍କ ସହ କୁଆଡ଼େ ଯାଉନଥିଲି, କାରଣ ମୁଁ ଚାହୁଁଥିଲି ତାଙ୍କ ବିଶିଷ୍ଟତାର ଶ୍ରେୟ ସେ ଏକୁଟିଆ ହିଁ ପାଆନ୍ତୁ । ଏବେ ତାଙ୍କ ମୃତ୍ୟୁ ପରେ ବି ମୁଁ ସେହି ଶପଥ ଅତୁଟ ରଖିଛି । ତାଙ୍କ ମହାନତାରୁ ମୁଁ ଭାଗ ନେବାକୁ ଚାହୁଁନାହିଁ ।"

> **"ଅମୃତା ଜୀବିତ ଥିବାବେଳେ ମୁଁ ତାଙ୍କ ସହ କୁଆଡ଼େ ଯାଉନଥିଲି, କାରଣ ମୁଁ ଚାହୁଁଥିଲି ତାଙ୍କ ବିଶିଷ୍ଟତାର ଶ୍ରେୟ ସେ ଏକୁଟିଆ ହିଁ ପାଆନ୍ତୁ । ଏବେ ତାଙ୍କ ମୃତ୍ୟୁ ପରେ ବି ମୁଁ ସେହି ଶପଥ ଅତୁଟ ରଖିଛି । ତାଙ୍କ ମହାନତାରୁ ମୁଁ ଭାଗ ନେବାକୁ ଚାହୁଁନାହିଁ ।"**

## ପାଇଛୁ...ପଢ଼ିଛୁ...




**କଥା କଥା କବିତା କବିତା**
ସଂପାଦକ :
ଅକ୍ଷୟ ବେହେରା
ଏମ୍ ଆଇ ଜି (୨) ୬୫/୫
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
(ମୋ)୯୪୩୭୨୭୯୯୪୧

"ସମ୍ପାଦନା ଏକ ଅନ୍ୱେଷା । ପୁଣି ରୁଚିପୂର୍ଣ୍ଣ ସମ୍ପାଦନା କଷ୍ଟସାଧ ବ୍ୟାପାର । ପୁନଶ୍ଚ ନିର୍ଭୁଲ ପତ୍ରିକା ପ୍ରକାଶ କରିବା ଆଉ ଏକ କଷ୍ଟସାଧ ସାଧନା । ସାମ୍ପ୍ରତିକ ସମୟରେ ନିରୁତା ରୁଚିପୂର୍ଣ୍ଣ ସାହିତ୍ୟ ପତ୍ରିକାଟିଏ ପ୍ରକାଶ କରିବା ଦିଗରେ ବହୁବିଧ ସମସ୍ୟା ସମ୍ପାଦନା ଆଗରେ ଧାଡିବାନ୍ଧି ଠିଆ ହୋଇଥାନ୍ତି । ସେ ଯାତନା ଆରମ୍ଭ ହୁଏ ଲେଖା ସଂଗ୍ରହ ଠାରୁ ଓ ଶେଷ ହୁଏ ପତ୍ରିକାଟି ପ୍ରକାଶ ପାଇ ବଜାରରେ ଓ ପାଠକଙ୍କ ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ । + + ଏସବୁ ସତ୍ତ୍ୱେ ପତ୍ରିକା ଆତ୍ମପ୍ରକାଶ କରେ । ନିୟମିତରୁ ଅନିୟମିତ ଓ ଶେଷରେ ଦିନ ଆସେ ପତ୍ରିକାଟି ସବୁଦିନ ପାଇଁ ବନ୍ଦ ହୋଇଯାଏ ବା କାଁଭାଁ ବର୍ଷରେ ଦୁଇଥର ପ୍ରକାଶ ପାଇ ତାର ଅସ୍ତିତ୍ୱ ଜାହିର ରଖେ । ଏହା ଆମ ସମୟର ପତ୍ରିକା ଜଗତର ବିଡମ୍ବନା । "


ପ୍ରକାଶନର ପ୍ରଥମ ସମ୍ପାଦକୀୟର ଉଦ୍ଧୃତିକୁ ନେଇ ଏଥର ସମ୍ପାଦକୀୟରେ ଯୋଉ ଚିନ୍ତା ପ୍ରକଟ କରିଛନ୍ତି ସମ୍ପାଦକ ଅକ୍ଷୟ ବେହେରା ତାହା ପ୍ରାୟ ସମସ୍ତ ପତ୍ରିକାର ସମ୍ପାଦକଙ୍କର ମନଗହନର କଥା । ଏତେ ଅସୁବିଧା, ଏତେ ସଂଘର୍ଷ ସତ୍ତ୍ୱେ ସେ ଯେ ଦୀର୍ଘ ପଚିଶିବର୍ଷ ଧରି ଏଇ ସମ୍ପାଦନାରୁ ଓହରି ନାହାନ୍ତି ଏହା ତାଙ୍କର ପ୍ରକାଶନ ଜନିତ ନିଷ୍ଠାକୁ ପ୍ରତିପାଦିତ କରୁଛି ।

୩୫୦ପୃଷ୍ଠାର କଳେବର ପୂଜାସଂଖ୍ୟା 'କଥା କଥା କବିତା କବିତା' ବିଳମ୍ବରେ ପ୍ରକାଶ ପାଇଥିଲେ ମଧ୍ୟ ଏହା ତାର ପୂର୍ବ ସ୍ୱାତନ୍ତ୍ରତା ବଜାୟ ରଖିପାରିଛି । ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ ନୋବେଲ ବିଜେତା ଆନି ଟରେନ୍ସ ଏର୍ନୋ, ପ୍ରଦୀପ ରାୟଙ୍କ 'ରବୀନ୍ଦ୍ରନାଥଙ୍କ ନୋବେଲ ପୁରସ୍କାର ପ୍ରାପ୍ତି ଏବଂ ଦେଶ ବିଦେଶରେ ତାହାର ପ୍ରତିକ୍ରିୟା' ସମେତ 'ସିନ୍ଧୁ ତରଙ୍ଗ ରବୀନ୍ଦ୍ରନାଥ ଓ ପୁରୀ' ରବୀନ୍ଦ୍ରଙ୍କ ସମ୍ପର୍କରେ ବହୁ ଅଜଣା ତଥ୍ୟ ଉନ୍ମୋଚନ କରିଥିବା ବେଳେ ଅକ୍ଷୟ ବେହେରାଙ୍କ ନୋବେଲ ବିଜେତା ଅବଦୁଲ୍ ରଜାକ୍ ଗୁର୍ନାହଙ୍କ ସହ ଏନ୍‌ଡିଟିଭିର ବରିଷ୍ଠ ସାମ୍ବାଦିକ ପ୍ରଣବ ରାୟଙ୍କ ସହ ସାକ୍ଷାତକାର ପତ୍ରିକାଟିର ଗୌରବ ବୃଦ୍ଧିରେ ସହାୟକ ହୋଇ ପାରିଛି । ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ଡ. ଫକୀର ମୋହନ ସାହୁ, କେଦାର ମିଶ୍ର, ବାଦଲ ମହାନ୍ତି, ଡ. ଜ୍ୟୋତିପ୍ରଭା ମହାନ୍ତି, ଡ. ମନଷା ଶ୍ରୀଚନ୍ଦନ ରାୟ, ସୁଶ୍ରୀ ସଂଗୀତା ମିଶ୍ର, ଡ. ପ୍ରକାଶ କୁମାର ପରିଡା, ଡ. ନିଖିଳାନନ୍ଦ ପାଣିଗ୍ରାହୀ ପ୍ରମୁଖଙ୍କ ପ୍ରବନ୍ଧ ପ୍ରକାଶ ପାଇଥିବା ବେଳେ ଗଳ୍ପରେ ସରୋଜିନୀ ସାହୁ, ସୌଦାମିନୀ ଭୂୟାଁ, ଗୋଲାପ ମଂଜରୀ କର, ସରୋଜ ସାହୁ, ସୁନନ୍ଦା ପ୍ରଧାନଙ୍କ ଗଳ୍ପ ବେଶ୍ ମନଲୋଭା । ଅନୁବାଦରେ ପ୍ରିୟମ୍ୱଦା ସାହୁ, ଶାରଦା ରଥ, ଅନୁରୂପା ସିଂହଙ୍କ ଲେଖା ସ୍ଥାନ ପାଇଥିବା ବେଳେ ଗାଳ୍ପିକ ଭୀମ ପୃଷ୍ଟିଙ୍କ ସହ ସାକ୍ଷାତକାର ଓ ଶତ୍ରୁଘ୍ନ ପାଣ୍ଡବଙ୍କ 'ମୋ କବିତାର ସଂରଚନା କଥା' ବେଶ୍ ହୃଦୟସ୍ପର୍ଶୀ । ବହୁ ବରିଷ୍ଠ ଓ ନବୀନ କବିଙ୍କ କବିତା ଏଥିରେ ସ୍ଥାନିତ ହୋଇଛି । ଏହି ସଂଖ୍ୟାରେ ଏହାର ସମସ୍ତ ନିୟମିତ ବିଭାଗ ପ୍ରକାଶ ପାଇଥିଲା ବେଳେ ସବୁଥର ପରି ନିଜର ସ୍ୱତନ୍ତ୍ରତା ବଜାୟ ରଖିବାରେ ସମ୍ପାଦକଙ୍କର ନିଷ୍ଠା ଦୃଶ୍ୟମାନ । ଏହି ସଂଖ୍ୟାଟି ପୂର୍ବ ସଂଖ୍ୟାମାନଙ୍କ ପରି ପାଠକୀୟତା ହାସଲ କରିବାରେ ନିଶ୍ଚିତ ସଫଳ ହେବ, ଏହା ନିଃସନ୍ଦେହରେ କୁହାଯାଇ ପାରେ ।

ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ଫିଚର୍ସ

କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ପେଶାୱର କାଣ୍ଡର ମହାନାୟକ



୬୫

ଦୀପକ ରଂଜନ ମିଶ୍ର

(ସଂକ୍ଷିପ୍ତ ଜୀବନ ଚରିତ)

## ॥ ବୀର ଚନ୍ଦ୍ରସିଂହ ଗଢ଼ୱାଲୀ - ୬ ॥

'କତ୍-ଅମ୍ବାରା'ଠାରେ ଦିନ ଦଶଟାରୁ ରାତି ଦଶଟା ପର୍ଯ୍ୟନ୍ତ ଅତ୍ୟଧିକ ଗରମ ଯୋଗୁଁ ତମ୍ବୁରୁ ବାହାରକୁ ବାହାରିବା ଥିଲା ଅସମ୍ଭବ । ପ୍ରବଳ ବେଗରେ ପବନ ବୋହିବା ସାଙ୍ଗକୁ ବାଲି ଓ ଛୋଟ ଗୋଡ଼ି ବି ଉଡ଼ିଆସେ । ଖାଦ୍ୟ ଜିନିଷ ପ୍ରସ୍ତୁତି ବେଳେ ସେଇ ବାଲି ଗୋଡ଼ି ସେଥିରେ ମିଶିଯାଏ । ସିପାହୀମାନେ ଅସୁସ୍ଥ ହୋଇ ପଡ଼ନ୍ତି । ଅନ୍ୟ ସ୍ଥାନରେ ରହିବା ସମ୍ଭବ ନହେବାରୁ ସେମାନେ ନଦୀକୂଳରେ ତମ୍ବୁ ଟାଣି ରହନ୍ତି । ଗରମ ସହି ନପାରି ବେଳ ଅବେଳ ନମାନି ସିପାହୀମାନେ ପଡ଼ି ରହନ୍ତି ନଈପାଣିରେ । ହେଲେ ଚନ୍ଦ୍ରସିଂହଙ୍କର ତ ନଈପାଣିକୁ ପ୍ରାଣେ ଭୟ । ଏଇ କେତେ ଦିନ ପୂର୍ବରୁ ଟାଇଗ୍ରୀସ୍ ନଦୀରେ ବୁଡ଼ି ମରୁ ମରୁ ବଞ୍ଚିଛନ୍ତି । ପାଣି କିନ୍ତୁ ତାଙ୍କୁ ହାତଠାରି ସବୁବେଳେ ଡାକୁଥାଏ । ସିପାହୀ ଜୀବନରେ ପହଁରା କେତେବେଳେ ବି ଆବଶ୍ୟକ ହୋଇପାରେ ଜୀବନରକ୍ଷା ପାଇଁ ବୋଲି ଭାବି ସେ ପହଁରା ଶିଖିବାକୁ ମନ ବଳାନ୍ତି । ଏଣେ ପାଣିରେ ବୁଡ଼ିଯିବାର ଭୟ ତାଙ୍କ ଗୋଡ଼କୁ ପଛରୁ ଭିଡ଼ି ଧରୁଥାଏ । ଶେଷକୁ ସେ ଗୋଟାଏ ସରଳ ଉପାୟ ବାହାର କରନ୍ତି । ନଈକୂଳରେ ଥିବା ଗୋଟେ ଖଜୁରୀଗଛରେ ଲମ୍ବା ଦଉଡ଼ିଟିଏ ବାନ୍ଧି ତାକୁ ଅଣ୍ଟାରେ ଗୁଡ଼ାଇ ସେ ପଶନ୍ତି ପାଣିରେ । ଗୋଡ଼ହାତ ଛାଟି ନିଜକୁ ପାଣି ଉପରେ ରଖିବାକୁ ଚେଷ୍ଟା କରୁ କରୁ ସେ କିଛିଦିନ ଭିତରେ ବନିଯାଆନ୍ତି ସନ୍ତରଣପଟୁ ।

'କତ୍-ଅମ୍ବାରା' ଠାରେ କିଛିଦିନ କଟାଇବା ପରେ ଚନ୍ଦ୍ରସିଂହଙ୍କ ପଲଟଣକୁ ବାଗଦାଦ୍ ସରୀଫ୍ ପଠାଇ ଦିଆଯାଏ । ସେଠାରେ ତାଙ୍କୁ ଅର୍ଦ୍ଦଳୀ ହାବିଲଦାରର କାମ ମିଳେ । ଭାରି ଦାୟିତ୍ୱପୂର୍ଣ୍ଣ ସେ କାମ । ଉପରିସ୍ଥ କମାଣ୍ଡରଙ୍କ ଆଦେଶକୁ ସିପାହୀଙ୍କ ପାଖରେ ପହଞ୍ଚାଇବା, ଜବାନ୍‌ମାନଙ୍କୁ ତାଙ୍କ ନମ୍ବର ଅନୁସାରେ ଡ୍ୟୁଟିରେ ଲଗାଇବା, ସିପାହୀଙ୍କ ହାଜିରା ପକାଇ ହିସାବ ରଖିବା, ଠିକ୍ ସମୟରେ କମ୍ପାନୀକୁ ଫାଲିନ୍ କରାଇବା ଇତ୍ୟାଦି ସମସ୍ତ ଗୁରୁଦାୟିତ୍ୱ ଥାଏ ତାଙ୍କରି କାନ୍ଧରେ । ପୁଣି ସେଠାରୁ ସେମାନଙ୍କୁ ସିରିଆ-ଲାଇନ୍‌କୁ ଯିବାକୁ ଆଦେଶ ମିଳେ । ସେପଟକୁ ଯିବାକୁ କୌଣସି ରାସ୍ତା ନଥିବାରୁ ସେମାନେ ବାଲି ଉପରେ ଚାଲି ଚାଲି ଯିବାକୁ ବାହାରନ୍ତି । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପିଇବା ପାଇଁ ପ୍ରତ୍ୟେକ ସିପାହୀଙ୍କୁ ଦିଆଯାଏ ମାତ୍ର ଗୋଟେ ଲେଖା ଟାମ୍‌ଲୋଟ୍ । ପ୍ରତି ମୁହୂର୍ତ୍ତରେ ଶୁଖି ଯାଉଥିବା ଗଳାକୁ ସେତକ ଥାଏ ସମୁଦ୍ରକୁ ଶଙ୍ଖେ ଭଳି । ଯାତ୍ରା କାଳରେ କେବଳ ବାସି ରୁଟି ହିଁ ଖାଇବାକୁ ଦିଆଯାଏ ତାହା ବି ପେଟଭର୍ତ୍ତି ନୁହେଁ । ଦୈନିକ ୧୫ ରୁ ୨୪ ମାଇଲ ପର୍ଯ୍ୟନ୍ତ ଚାଲିବାକୁ ହୋଇଥାଏ ସେମାନଙ୍କୁ । ଦିନସାରା କୌଣସି ଜାଗାରେ ତମ୍ବୁଟାଣି ରହିବା ପରେ ସନ୍ଧ୍ୟାବେଳୁ ତା' ପରଦିନ ସକାଳ ପର୍ଯ୍ୟନ୍ତ ସେମାନଙ୍କୁ ବାଲି ଉପରେ ମାର୍ଚ୍ଚିଂ କରିବାକୁ ପଡ଼େ । କାନ୍ଧରେ ସେମାନଙ୍କ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସହ ଥାଏ ଗୋଟେ ରାଇଫଲ, ସଙ୍ଗୀନ, ୧୦୦ଟି ଗୁଳି, ୨ ଟି ବୋମା, ଗୋଟେ ଭୂଜାଲି, ଚମଡ଼ାର କିଛି ଜିନିଷ, ଖାଇବା ଜିନିଷ ଥିବା ପାତ୍ର, ଓଭରକୋଟ୍, ଟାମ୍‌ଲୋଟ୍ ତଥା ମାଟି ଖୋଳିବା ପାଇଁ ବେଲ୍‌ଚା । ସାରା ରାତି ଚାଲି ଚାଲି ଥକି ପଡ଼ିଲେ ବି ସକାଳ ହେଲା ବେଳକୁ ସେମାନଙ୍କୁ ସେଠାରେ ରହିବାର ବ୍ୟବସ୍ଥା କରିବାକୁ ହୁଏ । ଶତ୍ରୁପକ୍ଷର ଆକ୍ରମଣ ଆଶଂକାରେ ଅଣ୍ଟେ ଗଭୀରର ଗାତ ଖୋଳି ତହିଁ ଉପରେ ତମ୍ବୁ ଟଣାଯାଏ । ପୁଣି ସାରା ଦିନ ପାଳି କରି ପହରା ଦେବାକୁ ହୁଏ । ଶୌଚ ପାଇଁ ଅଲଗା ଗାତ ଖୋଳିବା, ଖାଇଥିବା ବାସନ ମାଜି ସଫା କରିବା ସାଙ୍ଗକୁ ଇଂରେଜ ଅଫିସରଙ୍କ ଜିନିଷପତ୍ର ସମ୍ଭାଳିବା ବି ଥାଏ ସାଧାରଣ ସିପାହୀମାନଙ୍କ କାମ । ଏମିତି ଚାଲି ଚାଲି ସେମାନେ ଦିନେ ରାତି ଗୋଟାଏ ବେଳକୁ ସିରିଆ ଲାଇନ୍‌ରେ ପହଞ୍ଚନ୍ତି । ସେଇଠୁ ଅଳ୍ପ ଦୂରରେ ତୁର୍କୀର ସୈନ୍ୟମାନେ ଛପି ରହିଥାନ୍ତି । ଏମାନଙ୍କୁ ତାଙ୍କ ସହିତ ଯୁଦ୍ଧ କରିବାର ଥାଏ । ଘନ ଅନ୍ଧକାର ଭିତରେ କିଛି ବି ଦୃଶ୍ୟମାନ ହେଉ ନଥାଏ । ଆଲୁଅ ଜଳାଇଲେ ଶତ୍ରୁପକ୍ଷଙ୍କ ନଜର ପଡ଼ିବା ଭୟରେ ସେମାନେ ଅନ୍ଧାରରେ ଠିଆହୋଇ ଘଡ଼ିଏ ଚିନ୍ତା କରନ୍ତି । ସକାଳ ପର୍ଯ୍ୟନ୍ତ ଏମିତି ଠିଆହୋଇ ରହିଲେ ତୁର୍କୀସେନାର ଗୁଳି ଖାଇ ମରିବା ସାର । ତେଣୁ ସେଇ ଅନ୍ଧାର ଭିତରେ ତାଙ୍କୁ ଗାତ ଖୋଳି ତା' ଭିତରେ ଛପିରହିବାକୁ ପଡ଼ିବ । ସକାଳ ଛ'ଟା ବେଳକୁ ମାଟିତଳେ ଲୁଚିବା ସ୍ଥାନ ପ୍ରସ୍ତୁତ ହୋଇଯାଏ । ଭୋର ହେଉ ହେଉ ଉଭୟ ପକ୍ଷରୁ ତୋପ କମାଣ ଗର୍ଜିବା ଆରମ୍ଭ ହୁଏ । ଏପଟେ ସିପାହୀମାନଙ୍କ ଆଖି ନିଦରେ ବୁଜି ହୋଇ ଯାଉଥିବା ବେଳେ ଅସହ୍ୟ ଭୋକ ଓ ଶୋଷ ଯୋଗୁଁ ସେମାନେ ଅସ୍ଥିର ହୋଇଯାଉଥାନ୍ତି । ହେଲେ ସିପାହୀ ଭାଗ୍ୟରେ ବିଶ୍ରାମ କାହିଁ ଯେ, ଆହାର ନିଦ୍ରା ତ୍ୟାଗକରି ସେମାନେ ବନ୍ଧୁକ ଧରି ଲାଗିପଡ଼ନ୍ତି ଶତ୍ରୁଙ୍କ ମୁକାବିଲା କରିବାରେ ।

ଉଭୟ ପକ୍ଷରୁ ଗୁଳିବର୍ଷା ହେଉଥିବା ବେଳେ ହୁକୁମ୍ ହୁଏ - "ଗଢ଼ୱାଲୀ ଆଗେ ବଢ଼ୋ ।" ସାରାରାତି ପରିଶ୍ରମ କରି ଯେଉଁ ଖାଇ ଖୋଳିଥିଲେ ତାକୁ ଛାଡ଼ି ସେମାନଙ୍କୁ ଆଗକୁ ବଢ଼ିବାକୁ ପଡ଼େ । ଗଢ଼ୱାଲୀ ପଲଟଣ ପଛରେ ଗୋରଖା ପଲଟଣ, ତା' ପଛକୁ ଦେଶୀ ପଲଟଣ ଓ ସବା ପଛକୁ ଗୋରା ରେଜିମେଣ୍ଟ । ଭାରତୀୟ ସିପାହୀଙ୍କୁ ଆଗରେ ପଠାଇ ଗୋରାମାନେ ପଛରେ ଯିବା ଥିଲା ଏକ ସାଧାରଣ କଥା । ସେମାନେତ ମାଲିକ, ନିଜେ କାହିଁକି ଆଗେ ମରିବାକୁ ଛାତି ପତାଇବାକୁ ଯିବେ । ଆଗରେ ଏଇ ଭଡ଼ାଟିଆ ସିପାହୀମାନେ ଯାଆନ୍ତୁ । ଦିନସାରା ଚାଲି ଚାଲି ସେମାନେ 'ରମାଦୀ' ନଗର ଉପକଣ୍ଠରେ ପହଞ୍ଚନ୍ତି । ସନ୍ଧ୍ୟା ବେଳକୁ ତୁର୍କୀସେନା ଓ ଗଢ଼ୱାଲୀ ପଲଟଣ ସାମ୍ନାସାମ୍ନି । ଉଭୟଙ୍କ ମଧ୍ୟରେ ମାଟି ମୁଣ୍ଡିଆଟିଏ ଥିବାରୁ ତୁର୍କୀସେନାର ଗୁଳି ଏମାନଙ୍କ ଶରୀରରେ ନବାଜି ମୁଣ୍ଡ ଉପର ଦେଇ ଚାଲିଯାଉଥାଏ । ହେଲେ ଗୋଳାଗୁଡ଼ିକ ଉପରକୁ ଉଠି ଏମାନଙ୍କ ପାଖରେ ପଡ଼ିବାକୁ ଲାଗେ । ଗୋଳାମାଡ଼ରେ ଅନେକ ଭାରତୀୟ ସିପାହୀ ମୃତ୍ୟୁବରଣ କରନ୍ତି । ଗଢ଼ୱାଲୀ ବାଟାଲିୟନ୍‌ର ସୁବେଦାର ମେଜର ସଂଗ୍ରାମସିଂହ ନେଗୀ ଓ କେତେ ପରିଚିତ ସିପାହୀ ସେଠାରେ ବୀରଗତିକୁ ପ୍ରାପ୍ତ ହୁଅନ୍ତି । ସଂଗ୍ରାମସିଂହଙ୍କ ଦେହାନ୍ତ ଯୋଗୁଁ ଗଢ଼ୱାଲୀ ବାଟାଲିଅନ୍‌ର ସିପାହୀମାନେ ଭାରି ଉଦାସ ହୋଇଯାଆନ୍ତି । ସେ ଭାରି ସଚ୍ଚୋଟ ଓ ମେଳାପୀ ସୁବେଦାର ଥିଲେ । ସଦାସର୍ବଦା ସିପାହୀଙ୍କ ସୁବିଧାକୁ ଧ୍ୟାନରେ ରଖି ନିଷ୍ପତ୍ତି ନେଉଥିବାରୁ ସେ ଥିଲେ ସମସ୍ତଙ୍କର ପ୍ରିୟ । ସୂର୍ଯ୍ୟ ଅସ୍ତ ହୋଇଯିବାରୁ ତୁର୍କୀସେନା ଆଉ ଟିକିଏ ଆଗକୁ ଆସି ଏମାନଙ୍କ ଉପରକୁ ସିଧାସଳଖ ଗୁଳି ଚଳାଇବାରୁ କେତେ ନିହତ ହେବାସହ ଅନେକ ଆହତ ହୋଇ ଛଟପଟ ହେବାକୁ ଲାଗନ୍ତି । ତୁର୍କୀସେନା ପୂର୍ବରୁ ସେଇ ଅଞ୍ଚଳ ସହ ପରିଚିତ ଥିବାରୁ ସେମାନଙ୍କୁ ଯୁଦ୍ଧ କରିବାକୁ ଆଦୌ ଅସୁବିଧା ହୁଏନି । କିନ୍ତୁ ଭାରତୀୟ ସିପାହୀମାନେ ସେଇ ସ୍ଥାନରେ ସମ୍ପୂର୍ଣ୍ଣ ନୂଆ ତଥା ଆହାର ଓ ବିଶ୍ରାମ ଅଭାବରେ ଦୁର୍ବଳ ହୋଇପଡ଼ିଥିବାରୁ ଠିକ୍ ଢଙ୍ଗରେ ଶତ୍ରୁପକ୍ଷର ମୁକାବିଲା କରିବାକୁ ଅସମର୍ଥ ହୁଅନ୍ତି । ଖୋଲା ପଡ଼ିଆରେ ସେମାନେ ଠିଆ ହୋଇଥିବାରୁ କାହାରି ଆଢୁଆଳରେ ରହି ନିଜକୁ ବଞ୍ଚାଇବା ବି ସମ୍ଭବ ହୋଇ ପାରୁ ନଥାଏ । ସେମାନେ ଆଗପଛ ବିଚାର ନକରି ସେଇ ଅନ୍ଧାର ଭିତରେ ଗାତ ଖୋଳିବାକୁ ଲାଗନ୍ତି ଯେମିତି ସୂର୍ଯ୍ୟୋଦୟ ବେଳକୁ ନିଜକୁ ଖାଇ ଭିତରେ ସୁରକ୍ଷିତ ରଖିବା ସହ ଯୁଦ୍ଧ ଜାରି ରଖି ପାରିବେ । ଘଣ୍ଟାଏ ହାଡ଼ଭଙ୍ଗା ପରିଶ୍ରମ ପରେ ଖାଇ ପ୍ରସ୍ତୁତ ହୋଇଯାଏ । ଉପରେ ତମ୍ବୁ ଟାଣିଦେଇ ସେମାନେ ତାହାରି ଭିତରେ ଟିକିଏ ଟିକିଏ ବିଶ୍ରାମ ନିଅନ୍ତି ।

'ରମାଦୀ'ର ଏଇ ଲଢ଼େଇରେ ସବୁଠାରୁ ଯନ୍ତ୍ରଣାଦାୟକ ଥିଲା ପିଇବା ପାଣିର ଅଭାବ । ଆଖପାଖ ୩୦ ମାଇଲ ଭିତରେ କୋଉଠି ବି ପାଣି ନଥାଏ । ରମାଦୀ ସହର ପାଖ ଦେଇ 'ଫୁରାତ୍' ନଦୀ ପ୍ରବାହିତ । ହେଲେ ସେଇ ସବୁ ଅଞ୍ଚଳ ଥାଏ ତୁର୍କୀ ସେନା ଅଧୀନରେ । ଏମାନେ ପାଣି କୋଉଠୁ ପାଇବେ ? ଏଇ ଚିନ୍ତାରେ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି ସମସ୍ତେ । ଖୋଜଖବର ନେବାରୁ ଜଣାଯାଏ ଯେ ସେଇ ଅଞ୍ଚଳରେ ଜଳ ସଙ୍କଟରୁ ବର୍ତ୍ତିବା ପାଇଁ ଲୋକେ ବର୍ଷାଜଳକୁ ସଞ୍ଚୟ କରି ରଖିବା ଉଦ୍ଦେଶ୍ୟରେ ଏକ ବିରାଟ ପୋଖରୀ ଖୋଳାଇଛନ୍ତି । ସ୍ଥାନୀୟ ପଶୁପକ୍ଷୀମାନେ ସେଇ ପାଣି ପିଇବା ତଥା ଗାଧୋଇବା ପାଇଁ ବ୍ୟବହାର କରନ୍ତି । ତାହାରି ଭିତରେ କୁକୁର ବିଲୁଆ ମରି ପଚି ଯାଆନ୍ତି । ନାକଫଟା ଦୁର୍ଗନ୍ଧ ଯୋଗୁଁ ସେଇ ପୋଖରୀ ପାଖକୁ ଯିବା ବି ଅସମ୍ଭବ ମନେହୁଏ । ତାହା ଜଳର ଏକମାତ୍ର ଉତ୍ସ ଥାଏ ଭାରତୀୟ ସିପାହୀଙ୍କ ପାଇଁ । ତାକୁ ବିଶୋଧନ କରି ପିଇବା ବ୍ୟତୀତ ଅନ୍ୟ ଉପାୟ ନାହିଁ । ବଡ଼ ବଡ଼ କାନ୍‌ଭାସ୍ ଟାଙ୍କିରେ ସେଇ ପାଣି ସଂଗ୍ରହ କରି ଡାକ୍ତର ସେଥିରେ ପୋଟାସିୟମ୍ ପରମାଙ୍ଗାନେଟ୍ ମିଶାଇ ଜୀବାଣୁମୁକ୍ତ କରିବାକୁ ଚେଷ୍ଟା କରନ୍ତି । ଔଷଧ ପ୍ରଭାବରେ ହୁଏତ ତହିଁରେ ଥିବା ଜୀବାଣୁ ମୃତ୍ୟୁବରଣ କରିଥାଇ ପାରନ୍ତି ହେଲେ ତହିଁରୁ ନିର୍ଗତ ହେଉଥିବା ଦୁର୍ଗନ୍ଧ ଟିକିଏ ବି କମିବାର ନାଁ ନିଏନି । ଦୁଇଟି ବଡ଼ ଚମଡ଼ା ଥଳୀରେ ସେଇ ପାଣି ଭରି ଚନ୍ଦ୍ରସିଂହଙ୍କ କମ୍ପାନୀ ପାଖକୁ ପଠାଇ ଦିଆଯାଏ । ଅତି ଦୁର୍ମୂଲ୍ୟ ହୋଇଥିବାରୁ ଅପବ୍ୟବହାର ଭୟରେ ତାକୁ ସିନିୟର ସୁବେଦାରଙ୍କ ଜିମାରେ ରଖାଯାଏ । ଚନ୍ଦ୍ରସିଂହ ତାଙ୍କ ପଲଟଣ ପାଇଁ ପାଣି ଆଣିବାକୁ ଯିବାରୁ ସିନିୟର ସୁବେଦାର ତାଙ୍କୁ କିଛି କାରଣ ନଥାଇ ଗାଳି ଦିଅନ୍ତି । ଏପଟେ ବିଦେଶ ମାଟିରେ ଗୁଳି ଖାଇ ସାଥୀମାନେ ମୃତ୍ୟୁମୁଖରେ ପଡୁଛନ୍ତି । ବଞ୍ଚିଥିବା ଲୋକଙ୍କ ପାଇଁ ଜଳକଷ୍ଟ ସାଂଘାତିକ ଅବସ୍ଥାରେ । ସେଇ ସମୟରେ ପାଣି ମାଗିବାକୁ ଯାଇ ଉପରିସ୍ଥ ଅଫିସରଙ୍କ ଗାଳି ଖାଇବାଟା ସହଜରେ ହଜମ କରି ପାରନ୍ତିନି ଚନ୍ଦ୍ରସିଂହ । ହେଲେ ସିପାହୀମାନଙ୍କର ପ୍ରତିକ୍ରିୟା ଦେଖାଇବାର ଅଧିକାର ନଥିବାରୁ ସେ ଦାନ୍ତ କାମୁଡ଼ି ସେଇ ଦୁର୍ବ୍ୟବହାରକୁ ସହିଯାଆନ୍ତି । ମନେ ମନେ ଭାବନ୍ତି, ଯାହା ଗାଳି ଶୁଣିବା କଥା ତାହା ତ ଶୁଣି ସାରିଲେଣି, ଏବେ ଖାଲି ହାତରେ ଫେରିଗଲେ ସାଥୀଙ୍କ ପାଖରେ ଅପମାନିତ ହେବା ସାଙ୍ଗକୁ ପାଣି ଅଭାବରେ ମରିବା ସାର ହେବ । ଆସିଛନ୍ତି ଯେତେବେଳେ ପାଣି ନିଶ୍ଚୟ ନେଇକରି ହିଁ ଫେରିବେ । ନିଜ ଟାମ୍‌ଲୋଟ୍‌ର ଠିପି ଖୋଲି ସେଥିରେ ପାଣି ଭରିବାକୁ ଲାଗନ୍ତି ଜୋର ଜବରଦସ୍ତ । ସିନିୟର ସୁବେଦାର ଜଣେ ସାଧାରଣ ସିପାହୀର ଏଭଳି ବ୍ୟବହାରରେ ରାଗିଯାଇ ପାଖକୁ ଧାଇଁ ଆସନ୍ତି ପିଟିବା ପାଇଁ । ଛାନିଆଁରେ ଚମଡ଼ା ଥଳୀଟି ହାତରୁ ଛାଡ଼ି ହୋଇଯିବାରୁ ସବୁ ପାଣି ମାଟିରେ ଢାଳି ହୋଇଯାଏ । ସୁବେଦାର ରାଗି ଚିତ୍କାର କରନ୍ତି, "କାଲି ତୁମକୁ କୋର୍ଟ ମାର୍ଶଲ କରାଯିବ ସିପାହୀ । ତୁମର ଏଇ ଭୁଲ ପାଇଁ ସାରା କମ୍ପାନୀ ବିନା ପାଣିରେ ମରିବେ ଏତିକି ଜାଣି ପାରୁନ ?" ଚନ୍ଦ୍ରସିଂହ କିଛି ବି ନଶୁଣି ଦ୍ୱିତୀୟ ଥଳୀରୁ ଶୀଘ୍ର ଶୀଘ୍ର ନିଜ ଟାମଲୋଟ୍‌ରେ ପାଣି ପୂରାଇ ନିଜ ସେକ୍ସନ୍‌କୁ ଫେରି ଆସନ୍ତି । ତାଙ୍କ ସୁବେଦାର ଏଇସବୁ କଥା ଶୁଣି କହନ୍ତି, "ହଉ, କାଲି ପର୍ଯ୍ୟନ୍ତ ବଞ୍ଚିଥିବା ଯଦି ତେବେ ଦେଖିବା । ସେଥିପାଇଁ ଏତେ ଚିନ୍ତା କରନି ।" ଆଣିଥିବା ପାଣିକୁ ଚନ୍ଦ୍ରସିଂହ ତାଙ୍କ ସାଥୀ ସିପାହୀମାନଙ୍କ ଭିତରେ ଅଳ୍ପ ଅଳ୍ପ ବାଣ୍ଟିଦିଅନ୍ତି । ସେଦିନ ତାଙ୍କ ସେକ୍ସନ୍‌ରେ ୩୦ ଜଣ ଖଣ୍ଡେ ସିପାହୀ ଥାଆନ୍ତି । ତଣ୍ଟି ଭିଜାଇବା ଭଳି ଢୋକେ ଦି'ଢୋକ ଲେଖା ପାଣିରେ ସମସ୍ତଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼େ । ଇୟେ ପାଣି ନା ଆଉ କ'ଣ ଯେ ? କୁଇନାଇନ୍ ଭଳି ପ୍ରବଳ ପିତା ସାଙ୍ଗକୁ ନାକଫଟା ଦୁର୍ଗନ୍ଧ । ଡାକ୍ତର ବୋଧେ କିଛି ଔଷଧ ପାଣିରେ ମିଶାଇ ସେମାନଙ୍କୁ ପିଇବାକୁ ଦେଇଛନ୍ତି ବୋଲି ଭାବନ୍ତି ସମସ୍ତେ । ହେଲେ ଟିକିଏ ପରେ ସମସ୍ତଙ୍କର ପ୍ରବଳ ବାନ୍ତି ସାଙ୍ଗକୁ ଝାଡ଼ା ଆରମ୍ଭ ହୋଇଯାଏ । ଏଣେ ଖାଇ ଭିତରୁ ବାହାରକୁ ଯିବା ସମ୍ଭବ ନୁହେଁ । ଶତ୍ରୁସେନା ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ତୀକ୍ଷ୍ଣ ନଜର ରଖିଛନ୍ତି ଏମାନଙ୍କ ଗତିବିଧି ଉପରେ । ମୁଣ୍ଡ ଟିକିଏ ଦେଖାଗଲେ ସେଇ ଦିଗରେ ଗୁଳି ଚାଲିଆସୁଛି ସାଇଁ ସାଇଁ ହୋଇ । ତେଣୁ ସିପାହୀମାନେ ତାଙ୍କ ଲୁଚି ରହିଥିବା ସ୍ଥାନରେ ହିଁ ଝାଡ଼ାବାନ୍ତି କରି ତାହାକୁ ବେଲ୍‌ଚା ସାହାଯ୍ୟରେ ଉପରକୁ ଫିଙ୍ଗିବାକୁ ଲାଗନ୍ତି ।

୨୯ ସେପ୍ଟମ୍ବର ୧୯୧୭ ର କଥା । ସକାଳୁ ସକାଳୁ ଗୋଟେ କର୍କଶ ଶବ୍ଦ ଶୁଭେ, "ଗଢ଼ୱାଲୀ ବୀର, ଏଡଭାନ୍ସ ।" ଅବିଳମ୍ବେ ଗଢ଼ୱାଲୀ ସିପାହୀମାନେ ନିଜ ଜୀବନକୁ ପାଣି ଛଡ଼େଇ ଖାଇ ଭିତରୁ ଦଳ ଦଳ ହୋଇ ବାହାରି ଆସନ୍ତି "ବୋଲ୍ ବଦରୀ ବିଶାଲ୍ କୀ ଜୟ" କହି । ସେମାନେ ବନ୍ଧୁକ ଆଗକୁ କରି ଶତ୍ରୁ ପକ୍ଷଙ୍କ ଆଡ଼କୁ ଧାଇଁବାକୁ ଲାଗନ୍ତି । ଏମାନେ ମାଡ଼ି ଆସୁଥିବା ଦେଖି ତୁର୍କୀସେନା ଆଖିବୁଜା ଗୁଳି ବର୍ଷା ଆରମ୍ଭ କରିଦିଅନ୍ତି । ତାଙ୍କ ଖାଇ ଭିତରେ ଲୁଚିରହି ଗୁଳି ଚଳାଉଥିବାରୁ ସେମାନେ ଥାଆନ୍ତି ସୁରକ୍ଷିତ । ହେଲେ ଗଢ଼ୱାଲୀ ସିପାହୀମାନେ ଗୁଳି ଖାଇ ଟଳିପଡୁଥାନ୍ତି ଗୋଟେ ପରେ ଗୋଟେ । ଗୁଳିବାଜି ପିଚ୍‌କାରୀ ଭଳି ରକ୍ତ ବାହାରୁଥାଏ ଦେହରୁ । ତଳେ ପଡ଼ି ମରିଗଲି ମରିଗଲି ବୋଲି ଚିତ୍କାର କରୁଥାନ୍ତି ସିପାହୀମାନେ । ଯେତେ ଆଗକୁ ବଢୁଥାନ୍ତି ସେତେ ଅଧିକ ସିପାହୀ ଟଳି ପଡୁଥାନ୍ତି । ଏସବୁ ସତ୍ତ୍ୱେ ସିପାହୀମାନେ ଆଗକୁ ବଢ଼ିବାରେ ଲାଗିଥାନ୍ତି । ଚନ୍ଦ୍ରସିଂହ ଆଗପଛ କିଛି ନଭାବି ଗଢ଼ମାତା ଓ ବଦରୀ ବିଶାଳଙ୍କୁ ସୁମରଣା କରି ବୀରଦର୍ପରେ ଧାଇଁ ଯାଉଥାନ୍ତି ଆଗକୁ । ଏଇ ସମୟରେ ଗୋଟେ ଗୋଳା ଆସି ଠିକ୍ ତାଙ୍କ ଡାହାଣ ପଟକୁ ଟିକିଏ ଦୂରରେ ପଡ଼େ । ପ୍ରାୟ ଦଶଜଣ ସିପାହୀ ନିମିଷକେ ଜଳି ପାଉଁଶ ହୋଇଯାଆନ୍ତି ତାଙ୍କ ଆଖି ସାମ୍ନାରେ । ତାଙ୍କ ଅନ୍ତରଙ୍ଗ ସାଥୀ ଭୂରାସିଂହ ଓ କାଲୁସିଂହଙ୍କ ଅନ୍ତ ହୋଇଯିବା ଯୋଗୁଁ ଖୁବ୍ ଆଘାତ୍ ପାଆନ୍ତି ଚନ୍ଦ୍ରସିଂହ । ହେଲେ କିଏ ମରୁ ବା ବଞ୍ଚୁ, ପଲଟଣର କାମ ହେଲା ଆଗକୁ ବଢ଼ିବା । ଉପରୁ ହୁକୁମ୍ ନ ମିଳିବା ପର୍ଯ୍ୟନ୍ତ ସିଏ ଆଗକୁ ବଢ଼ିବ ହିଁ ବଢ଼ିବ। ସେଇଠୁ କିଛି ଆଗକୁ ଯିବା ପରେ ହାବିଲ୍‌ଦାର୍ ପଦମ୍‌ସିଂହ ନେଗୀ ଜଙ୍ଘରେ ଗୁଳି ବାଜିବାରୁ ସେଇଠି ପଡ଼ିଯାଏ । ସିଏ ଚନ୍ଦ୍ରସିଂହଙ୍କ ଗାଁ ପାଖ ଲୋକ । ତାକୁ ପଡ଼ିଯିବା ଦେଖି ଚନ୍ଦ୍ରସିଂହ ପଚାରନ୍ତି, "କ'ଣ ପଦମ୍, ମରିଗଲୁ କିରେ ?" ଉତ୍ତର ଆସେ, "ମରିନି ବେ, ହେଲେ ଆଉ ଟିକକୁ ମରିବି ନିଶ୍ଚିତ । ଯଦି ତୁ ମୋତେ ବଞ୍ଚାଇବାକୁ ଚାହୁଁଛୁ ତେବେ ମୋ ପିଠିପଟେ ଥିବା ବେଲ୍‌ଚାଟି କାଢ଼ିଦେ । ମୁଁ ତାହାରି ଆଢୁଆଳରେ ଶତ୍ରୁଗୁଳିରୁ ବଞ୍ଚିଯିବି ।" ଚନ୍ଦ୍ରସିଂହ ବୁଲିପଡ଼ି ତା' ପିଠିରୁ ବେଲ୍‌ଚାଟି କାଢ଼ିବା ବେଳେ ପଛପଟୁ ଆସୁଥିବା ଜଣେ ଇଂରେଜ ନିଜ ପିସ୍ତଲ କାଢ଼ି ତାଙ୍କୁ ଲକ୍ଷ୍ୟକରି ଗୁଳି ଫୁଟାଇବାକୁ ପ୍ରସ୍ତୁତ ହୋଇ ଚିତ୍କାର କରେ, "ଏ ସିପୟେ, ଟୁମ୍ କ୍ୟା କର୍‌ଟା ହେ ?" ଚନ୍ଦ୍ରସିଂହ ବି ନିଜ ରାଇଫଲ୍‌ର ନଳୀ ସେଇ ସାହେବ ଆଡ଼କୁ କରି ବଡ଼ପାଟିରେ କହନ୍ତି "ଖବରଦାର୍ !" ସାହେବ ଡରିଯାଇ ଗୁଳି ନଫୁଟାଇ ଆଗକୁ ବଢ଼ିଲା ବେଳେ କହେ, "କଲ୍ ଟୁମ୍‌କୋ ମାଲୁମ୍ ହୋଗା ଜବ୍ କୋର୍ଟ ମାର୍ଶାଲ୍ ହୋଗା ।" ଲଢ଼େଇ ବେଳେ କୌଣସି ଯୋଦ୍ଧା ନିଜ ଆହତ ସାଥୀକୁ ସାହାଯ୍ୟ କରିବା କିମ୍ବା ଆଗକୁ ନଯାଇ ପଛକୁ ଫେରିବା ନିୟମ ବର୍ହିଭୂତ । ଏଭଳି କିଛି ଦେଖାଗଲେ, ଅଫିସରର ଅଧିକାର ଅଛି ତତ୍କାଳ ତାକୁ ଗୁଳି କରି ମାରିଦେବାର .....

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୩୦ ଅପ୍ରେଲ ୨୦୨୩

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆ ଲୋ ଚ ନା

# ଶ୍ରମିକଙ୍କ ଶ୍ରମ ଅଧିକାର ମୂଲ୍ୟ କାହିଁ ?

ଡକ୍ଟର ଲକ୍ଷ୍ମଣ ସାହୁ



ନିକଟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ନୂତନ ଶ୍ରମ ଆଇନ ଦେଶର ଶ୍ରମ ସମାଜ ସହିତ ଏକ ନୂଆ ପ୍ରହସନ । ଏହି ନିୟମ କାର୍ଯ୍ୟକାରୀ ହେଲେ କର୍ମଚାରୀଙ୍କ ନିରବଚ୍ଛିନ୍ନ ପୁନଃ ନିର୍ମାଣ, କମ୍ପାନୀର ନିରବ ବନ୍ଦ ହେବାର ଅଧିକାର ରହିବ । ଶ୍ରମିକଙ୍କ ବିରୋଧ କରିବାର ଅଧିକାର ମଧ ଦିଆଯାଇଛି । ଏହା ବ୍ୟତୀତ ଶ୍ରମିକଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ପାଇଁ କର୍ପୋରେଟ୍ ଉପରେ ଶ୍ରମିକଙ୍କ ପେନ୍ସନ୍ ଓ ସାମାଜିକ ସୁରକ୍ଷା ଦାୟିତ୍ୱ ଲାଗୁ କରାଯାଇଛି । ସରକାର କିନ୍ତୁ ଲୁଚାଇ ନାହାଁନ୍ତି । କାର୍ଯ୍ୟରତ ଲୋକମାନଙ୍କର ଦାୟିତ୍ୱ ଖୋଲାଖୋଲି ଭାବେ ସ୍ପଷ୍ଟ କରି ଦିଆଯାଇଛି । କର୍ପୋରେଟ୍ ଓ ବ୍ୟବସାୟ ସମ୍ପ୍ରଦାୟ ପାଇଁ ଏହି ସଂସ୍କାର ଅଣାଯାଉଛି ବୋଲି ଶ୍ରମ ମନ୍ତ୍ରୀ କହିଛନ୍ତି । ତେବେ ଏହାଦ୍ୱାରା ନିଯୁକ୍ତି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

ଅବଶ୍ୟ ଏହା କାହିଁକି ବୃଦ୍ଧି ପାଇବ ? ବାସ୍ତବରେ ଏଭଳି ତର୍କ ଅଜବ ଅଟେ । ହୁଏତ ନୂତନ ନିୟମ ଅନୁଯାୟୀ ଛୁଟି କରିବା ସହଜ, ତେଣୁ ବ୍ୟବସାୟରେ ବିନିଯୋଗ କରିବାକୁ ଆଗ୍ରହ ବଢ଼ିବ । ନୂତନ ନିୟମ ଅନୁଯାୟୀ ଯେଉଁ ସଂସ୍ଥାଗୁଡ଼ିକରେ ୩୦୦ ରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଛନ୍ତି ସେମାନଙ୍କ ପାଇଁ ଛୁଟି ନେବାକୁ ଅନୁମତି ଦିଆଯିବା ଆବଶ୍ୟକ । ଏହି ସଂଖ୍ୟାରୁ କମ୍ ଶ୍ରମିକ ଦେଶର ୭୦% କମ୍ପାନୀରେ କାମ କରନ୍ତି । ତେଣୁ ଦେଶର ଅଧିକାଂଶ ଶ୍ରମିକଙ୍କୁ ଯେକୌଣସି ଦିନ ପୁନଃ ନିର୍ମାଣ ସହିତ କାମ କରିବାକୁ ପଡ଼ିବ । ନୂତନ ଶ୍ରମ ନିୟମ ୟୁନିଅନର ଅସ୍ତିତ୍ୱକୁ ଆହୁରି କଷ୍ଟ ଦେଇଛି । ପ୍ରସ୍ତାବିତ ନୂତନ ନିୟମ କହୁଛି ଯେ ଯଦି କୌଣସି ସଂସ୍ଥାର ୫୧ ପ୍ରତିଶତ କର୍ମଚାରୀ ଏକ ୟୁନିଅନର ସଦସ୍ୟ ଅଟନ୍ତି, ତେବେ କର୍ତ୍ତୃପକ୍ଷ ସେହି ସଂଘ ସହ ଆଲୋଚନା କରିବେ ।

ଅନ୍ୟ ଅର୍ଥରେ ସେହି ୟୁନିଅନର ଯେଉଁମାନଙ୍କ ତୁଳନାରେ କମ୍ ସଦସ୍ୟ ଅଛନ୍ତି, ସେମାନଙ୍କର ଶ୍ରମିକ ଆନ୍ଦୋଳନର ଅଧିକାର ନାହିଁ । ସରକାରଙ୍କ କହିବାନୁସାରେ ପୂର୍ବରୁ ଶ୍ରମିକମାନଙ୍କ ପାଇଁ ଏତେ ସୁଯୋଗ ନଥିଲା । ବେତନର ୫୦% ପର୍ଯ୍ୟନ୍ତ ପେନ୍ସନ୍, ଗ୍ରାଚ୍ୟୁଇଟିରେ ବୃଦ୍ଧି, ଛୁଟିଦିନରେ ବୃଦ୍ଧି, ଇଚ୍ଛା ଅନୁଯାୟୀ ଅଧିକ ସମୟ ପାଇଁ ସୁଯୋଗ, ନୂତନ ଆଇନରେ ଚାରି ଦିନ ୧୨ ଘଣ୍ଟା କାମ କରିବା ପରେ ମଧ କାମ କରି ରୋଜଗାର କରିବାର ସୁଯୋଗ । ତିନି ଦିନ ଛୁଟି । ଅଭ୍ୟାସରେ ଏହାର ଅର୍ଥ ହେଉଛି ବିଶେଷକରି ଶ୍ରମିକ ସମାଜ ଓ ବିଭିନ୍ନ ସଂଗଠନର କର୍ମଚାରୀମାନଙ୍କୁ ଅନ୍ୟ କାର୍ଯ୍ୟ କରି ଅବଶିଷ୍ଟ ତିନି ଦିନ ରୋଜଗାର କରିବାକୁ ସୁଯୋଗ ମିଳେ । ଏପରିକି ସେମାନେ ନିଜ କମ୍ପାନୀ କିମ୍ବା ଅଫିସରେ କାମ କରି ଅତିରିକ୍ତ ରୋଜଗାର କରିପାରିବେ । ଫଳସ୍ୱରୂପ ପ୍ରତିଦିନ ୧୨ ଘଣ୍ଟା କାର୍ଯ୍ୟ ଦିବସ ରହିବ । ଏହାର ଉଦାହରଣ ବି ଅଛି ! ଅଳ୍ପ ମଜୁରୀ ପାଇଁ କାମ କରିବା ପରେ ସେମାନେ ଅତିରିକ୍ତ ଟଙ୍କା ପାଇଁ ଅଧିକ ସମୟ କାମ କରିବେ । ଏହାର ଅର୍ଥ ହେଉଛି ଅଧିକ ଆୟ ପାଇଁ ସାତ ଦିନ ୧୨ ଘଣ୍ଟା କାର୍ଯ୍ୟ ବ୍ୟବସ୍ଥା । ୮ ଘଣ୍ଟା କାମ ଉପରେ ନ୍ୟସ୍ତ ଅଧିକାରରୁ ବଞ୍ଚିତ । ପ୍ରସ୍ତାବିତ ନୂତନ ବ୍ୟବସ୍ଥାରେ ଏକ ନୂତନ ଅର୍ଥନୀତି ଏକ ଖଣ୍ଡବିଖଣ୍ଡିତ କାର୍ଯ୍ୟ ପରିବେଶ ସୃଷ୍ଟି କରୁଛି । ଜାର୍ଗୋନରେ ଏହାକୁ ଗିଗ୍ ଇକୋନୋମି କୁହାଯାଏ । ସମଗ୍ର କାର୍ଯ୍ୟ ଜଗତକୁ ଅତ୍ୟନ୍ତ ବ୍ୟକ୍ତିଗତ କରିବା ପାଇଁ ଏହା ବ୍ୟବସ୍ଥା କରାଯାଇଛି । ଏହା ଏକ ସମନ୍ୱିତ ଶ୍ରମ ପ୍ରକ୍ରିୟା ହେବ ।

କମ୍ ଜଣଙ୍କର ଆବଶ୍ୟକତା ଓ ସୁବିଧା ଅନୁଯାୟୀ କାର୍ଯ୍ୟର ଚୁକ୍ତିନାମା ଖଣ୍ଡ ବିଖଣ୍ଡିତ ସମୟରେ କରାଯାଇପାରିବ । ଏପରିକି ନୂତନ ନିୟମରେ ବର୍ଷର ଚାରି ମାସରେ ଓଭରଟାଇମ୍ ଅବଧି ୫୦ ରୁ ୧୨୪ ଘଣ୍ଟାକୁ ବୃଦ୍ଧି କରାଯାଇଛି । ନିଯୁକ୍ତିଦାତାମାନେ ସେମାନଙ୍କ ସୁବିଧା ଅନୁଯାୟୀ ଶ୍ରମିକମାନଙ୍କୁ ବ୍ୟବହାର କରିପାରିବେ । ସରକାର କହିଛନ୍ତି ଯେ ଶ୍ରମିକଙ୍କ ସ୍ୱାର୍ଥ ପାଇଁ ଏତେ ବଡ ପଦକ୍ଷେପ କେବେ ନିଆଯାଇ ନାହିଁ । ସ୍ୱାଧୀନତା ପରେ କୋଟି କୋଟି ଅସଂଗଠିତ ଶ୍ରମିକଙ୍କ ପାଇଁ ଏହି ପଦକ୍ଷେପ ଅଦୃଶ୍ୟ ଅଟେ । ଏହି ନିୟମରେ ୪୦ କୋଟି ଅସଂଗଠିତ କ୍ଷେତ୍ର କର୍ମଚାରୀଙ୍କୁ ସାମାଜିକ ସୁରକ୍ଷା ସଂହିତା ଅଧୀନରେ ଅଣାଯାଇଛି । କିନ୍ତୁ ଯଦି କେହି ଜଣେ ପ୍ରକୃତ ପରିସ୍ଥିତିକୁ ଦେଖିବ, ତେବେ ସେ ବୁଝି ପାରିବେ ସରକାର କଣ ଚାହୁଁଛନ୍ତି । ସାମାଜିକ ସୁରକ୍ଷା ଯୋଗାଇବା ଘୋଷଣା ପ୍ରକୃତରେ ଏହା ଯୋଗାଇବା ସହିତ ସମାନ ନୁହେଁ । କାରଣ ଏହା ସମସ୍ତଙ୍କୁ ଜଣା ସଂଗଠିତ ପଞ୍ଜୀକୃତ ସଂଗଠନର ପଞ୍ଜୀକୃତ ଶ୍ରମିକଙ୍କ ବ୍ୟତୀତ ଅନ୍ୟ କେହି ଶ୍ରମ ଆଇନର ପରିସର ପାଇବେ ନାହିଁ । ସେହି ସୁଯୋଗ ପାଇବାକୁ ହେଲେ ଏକ ଲିଖିତ ନିଯୁକ୍ତି ଚୁକ୍ତି ରହିବା ଆବଶ୍ୟକ ।

ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ ଦେଶରେ ୭୯ ପ୍ରତିଶତ ଶ୍ରମିକଙ୍କର କୌଣସି ଲିଖିତ ଚୁକ୍ତି ନାହିଁ । ୭୧ ପ୍ରତିଶତ ଶ୍ରମିକ ପ୍ରାୟତଃ ଆତ୍ମନିର୍ଭରଶୀଳ । ପଞ୍ଜୀକୃତ ସଂସ୍ଥାଗୁଡ଼ିକର ୭୭ ପ୍ରତିଶତରେ କର୍ମଚାରୀଙ୍କ ହାରାହାରି ୟୁନିଟ୍ ପ୍ରତି ୬ । ତେଣୁ ପ୍ରଶ୍ନ ଉଠୁଛି ପ୍ରସ୍ତାବିତ ନୂତନ ଶ୍ରମ ଆଇନର କେଉଁ ବିଭାଗ ଏହି ବହୁ ସଂଖ୍ୟକ ଅଣସଂରକ୍ଷିତ ସଂଖ୍ୟାଲଘୁ ଶ୍ରମିକଙ୍କୁ ଉପକୃତ କରିବ ? ଏହି ଆଇନର ସବୁଠାରୁ ଉଦ୍ଦାମ ଦିଗ ହେଉଛି ଆଇନଟି ମାଲିକମାନଙ୍କ ସପକ୍ଷରେ ଅଛି । ଅନ୍ୟପକ୍ଷରେ ଶ୍ରମିକଙ୍କ ଅଧିକାର ଉଲ୍ଲଂଘନ ହୋଇଛି । ପ୍ରଥମେ ଦେଶର ୪୪ ଟି ଶ୍ରମ ଆଇନ, ବର୍ତ୍ତମାନ ପ୍ରାସଙ୍ଗିକ ନୁହେଁ ବୋଲି ସେଗୁଡ଼ିକୁ ଏକତ୍ର କରି ୨୯ କୁ ହ୍ରାସ କରାଯାଇଛି । ତା'ପରେ ସେହି ନିୟମଗୁଡ଼ିକ ଚାରୋଟି କୋଡ୍ ହୋଇଗଲା ଓ ଗୋଟିଏ ମାମଲାରେ କର୍ପୋରେଟ୍ ସ୍ୱାର୍ଥ ସପକ୍ଷରେ ସମଗ୍ର ବିଷୟର ଦିଗ ପରିବର୍ତ୍ତନ କରାଯାଇଥିଲା । ପୂର୍ବରୁ ଶ୍ରମ ଆଇନର ଉଦ୍ଦେଶ୍ୟ ଶ୍ରମିକମାନଙ୍କର ଅଧିକାର, ସୁରକ୍ଷା, ଦାବି ଓ ସ୍ୱାର୍ଥ ରକ୍ଷା କରିବା ଥିଲା ।

କହିବାକୁ ଗଲେ ବର୍ତ୍ତମାନ ଶ୍ରମ ଆଇନ ଶିଳ୍ପ ବିସ୍ତାର ପାଇଁ କର୍ପୋରେଟ୍ ପଦକ୍ଷେପ ଅନୁଶାସନର । ପ୍ରସ୍ତାବିତ ନୂତନ ଶ୍ରମ ଆଇନର ସମସ୍ତ ବର୍ଗର ଶ୍ରମିକ ଓ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା କରିବାକୁ କୌଣସି ସୁବିଧା ନାହିଁ । ଯେକୌଣସି ପରିସ୍ଥିତିରେ ୧୦ ରୁ କମ୍ ଶ୍ରମିକ ନିଯୋଜିତ କାରଖାନାଗୁଡ଼ିକରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ସଂକେତରୁ ବାଦ ପଡ଼ିଛନ୍ତି । ତେବେ ଦେଶର ୬୩ ନିୟୁତ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ୭୭ ପ୍ରତିଶତ ହାରାହାରି ୬ ଜଣ ଶ୍ରମିକଙ୍କ ସହିତ ଚାଲିଛନ୍ତି । ଅର୍ଥାତ୍ ସାଧାରଣ ଶ୍ରମିକମାନଙ୍କ ବିଷୟରେ ଚିନ୍ତା କରାଯାଉନଥିଲା । ଘରର ଚାକରାଣୀ ପରି ଅସଂଗଠିତ ଶ୍ରମିକମାନଙ୍କୁ ରଖା ଯାଇନଥିଲା । ପ୍ରସ୍ତାବିତ ଶ୍ରମ ସଂହିତା ଅନୁଯାୟୀ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀମାନଙ୍କ କ୍ରମାଗତ ପାଞ୍ଚ ବର୍ଷ ସେବା ସମାପ୍ତ ହେବା ପରେ ଗ୍ରାଚ୍ୟୁଇଟି ପାଇବାକୁ ଯୋଗ୍ୟ ହେବେ ।

ଯଦି ଜଣେ ଏହା ପୂର୍ବରୁ କାମ କରିବାକୁ ଯାଆନ୍ତି ତେବେ ଶ୍ରମିକ କିମ୍ବା କର୍ମଚାରୀ ଗ୍ରାଚ୍ୟୁଇଟିରୁ ବଞ୍ଚିତ ହେବେ କି ? ନୂତନ ଆଇନରେ ମାସିକ ବେତନର ୫୦ ପ୍ରୋଭିଡେଣ୍ଟ ପାଣ୍ଠିକୁ ଯାଏ, ଯାହା ଷ୍ଟକ୍ ମାର୍କେଟରେ ଏକ ରାଉଣ୍ଡଆଉଟରେ ବିନିଯୋଗ ହେବ । କର୍ମଚାରୀଙ୍କ ଦେୟ ଅନିଶ୍ଚିତ ଷ୍ଟକ୍ ମାର୍କେଟ ନିବେଶକୁ ଯିବ । ସମ୍ପ୍ରତି ଉନ୍ନତ ଜ୍ଞାନକୌଶଳ (କୃତ୍ରିମ ବୁଦ୍ଧି ଓ ତଥ୍ୟ ବିଜ୍ଞାନ) ବ୍ୟବହାର କରି ଜୀବନ୍ତ ଶ୍ରମିକମାନଙ୍କୁ ରୋବଟ୍ ସହିତ ବଦଳାଇବାକୁ ଚେଷ୍ଟା କରାଯାଉଛି । କାର୍ଯ୍ୟ ସମୟ ଓ ସାମାଜିକ ସୁରକ୍ଷା ହ୍ରାସ କରି ଶ୍ରମିକମାନଙ୍କର ଜୀବନଶୈଳୀକୁ ଉନ୍ନତି ଆଣିବା ପାଇଁ ପ୍ରସ୍ତାବିତ ଶ୍ରମ ଆଇନରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଶ୍ରମିକଙ୍କ ଦୈନିକ ଦରମା ସ୍ଥିର ହୋଇଛି । କିନ୍ତୁ କୁହାଯାଉଛି ଯେ ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ସର୍ବନିମ୍ନ ମଜୁରୀକୁ ଆହୁରି ହ୍ରାସ କରିପାରିବେ ।

ନୂତନ ନିୟମ ଅନୁଯାୟୀ, ଯଦି ଶ୍ରମିକମାନଙ୍କୁ ସେମାନଙ୍କ ମଜୁରୀ କିମ୍ବା ବୋନସ ଦିଆଯାଉନଥାଏ, ତେବେ ମାଲିକଙ୍କ ବିରୋଧରେ ଅପରାଧିକ ମାମଲା ଦାୟର କରିବାର ଅଧିକାର ନାହିଁ । ଚୁକ୍ତିଭିତ୍ତିକ ଶ୍ରମିକ ସଂଗଠନ ଓ ମୁଖ୍ୟ ନିଯୁକ୍ତିଦାତାମାନେ ଚୁକ୍ତିଭିତ୍ତିକ ଶ୍ରମିକମାନଙ୍କ କାରଣରୁ ମଜୁରୀ ପାଇଁ ଆଇନଗତ ଭାବେ ଦାୟୀ । ବେତନ କୋଡ୍ (୨୦୨୦) ଟ୍ରେଡ୍ ୟୁନିଅନ୍ ଆକ୍ଟ, ୧୯୨୬ ଇଣ୍ଡଷ୍ଟ୍ରିଆଲ୍ ଏମ୍ପ୍ଲଏମେଣ୍ଟ ଆକ୍ଟ, ୧୯୪୬ ବିବାଦ ଅଧିନିୟମ, ୧୯୫୬ କୁ ମିଶାଇ ପ୍ରସ୍ତୁତ କରାଯାଇଥିଲା । କେନ୍ଦ୍ରୀୟ ପ୍ରଣାଳୀ, କେନ୍ଦ୍ରୀୟ ଷ୍ଟାଣ୍ଡିଂ ଅର୍ଡର ଓ କେନ୍ଦ୍ରୀୟ ନିୟମ - ଏହି ଚାରୋଟି ଗୁରୁତ୍ୱପୂର୍ଣ୍ଣ 'ନିୟମ' ପ୍ରାୟତଃ ରଦ୍ଦ ହୋଇଯାଇଛି । ସମସ୍ତ କାର୍ଯ୍ୟ ନୂତନ ବ୍ୟବସ୍ଥାରେ ଅସ୍ଥାୟୀ ହେବ । ସ୍ଥିର-ଅବଧି ରୋଜଗାରର ଅର୍ଥ ହେଉଛି ନିଯୁକ୍ତିଦାତା ସହିତ ଏକ ଲିଖିତ ଚୁକ୍ତି ଆଧାରରେ ଶ୍ରମିକ ଏକ ସ୍ଥାୟୀ-ଚାକିରି ପାଇବେ । କାର୍ଯ୍ୟ (୨୦୨୦) ରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଂକେତ ପ୍ରବର୍ତ୍ତିତ ୫୦ଟି ଗୁରୁତ୍ୱପୂର୍ଣ୍ଣ ନିୟମକୁ ରଦ୍ଦ କରି ପ୍ରବର୍ତ୍ତିତ ହୋଇଛି । ଏହା ମାଧ୍ୟମରେ ସର୍ବନିମ୍ନ ସ୍ୱାସ୍ଥ୍ୟ, ପରିବେଶ ଓ ବୃତ୍ତିଗତ ସୁରକ୍ଷା ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଛଡ଼ାଇ ନେବାକୁ ଚେଷ୍ଟା କରାଯାଇଛି ।

ଅତଏବ ଅର୍ଥନୀତିର ଏହି ଗରିବ ଅବସ୍ଥାରେ ବର୍ତ୍ତମାନର କେନ୍ଦ୍ର ସରକାର ଏକ ନୂତନ ଶ୍ରମ ସଂକେତ ପ୍ରବର୍ତ୍ତନ କରି କର୍ପୋରେଟ୍ ପୁଞ୍ଜିକୁ ଅଧିକ ଲାଭ ପ୍ରଦାନ କରିବାକୁ ଚାହୁଁଛନ୍ତି । ସ୍ୱାଧୀନତାର ୭୫ ବର୍ଷରେ ଦେଶର ଶ୍ରମିକମାନଙ୍କ ପାଇଁ ଏହା ଏକ ଉତ୍ତମ ଉପହାର ପ୍ରସ୍ତୁତି ପୁସ୍ତକ ନୁହେଁ କି..???

ର ଅଧକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ଦୂରଭାଷ: ୯୦୪୦୧୫ ୧୪୭୫

## ସ୍ମୃ ତି ଶ ତ ଦ ଳ ୨୮୫

# ଗ୍ରେସଫୁଲ ଟ୍ରେସି



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
(ମୋ) -୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନରେ କେତୋଟି ସ୍ମୃତି ଏମିତି କାରୁଣ୍ୟରେ ପରିପୂର୍ଣ୍ଣ ହୋଇ ରହିଥାଏ ଯେ, ଚେଷ୍ଟାକଲେ ମଧ୍ୟ ଭୁଲି ହୁଏ ନାହିଁ । କିଛି ସ୍ମୃତିକୁ ରୋଂମଥନ କଲେ ଖୁସି ଲାଗିଥାଏ, ଆଉ କିଛି ସ୍ମୃତି ଏତେ ଯନ୍ତ୍ରଣା ଦାୟକ ହୋଇଥାଏ ଯେ, ମନରେ କେବଳ ରେଖାପାତ କରେନାହିଁ ତା' ସାଙ୍ଗେ ସାଙ୍ଗେ ଗଭୀର କ୍ଷତ ଚିହ୍ନଟିଏ ମଧ୍ୟ ସୃଷ୍ଟି କରିଥାଏ । ସେତିକିବେଳେ ମନେ ପଡିଥାଏ ଉତ୍କଳମଣି ଗୋପବନ୍ଧୁଙ୍କର କବିତା-

ସ୍ମୃତି ତ କେବେ ହେଁ ନୁହେଁ ଫିଙ୍ଗିବାର/ ପାରିଲେ ଫିଙ୍ଗି ବା' ଲଭନ୍ତି ନିସ୍ତାର ।

ଏସ.ସି.ବି ମେଡିକାଲ କଲେଜରେ କାମ କଲାବେଳେ ସବୁ କାମ ସାରି ଲଞ୍ଚ ପାଇଁ ଆସୁ ଆସୁ ଡେରି ହୋଇଯାଏ । ଥରେ ଦିନ ୨ଟା ବାଜିଗଲାଣି ଆମେ ଦୁହେଁ ହସପିଟାଲରୁ ଲିଙ୍କରୋଡ ଘରକୁ ଫେରୁଚୁ ହଠାତ୍ ବାଦାମବାଡି ଛକ ଆଗକୁ ଖୁବ୍ ଭିଡ ହୋଇଯାଇଥିଲା । ଆମେ ପ୍ରାୟ ପାଲାମଣ୍ଡପ ପାଖକୁ ଆସିଲାବେଳକୁ ଦୁଇପଟେ ଟ୍ରକ ଓ ବସ ଠିଆ ହୋଇଯାଇଥିଲା ଏବଂ ଅନେକ ଲୋକ ରାସ୍ତା କଡରେ ଜମି ଯାଇଥିଲେ । ଡାକ୍ତରବାବୁ ଗାଡିର ଝରକା କାଚ ଟେକି ପଚାରିଲେ "ଏମିତି ଭିଡ କାହିଁକି ? କେଉଁଠି କ'ଣ ହେଲା ।" ଜଣେ ରିକ୍ସାବାଲା ଆସି କହିଲା ଆଜ୍ଞା ଡାକ୍ତର ବାବୁଙ୍କର ଆଲସେସିଆନ କୁକୁରଟି ଚେନରୁ ଫିଟିଯାଇ ବୁଲୁଛି ଏବଂ ଗେଟ୍ ମଧ୍ୟ ଖୋଲା ଅଛି । ତେଣୁ କେହି ରାସ୍ତା ପାରି ହୋଇ ଘର ଆଗକୁ ଯାଉନାହାନ୍ତି । ଆମ ମନରେ ଆତଙ୍କ ସୃଷ୍ଟି ହେଲା । ଆମେ ଗୋଟିଏ ଛୋଟ ଆଲସେସିଆନ କୁକୁରକୁ ପିଲାଦିନୁଁ ପାଳିଥିଲୁଁ ତା' ନାଁ 'ଭିକ୍ଟର' । କ୍ରମେ କ୍ରମେ ସେ ବଡ ହୋଇ ମହାବଳ ବାଘ ଭଳି ହୋଇଗଲା । କେବେହେଲେ ତାକୁ ଖୋଲା ଛଡାଯାଏନି କିନ୍ତୁ ଆମ ହସପିଟାଲ ଯାଇଥିବା ବେଳେ ଆମେ ଘରେ ବଗିଚା କାମ କରୁଥିବା ଲୋକଟି ମୁଣ୍ଡରେ ଠେକା ବାନ୍ଧି ବ୍ୟାଗଟିଏ ଧରି ଘରୁ ବାହାରକୁଗଲା । ତାକୁ ଚୋର ବୋଲି ଭାବି ଭିକ୍ଟର ଚେନ୍ ଛିଡାଇ ଭୁକି ଭୁକି ତା'ପଛରେ ଦଉଡିଲା । ଆମର କୁକ୍ ତାକୁ ଶତ ଚେଷ୍ଟା ସତ୍ତ୍ୱେ ବାନ୍ଧି ପାରିଲା ନାହିଁ । କିନ୍ତୁ ତାକୁ ଦେଖି ସମସ୍ତେ ଛାନିଆ ହୋଇ ଦଉଡିଲେ । ଶେଷରେ ଘରେ ଆମେ ପହଞ୍ଚିଲା ପରେ ରମାରମଣ ତାକୁ ଆଣି ତା' ବେକରେ ଚେନ ଲଗାଇ ଦେଲେ ଏବଂ କିଛି ସମୟ ଆଉଁସି ଦେଲାପରେ ତା' ରାଗ ଟିକେ ଥମିଗଲା । ସବୁବେଳେ ସେମାନଙ୍କର ରାଗ ସିନା ବେଶୀଥାଏ କିନ୍ତୁ ଅସମ୍ଭବ ଭାବରେ ସେମାନେ ମାଲିକମାନଙ୍କର ଅନୁଗତ । ପ୍ରତିଦିନ ସନ୍ଧ୍ୟାରେ କାରର ପଛ ସିଟରେ ବସି ସେ ଥଣ୍ଡା ପବନରେ ଅଧଘଣ୍ଟା ବୁଲି ଘରକୁ ଫେରେ ।

ସେ ଗଲାପରେ ଟ୍ରେସିର କାନ୍ଦ ଓ ଲୁହ ଗଡାଇବା ଦେଖି ଆମ ହୃଦୟ ଭିତର ମଧ୍ୟ କରତି ହୋଇଗଲା । ସେ ତା' ରହିଥିବା ଘର ଭିତରକୁ ଯାଇଁ ଚଟା କୁ ରାମ୍ପୁଡି ପକାଇଲା, ଘର ଘର ବୁଲି ଖୋଜିଲା ଭୁକିଲା ଓ ଲୁହ ଗଡାଇ କାନ୍ଦିଲା । ଆମେ ଆଶ୍ଚର୍ଯ୍ୟ ହୋଇଗଲୁ ପଶୁମାନଙ୍କ ଭିତରେ ମଧ୍ୟ ଏତେ ପ୍ରେମ ଏତେ ଭଲ ପାଇବା ଥାଏ ।

ତା' ସାଙ୍ଗରେ ଆଉ ଗୋଟିଏ ଫିମେଲ ବ୍ରିଡ ଆମକୁ ଆଣିବାକୁ ପଡିଲା ଯାହାର ନାଁ "ଟ୍ରେସି" । ଆମେ ଘରେ ଏକାଥିବା ବେଳେ ମତେ ଓ ଝିଅକୁ ଟ୍ରେସି ଜଗିକରି ବସିଥାଏ । କ୍ରମେ କ୍ରମେ ଭିକ୍ଟର ଓ ଟ୍ରେସି ମଧ୍ୟରେ ବନ୍ଧୁତା ବଢିଗଲା, କାରଣ ସେମାନେ ଏକାଠି ଖାଉଥିଲେ ଏବଂ ଏକାଠି ମଧ୍ୟ ବନ୍ଧା ହେଉଥିଲେ । ମଝିରେ ଭିକ୍ଟରର ଦେହ ଖୁବ୍ ଖରାପ ହୋଇଗଲା । ସେମାନଙ୍କର ଦେହ ଖରାପର ପ୍ରଥମ ଲକ୍ଷଣ ହେଲା ଅଚିହ୍ନା ଲୋକଙ୍କୁ ଦେଖିଲେ ମଧ୍ୟ ସେମାନେ ଆଦୌ ଭୁକନ୍ତି ନାହିଁ ; ଖାଲି ଜଳଜଳ କରି ଅସହାୟ ଭାବରେ ଅନାଇଥାନ୍ତି । ତେଣୁ ଭିକ୍ଟର ପାଖକୁ ଗଲେ କି ଆଉଁସି ଦେଲେ ସେ ଭୁକେ ନାହିଁ । ଆଖିରୁ ଲୁହ ଗଡାଇଦିଏ । ଭିକ୍ଟରର ଚିକିତ୍ସା ଆମେ ଗୋଟିଏ ମଣିଷର ଚିକିତ୍ସା କଲା ଭଳି କରିଥିଲୁ । ସାଲାଇନ୍ ଲଗାଇବାଠାରୁ ଆରମ୍ଭ କରି ଆଣ୍ଟିବାଇଓଟିକସ ବ୍ଲଡ ପରୀକ୍ଷା ଯଥା ସିବିସି, ୟୁରିଆ କ୍ରିଆଟିନିନ୍ ଆଦି । ତାକୁ ବଡ ବଡ ଭେଟେରିନାରୀ ସର୍ଜନକୁ ମଧ୍ୟ ଦେଖେଇଥିଲୁଁ । କିନ୍ତୁ ଏ ସବୁ ସତ୍ତ୍ୱେ ୧୧ ଦିନ ପରେ ସେ ଜୀବନ ହରାଇଥିଲା । ଆମେ ସମସ୍ତେ ସେ ଦିନଟି ଖାଇପାରିନଥିଲୁ ତା' ବିନା ।

କିନ୍ତୁ ସେ ଗଲାପରେ ଟ୍ରେସିର କାନ୍ଦ ଓ ଲୁହ ଗଡାଇବା ଦେଖି ଆମ ହୃଦୟ ଭିତର ମଧ୍ୟ କରତି ହୋଇଗଲା । ସେ ତା' ରହିଥିବା ଘର ଭିତରକୁ ଯାଇଁ ଚଟା କୁ ରାମ୍ପୁଡି ପକାଇଲା, ଘର ଘର ବୁଲି ଖୋଜିଲା ଭୁକିଲା ଓ ଲୁହ ଗଡାଇ କାନ୍ଦିଲା । ଆମେ ଆଶ୍ଚର୍ଯ୍ୟ ହୋଇଗଲୁ ପଶୁମାନଙ୍କ ଭିତରେ ମଧ୍ୟ ଏତେ ପ୍ରେମ ଏତେ ଭଲ ପାଇବା ଥାଏ ।

ଏ ବକ୍ତବ୍ୟର ଉପସ୍ଥାପନା କରିବା ଅର୍ଥ ହେଉଛି ମଣିଷମାନଙ୍କର ଦାମ୍ପତ୍ୟ ପ୍ରେମଠାରୁ ଆହୁରି ନିବିଡ ଏମାନଙ୍କର ଭଲ ପାଇବା । ବେଦୀରେ ହୋମ ଓ ମନ୍ତ୍ର ଉଚ୍ଚାରଣ ପରେ ସ୍ୱାମୀ ସ୍ତ୍ରୀ ଅଗ୍ନି ପ୍ରଦକ୍ଷିଣ କଲାପରେ ସାତଜନ୍ମ ଯାଏଁ ଏକାଠି ରହିବାର ପ୍ରତିଜ୍ଞା ନେଇଥାନ୍ତି । କିନ୍ତୁ ସାତବର୍ଷ କ'ଣ ସାତମାସ ମଧ୍ୟରେ ମତାନ୍ତର ମନାନ୍ତରରେ ପରିଣତ ହୋଇଯାଏ ନା' ସମ୍ମାନ ନା ସମର୍ପଣ ଭାବ ନା' ସହନଶୀଳତା ନା ସହିଷ୍ଣୁତା କିଛି ବୋଲି କିଛି ର ମୂଲ୍ୟ ରହେନାହିଁ । ଆଜିକାଲିର ଦାମ୍ପତ୍ୟ ଜୀବନରେ ସ୍ନେହ ନୁହେଁ ସ୍ପେସ୍ ଦରକାର କିନ୍ତୁ ଏଇ ସ୍ନେହ ଗୃହ ପାଳିତ ପଶୁମାନଙ୍କଠାରୁ ମଧ୍ୟ ଆମର ଅନେକ କିଛି ଶିଖିବାର ଅଛି । ଏବେ ମଧ୍ୟ ଭିକ୍ଟର ଓ ଟ୍ରେସି ଙ୍କ ମଧ୍ୟରେ ଥିବା ଅନାବିଳ ଭଲ ପାଇବା କଥା ମନେ ପଡିଲେ ଆଖି ଛଳଛଳ ହୋଇଯାଏ ଓ କଣ୍ଠ ବାଷ୍ପାରୁଦ୍ଧ ହୋଇଯାଏ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ-(୧୯)

# ମାଆ



ମୂଳ ମରାଠୀ :
ଉତ୍ତମ କାମ୍ବଳେ






ଅନୁସୃଜନ:
ନନ୍ଦିତା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମାଆ ଆଉ କିଛି ପ୍ରଶ୍ନ କଲାନି । ସିଏ ଚୁପ୍ ହୋଇଗଲା । କିନ୍ତୁ ତାକୁ ସ୍କୁଲରେ ଛାଡ଼ିବାକୁ ଯିବାର ଓ ଆଣିବାକୁ ଯିବାର ସର୍ତ୍ତ ସିଏ ରଖିଲା ମୋ ଆଗରେ । ମୁଁ ସେ ସର୍ତ୍ତରେ ରାଜି ହୋଇଗଲି । ଦ୍ୱିପ୍ରହରରେ ଖେଳ ଛୁଟିରେ ଯାଇ ତାକୁ ଟିଫିନ୍ ଖୁଆଇବାର ସର୍ତ୍ତ ବି ସିଏ ରଖିଥିଲା । ହେଲେ ମୁଁ ତାକୁ ନାମଞ୍ଜୁର କରି ଦେଇଥିଲି ।

ଚାର୍ବାକ୍‌ର ସ୍କୁଲ ଆରମ୍ଭ ହେଲା ପରେ ମାଆ ଗାଁକୁ ଚାଲିଗଲା । ଦୀପାବଳୀରେ ସିଏ ପୁଣି ମୋ ଘରକୁ ଆସିଲା । ସେତେବେଳକୁ ଚାର୍ବାକ୍‌ର ମନ ସ୍କୁଲରେ ଲାଗି ଯାଇଥିଲା । ବଡ଼ବଡ଼ ଗୀତର କିଛି କିଛି ପଂକ୍ତି ଥିଲା ତାର ଓଠରେ । ସିଏ ୱାନ୍ ଟୁ କହୁଥିଲା । ଏ.ବି.ସି.ଡ଼ି କହିବା ବି ଆରମ୍ଭ କରି ଦେଇଥିଲା । ମାଆ ଯେବେ ଗାଁରୁ ଫେରିଲା ଚାର୍ବାକ କଣ କଣ ସବୁ ଶିଖିଛି ଜାଣିବା ପାଇଁ ତା ମନ ବ୍ୟାକୁଳ ହୋଇ ଉଠୁଥିଲା । ସିଏ ଚାର୍ବାକକୁ ନିଜ ନିକଟକୁ ଟାଣି ନେଲା । "ମୋ ସୋନ୍ୟା... ମୋ ସୋନ୍ୟା କହି ତାକୁ ଗେଲକଲା । ତାକୁ କ୍ରମାଗତ ଭାବରେ ଚୁମା ଦେଇ ଚାଲିଥିଲା ସିଏ । ନିଜର ଲମ୍ବା ଆଙ୍ଗୁଠିକୁ ମୋଡି ତା ଗାଲରେ ଛୁଆଁଇ ନିଜର ଖୁସି ଜଣେଇଲା । ତାକୁ କୋଳକୁ ନେଲା । ଖୁବ୍ ଆତୁର ହୋଇ କହିଲା "ସୋନ୍ୟା, ମୁଁ ଗାଁକୁ ଯିବା ପରେ ତୁ ସ୍କୁଲରେ କଣ ସବୁ ଶିଖିଲୁ ମୋତେ କହିଲୁ । ଚାର୍ବାକ୍ କହିଲା "ୱାନ୍, ଟୁ, ଥ୍ରୀ, ଫୋର୍, ପାଇଭ୍..." ମାଆ କହିଲା " ଆଉ କଣଶିଖିଛୁ ?

ସିଏ: ଏ,ବି,ସି,ଡ଼ି,ଇ,ଏଫ୍,ଜି...

ମା: ଆଉ କଣ ?

ସିଏ: ଜାନି, ଜାନି ୟେସ୍ ପାପା, ଇଟିଂ ସୁଗାର ନୋ ପାପା

ମା: ଆଉ...

ସିଏ: ରେନ୍ ରେନ୍ ଗୋ ଆୱେ....

ମା: ଆଉ...

ସିଏ: ଟ୍ୱିଙ୍କଲ୍ ଟ୍ୱିଙ୍କିଲ୍ ଲିଟିଲ୍ ଷ୍ଟାର୍...

ଆଉ ଆଉ... ପଚାରି ପଚାରି ମାଆର ନିଶ୍ୱାସ-ପ୍ରଶ୍ୱାସ ଖର ହେବାକୁ ଲାଗିଥିଲା । ଚାର୍ବାକ୍ ଅନର୍ଗଳ କହି ଚାଲିଥିଲା । ଆଉ ସେସବୁ ଶୁଣି ମାଆ ନିଜକୁ ଧନ୍ୟ ମଣୁଥିଲା । ସିଏ ଚାର୍ବାକ୍‌କୁ ଛାତିରେ ଜାକି ଧରି ଚୁମ୍ବନ କଲା । "ନିଜର ବାପା ଠାରୁ ବି ଅଧିକ ବୁଦ୍ଧିମାନ ହୁଅ । ଖୁବ୍ ପାଠପଢ..." । ଏଇ ଆଶୀର୍ବାଦ ଦେଇ ସାରି ମାଆ ମୋ ଆଡ଼କୁ ବୁଲିଯାଇ କହିଲା "କଣରେ, ଦେଖୁଛୁ ତ କେମିତି ଡଗଡଗ ହୋଇ କହିଯାଉଛି ସବୁକିଛି । ହେଲେ ନିଜ ଭାଷାରେ କାହିଁକି କହୁନି ?

"ନିଜର ଭାଷା ମାନେ ?"

"ଆରେ ନିଜ ଭାଷାରେ ମାନେ ଆମେ ଯେଉଁ ଭାଷାରେ କଥା ହେଉଛୁ ସେଇ ଭାଷା ।"

"ମାଆ, ସିଏ ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢୁଛି ।"

"ହଁ କଣ ହୋଇଗଲା ସେଇଠୁ ? ମାତୃଭାଷାରେ କଥା ହେବା ଉଚିତ୍ କି ନୁହେଁ ?"

"ସିଏ ସେଇ ଭାଷାରେ ବି କଥା କହିବ ।"

"ମୁଁ ଗୋଟେ କଥା କହିବି ? ଛୁଆ ଜନ୍ମ ହେଲା ପରେ ତାକୁ ମାଆର କ୍ଷୀର, ମାଆର ଭାଷା ଆଉ ମାଆର କୋଳ ମିଳିବା ଉଚିତ୍ । ତାହେଲେ ଶୈଶବ ଶୀଘ୍ର ଆସିଥାଏ ।

"ମାଆ ଏବେ ବଦଳି ଯାଉଥିବା ପରିସ୍ଥିତି ଉପରେ ବି ଚିନ୍ତା କରିବା ଉଚିତ୍ ।

"ଇଏ ପୁଣି କେମିତି ପରିସ୍ଥିତିରେ ବାବା, ଯାହା ଛୁଆକୁ ମାଆର ଭାଷା ବି କହିବାକୁ ଦିଏ ନାହିଁ ।"

"ମାଆ ଏବେ ତୁ ଟିକେ ଚୁପ୍ ରହିବୁ କି ?"

" ନରହି ଆଉ କଣ କରିବି ଯେ ? ତୋଅରି ପାଖରେ ତ ରହିବାର ଅଛି ନା । ତୁ ଯାହା କହିବୁ ମାନିବାକୁ ହେବ ।"

"ମାଆ ତୁ ସତକୁ ସତ ଟିକେ ଚୁପ୍ ରହିବୁ କି ? ଏମିତି ଦେଖେଇ ଶିଖେଇ କଥା କହିବା ଦୟାକରି ଟିକେ ବନ୍ଦ କରିବୁ କି ?"

"ଛାଡ଼ରେ ବାବା, ମୁଁ ଯାହାବି କହିବି ତୋତେ ସେ କଥା ବଙ୍କାଟେଢା ଆଉ ଖରାପ ଲାଗିବ । ଆଖିରେ ଯେଉଁ ରଙ୍ଗର ଚଷମା ଥାଏ ନା ଦୁନିଆଁ ସେଇ ରଙ୍ଗର ଦେଖାଯାଏ । "ଚାଲ୍‌ରେ ସୋନ୍ୟା ବୁଲିବାକୁ ଯିବା । କୁକୁଡ଼ା ଫାର୍ମ ଯାଇ କୁକୁଡ଼ା ଛୁଆ ଦେଖିବା" ।

ଚାର୍ବାକ୍ ଉଠି ପଡ଼ିଲା ଆଉ ମାଆ ସାଙ୍ଗେ ସାଙ୍ଗେ ଚାଲିବାକୁ ଲାଗିଲା । ସେଇ କୁକୁଡା ଫାର୍ମର କବାଟ ପାଖରେ ଯାଇ ମାଆ ଆଉ ଚାର୍ବାକ୍ ନବସନ୍ତୁ, ମୋତେ ସେମିତି କାହିଁକି ଲାଗୁଥିଲା କେଜାଣି ? ୟା ପଛରେ ଥିବା ବାସ୍ତବ କାରଣ ମୋତେ ଜଣା ନଥିଲା । ମୋ ଉପରେ ଧୀରେ ଧୀରେ କାୟା ବିସ୍ତାର କରୁଥିବା ଷ୍ଟାଟସ୍ ବା ପ୍ରତିଷ୍ଠାର ଅହଂ ଯେ ଏହାର ଏକ କାରଣ ସେ ବିଶ୍ୱାସ ମୋର ଥିଲା । ସତ କହିବାକୁ ଗଲେ ଏହି କାରଣ ଖୁବ୍ ମଜବୁତ ହୋଇଥାନ୍ତା, ହେଲେ ଏଇ କଥାକୁ ସ୍ୱୀକାର କଲାବେଳେ ମାନସିକ ଅନ୍ତର୍ଦ୍ୱନ୍ଦ୍ୱର ସାମ୍ନା କରିବାକୁ ପଡୁଥିଲା । ଏହା ମୋ ମନର ଭୟ ଥିଲା ନା ଆଉ କିଛି ସେ କଥା ବୁଝିବା ପାଇଁ ମୋ ନିକଟରେ କୌଣସି ରାସ୍ତା ନଥିଲା ।

ଚାର୍ବାକ୍ କୁକୁଡ଼ା ଦେଖିବା ପାଇଁ କୁକୁଡା-ଫାର୍ମ ଆଡ଼େ ଯେମିତି ନଯାଏ । ସେଇଥିପାଇଁ ମୁଁ ଗୋଟେ ଉପାୟ କାଢ଼ିଲି । ଯଦି କୁକୁଡ଼ା ସହିତ ଖେଳିବା ପାଇଁ ତାକୁ ଭଲ ଲାଗୁଛି ତେବେ ଗୋଟେ କୁକୁଡ଼ା କିଣି ଘରେ ରଖିଲେ କେମିତି ହେବ ? ମୋର ଫ୍ଲାଟ୍ ଥିଲା ତଳ ମହଲାର ଆଉ ଗୋଟେ କୋଣକୁ । ସାମ୍ନାରେ ଗୋଟେ ଛୋଟ ଅଗଣା ବି ଥିଲା । ଘରେ କୁକୁଡ଼ା ରଖିଲେ ଅନ୍ୟମାନଙ୍କର ଅସୁବିଧା ହେବାର ବି ଚିନ୍ତା ନଥିଲା ।

ବଜାର ଯାଇ ଗୋଟେ ଭଲ ଦେଶୀ କୁକୁଡ଼ା କିଣି ଆଣିଲି । ତାର ପାଦରେ ବାନ୍ଧିବା ପାଇଁ ସୁତୁଲି କିଣିଲି । କୁକୁଡ଼ା କିଣିକରି ଯେତେବେଳେ ମୁଁ ଘରକୁ ଆସିଲି, ତାକୁ ଦେଖି ମାଆ ମୁଣ୍ଡ କୋଡି ହେଲା । "ଆରେ... ତାକୁ କୁକୁଡ଼ା ଭଲ ଲାଗୁଛି ବୋଲି କୁକୁଡ଼ା କିଣି ଆଣିଲୁ, କାଲିକି ଯଦି ବାଘ ଭଲ ଲାଗିବ ତେବେ କଣ ବାଘ କିଣି ଆଣି ଘରେ ରଖିବୁ ? ପିଲାମାନଙ୍କୁ ଏତେ ଗେହ୍ଲା କରିବା ଅନୁଚିତ୍ । ଏମିତି କଲେ ପିଲାମାନେ ବିଗିଡ଼ି ଯାଆନ୍ତି । ଯାଆ ଯାହା ପାଖରୁ କୁକୁଡ଼ା ଆଣିଥିଲୁ ତାକୁ ଫେରେଇ ଦେଇ ଆସ ।

ମୁଁ କହିଲି "ଏବେ ସେମିତି କରିବା ଆଉ ସମ୍ଭବ ନୁହେଁ । ମୁଁ କୁକୁଡ଼ା କିଣିକି ଆଣିଛି । ମୋତେ କୁକୁଡ଼ା ବିକ୍ରି କରିଥିବା ସେଇ ସ୍ତ୍ରୀ ଲୋକ ଏବେ ଯାଏଁ ବଜାରରୁ ଯାଇ ସାରିଥିବ ।"

ମାଆ- ଆରେ ତୁ ଏତେ ବଡ଼ ସାହେବ, ତୋ ଘରେ କୁକୁଡ଼ା ବନ୍ଧା ହୋଇଥିବାର ଦେଖିଲେ ଲୋକମାନେ କଣ କହିବେ ?

ମାଆ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏକରେ ମୁଁ ନିଜର ମାନ ସମ୍ମାନର ଚିନ୍ତା ନିଜେ କରୁଛି । ଆଉ ସେଇ ଆତ୍ମପ୍ରତିଷ୍ଠାକୁ ବଞ୍ଚେଇବାକୁ ଯାଇ କୁକୁଡ଼ା ବି କିଣି ଆଣିଲି । ମୋ ମନରେ ଏଇପରି ଗୋଟେ ବିଚାର ଘର କରି ସାରିଥିଲା । ଠିକ୍ ଅଛି । ହେଲେ ଏବେ ଆଉ କୁକୁଡ଼ାକୁ ଛାଡ଼ିବା ସମ୍ଭବ ନୁହେଁ । ସୁତୁଲୀର ଗୋଟେ ପଟକୁ ମୁଁ କୁକୁଡ଼ାର ଗୋଡ଼ରେ ବାନ୍ଧିଦେଲି । ଦିନେ /ଦୁଇ ଦିନ ଘରେ ବୁଲିବା ପରେ ସିଏ ଘରୋଇ ହୋଇଗଲା । କୁକୁର ଆଉ ବିଲେଇଙ୍କ ଆକ୍ରମଣରୁ ତାକୁ ରକ୍ଷା କରିବାର ଏକ ନୂଆ ଦାୟିତ୍ୱ ଏବେ ଆରମ୍ଭ ହୋଇ ଯାଇଥିଲା ।

ଚାର୍ବାକ୍ ନିଜ ହାତରେ ବାଡ଼ି ନେଇ ବସି ଯାଉଥିଲା । ସବୁଠାରୁ ମଜା କଥା ହେଲା କୁକୁଡ଼ାକୁ ସୁରକ୍ଷା ଦେବା ପାଇଁ ସିଏ ଗୋଟେ ବାଡ଼ି କିଣିଥିଲା । କୁକୁଡ଼ାକୁ ରାତିରେ ଘୋଡ଼େଇ ରଖିବା ପାଇଁ ଗୋଟେ ବଡ଼ ଡାବଲ ଆଣିଥିଲୁ । ଚାର୍ବାକର ସେଇ କୁକୁଡ଼ା ସହିତ ଭଲ ଭାବଦୋସ୍ତି ହୋଇଯାଇଥିଲା । ସ୍କୁଲ ଯିବା ସମୟରେ ସିଏ ତାକୁ ଟା'ଟା' କହୁଥିଲା ଆଉ ସ୍କୁଲରୁ ଫେରି ଦୌଡୁଥିଲା ତା ପାଖକୁ । ଏଇ ସବୁ ଘଟଣାକ୍ରମ ଭିତରେ ମୋ ମନରେ ଗୋଟେ ନୂଆ ପ୍ରଶ୍ନ ଉଙ୍କି ମାରିଲା । ଇଲେକ୍‌ଟ୍ରୋନିକ୍ ଖେଳନା ଖେଳିବାର ଯୁଗରେ ପୁଅକୁ ଗୋଟେ କୁକୁଡ଼ା ସହିତ ଖେଳିବାକୁ ଦେଇ ମୁଁ ତାକୁ ଆଉ ପଛୁଆ ବା ଯୁଗ ଅନୁପଯୋଗୀ କରି ଦଉନାହିଁ ତ ? କୁକୁଡ଼ା ସହିତ ଖେଳି ତାକୁ କଣ ମିଳିବ ? ଜ୍ଞାନ ଆହରଣ କରିବାର ରାସ୍ତା ସେଇ ବୈଜ୍ଞାନିକ ଖେଳନା ମଧ ଦେଇ ପ୍ରାପ୍ତ ହେବ କି କୁକୁଡ଼ାର କୁକୁଡୁ ....କୁ ମଧ୍ୟ ଦେଇ.... ଏକ ନୂତନ ଦ୍ୱନ୍ଦ ଆସି ଉଭା ହୋଇଥିଲା ମୋ ସାମ୍ନାରେ । ମୁଁ କଣ କରିବି କିଛି ବୁଝି ପାରୁନଥିଲି ।

ଦିନେ ଖଟ ଗୋଡ଼ରେ ବନ୍ଧା ହୋଇଥିବା କୁକୁଡ଼ାକୁ ଘର ଭିତରୁ ବାହାର କବାଟ ପାଖକୁ ନେଇ ଆସିଲି । ସତ କଥା କହିବାକୁ ଗଲେ ତାକୁ ଏମିତି ବାହାରକୁ ଆଣିବାର କୌଣସି ଆବଶ୍ୟକତା ନଥିଲା । ଏମିତି କରିବା ଦ୍ୱାରା ଏଇ ଗାଉଁଲି ଖେଳ ସାରା ଦୁନିଆକୁ ଜଣା ପଡି ଯାଇଥାନ୍ତା । ସୁତୁଲିର ଗୋଟିଏ ପଟକୁ ମୁଁ ଝରକା ରେଲିଂରେ ବାନ୍ଧି ଦେଲି । କୁକୁଡ଼ାଟି ଏମିତି ଅବସ୍ଥାରେ ଦୌଡ଼ାଦୌଡ଼ି କରିବାକୁ ଲାଗିଲା । ତାକୁ କିଛି ଖାଇବାକୁ ଦେବାପାଇଁ ମାଆ ଆଉ ଚାର୍ବାକ୍ ଘର ଭିତରକୁ ଗଲେ । ଟିକେ ସମୟ ପରେ ବାହାରକୁ ଆସିବା କ୍ଷଣି ଗୋଟେ ବୁଲାକୁକୁର ଚଟ୍ କରି ଆସି କୁକୁଡ଼ାକୁ ଝାମ୍ପି ନେଇ ଦଉଡ଼ି ପଳେଇଲା । ମାଆ ଖୁବ୍ ଚିତ୍କାର କଲା । ହେଲେ ସେଇ କୁକୁରଟି ଉଭାନ ହୋଇଗଲା ଆଖି ଆଗରୁ । ଆଉ,... ଶେଷ ହୋଇଗଲା ଚିରଦିନ ପାଇଁ ସେଇ କୁକୁଡ଼ାକୁ ନେଇ ଖେଳ । ଚାର୍ବାକ୍ ଭେଁ ଭେଁ ହୋଇ କାନ୍ଦିଲା । ମାଆ ବି ସୁଁ ସୁଁ ହେଇ ନାକ ପୋଛିଲା । ସେଇ କୁକୁଡ଼ାଟି ଏତେ କମ୍ ଦିନ ଭିତରେ ଘରର ସମସ୍ତଙ୍କୁ ନିଜର କରିନେଇଥିଲା । ହେଲେ ଏବେ ସବୁ କିଛି ଶେଷ ହୋଇଯାଇଥିଲା । ଚାର୍ବାକକୁ ପୁଣି କୁକୁଡ଼ା ଫାର୍ମକୁ ଯିବାର ଅଭ୍ୟାସ ଲାଗିଯାଉ, ମନରେ ଏକ ପ୍ରକାର ଆଶଙ୍କା ରହୁଥିଲା । କିଛିଦିନ ପରେ କୁକୁଡ଼ାକୁ ଟାଣି ନେଇ ଯାଇଥିବା ରାସ୍ତାରେ ର୍ବାକକୁ ଗୋଟେ କୁକୁଡ଼ା ପର ମିଳିଲା । ପୁଣି ଥରେ କୁକୁଡ଼ା ଚର୍ଚ୍ଚାର ବିଷୟ ପାଲଟି ଗଲା । କିନ୍ତୁ ଶିଘ୍ର ସେ କଥା ପୁଣି ସମସ୍ତେ ଭୁଲିଗଲେ । ଚାର୍ବାକ୍‌ର ବୟସ ବି କ୍ରମେ ବଢୁଥିଲା ।

(କ୍ରମଶଃ)

♥ ରାଜଭବନ ଡାକଘର,
ଭୁବନେଶ୍ୱର-୮
(ମୋ) ୮୨୪୯୪୩୭୨୭୬

# ସଡକ ଦୁର୍ଘଟଣାରେ ଆଇନଜୀବିଙ୍କ ପରଲୋକ

ଲଙ୍ଗଳେଶ୍ୱର -୨୯/୪(ନି ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ଆଇନ ଜୀବୀ ପ୍ରାଣକୃଷ୍ଣ ଗିରିଙ୍କ ସଡକ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ଖବର ନେବାରୁ ଜଣା ଯାଉଛି ଗତ କାଲି ବିଳମ୍ବିତ ରାତିରେ ମୃତ ଗିରି ଓ ଲଙ୍ଗଳେଶ୍ୱର ଗ୍ରାମର ପୂର୍ବତନ ସାମରିକ ଅଧିକାରୀ ଅନଙ୍ଗ ସାହୁ ଦୁଇଜଣ ଜଗନ୍ନାଥ ଏକ୍ସପ୍ରେସ ରେ କଲକତାରୁ ଫେରି ଜଳେଶ୍ୱର ଷ୍ଟେସନ ରେ ଓହ୍ଲାଇ ବାଇକ ଯୋଗେ ଘରକୁ ଆସୁଥିଲେ।ରାତି ପ୍ରାୟ ୧୨ଟା ହେବ ରାଜଘାଟ ନିକଟ ଚାଲନ୍ତି ଠାରେ ୬୦ନମ୍ବର ଜାତୀୟ ରାଜପଥରେ ଆସୁଥିବା ବେଳେ ପଛ ପଟୁ ଡି ୩୩ ଇ ୨୪୨୭ ଏକ ଟ୍ରକ ଆସି ଧକ୍କା ଦେବା ଫଳରେ ପ୍ରାଣକୃଷ୍ଣ ଗିରି ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ବାଇକ ଚାଳକ ଅନଙ୍ଗ ସାହୁ ବହୁଦୂର ଘୋଷାରି ହୋଇ ଯାଇ କ୍ଷତ ବିକ୍ଷତ ହୋଇ ଗୁରୁତର ଆହତ ହୋଇଥିଲେ। ଆହତ ଶ୍ରୀ ସାହୁ ଜଳେଶ୍ୱର ହସ୍ପିଟାଲରେ ଚିକିତ୍ସିତ ହେବା ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇ ଚିକିତ୍ସା ହେଉଛନ୍ତି। ଖବର ପାଇ ଜଳେଶ୍ୱର ଥାନା ପୋଲିସ ସବ ବ୍ୟବଚ୍ଛେଦ କରିବାପାଇଁ ପଠେଇଦେଇ ଘଟଣାର ତଦନ୍ତ କରୁଛି। ପ୍ରାଣକୃଷ୍ଣ ଗିରିଙ୍କ ମର ଶରୀର ତାଙ୍କ ଦେମୁରିଆ ଗ୍ରାମ



ବାସଭବନରେ ପହଁଚିବା ପରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ତାଙ୍କ ଶେଷଦର୍ଶନ କରିବାପାଇଁ ପୂର୍ବତନ ସରପଞ୍ଚ ବୈକୁଣ୍ଠ ରାଉତ,ବିଜେଡି ନେତା ବଳରାମ ପ୍ରଧାନ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ରାଜେନ୍ଦ୍ର ଧଳ,ସମିତି ସଭ୍ୟଙ୍କ ପ୍ରତିନିଧି ବିମଳ କୁମାର ଦାସ, ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ଆସିଥିଲେ।

# ବିଷପିଇ ମହିଳାଙ୍କ ଆତ୍ମହତ୍ୟା

ବସ୍ତା,୨୯/୪(ନିପ୍ର) : ବିଷପିଇ ମହିଳାଙ୍କ ଆତ୍ମହତ୍ୟା। ବାଲିଆପାଳ ଥାନା ବେତ ଗାଡିଆ ପଞ୍ଚାୟତ କାଶିପୁର ଗ୍ରାମର ସମ୍ଭୁନାଥ ପଢିଆରୀ ଙ୍କ ସ୍ତ୍ରୀ ସବିତା (୨୭)ଆଜି ସକାଳେ କିଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣା ପଡିଛି। ଆଜି ସକାଳେ ସବିତା ର ପାଟିରୁ ଲାଳ ବହୁଥିବା ର ଦେଖି ପରିବାର ଲୋକେ ପ୍ରଥମେ ପ୍ରତାପପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ବାଲେଶ୍ୱର ସ୍ଥାନାନ୍ତର କରିଥିଲେ । ମାତ୍ର ବସ୍ତା ପାଖାପାଖି ରାସ୍ତାରେ ତାଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିବାରୁ ପରିବାର ଲୋକେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇ ଆସିଥିଲେ। କିନ୍ତୁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ତେବେ ସବିତା କାହିଁକି କିଟନାଶକ ପିଇଥିଲେ ତାର ସ୍ପଷ୍ଟ ସୁଚନା ମିଳି ପାରି ନାହିଁ। ପୋଲିସ ର ତଦନ୍ତ ପରେ ତାହା ଜଣା ପଡ଼ିବ

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ମେ ପହିଲାରୁ ପଛୁଆବର୍ଗ ସର୍ଭେ...

ଧାରା-୨୭ର ସମ୍ପୂର୍ଣ୍ଣ ବିପରୀତ । ଆରଟିଇ ଧାରା-୨୭ ଅନୁଯାୟୀ ଶିକ୍ଷକମାନେ ଦଶବର୍ଷୀୟ ଜନଗଣନା, ବିପର୍ଯ୍ୟୟ ପ୍ରଶମନ କାର୍ଯ୍ୟରେ ସାମିଲ ହୋଇପାରିବେ, ରାଜ୍ୟ ବିଧାନସଭା ବା ସଂସଦ ନିର୍ବାଚନ ଦାୟିତ୍ୱ ଛଡା ଅନ୍ୟ କୌଣସି ଅଣ ଶିକ୍ଷାଦାନ କାର୍ଯ୍ୟରେ ନିୟୋଜିତ ହୋଇପାରିବେ ନାହିଁ । ଏହି ପ୍ରସଙ୍ଗରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ରାଜ୍ୟ ପଛୁଆବର୍ଗ କମିଶନର ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଅଶ୍ୱସ୍ଥୀ.ଏସଙ୍କୁ ଚିଠି ଲେଖି ପ୍ରାଥମିକ ଶିକ୍ଷକଙ୍କୁ ସର୍ଭେରୁ ବାଦ ଦେବାକୁ ଦାବି କରାଯାଇଛି । ତେବେ ରାଜ୍ୟ ସରକାର ୨୦୨୦ ମସିହାରେ ଓବିସି କମିଶନ ଗଠନ କରିଥିଲେ । ପଛୁଆ ବର୍ଗଙ୍କୁ ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ସୁବିଧା ସୁଯୋଗ ଦେବାପାଇଁ ଆସନ୍ତା ମେ ୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ପଛୁଆବର୍ଗ ସର୍ଭେ କରାଯାଉଛି । ତେବେ ପ୍ରାଥମିକ ଶିକ୍ଷକଙ୍କ ଦାବି ପରେ ସରକାର କଣ ନିଷ୍ପତ୍ତି ନେଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି ।

## କେନ୍ଦ୍ର ଜିଏସଟି ପରେ...

ଚଢାଉ ବୋଲି ଚର୍ଚ୍ଚା ହେଉଛି । ଶୁକ୍ରବାର ଦିନ ଯାଜପୁର ଧର୍ମଶାଳା ତହସିଲ ଅଧିନରେ ଥିବା ୧୦ ଖଣି ବେପାରୀଙ୍କ କାର୍ଯ୍ୟାଳୟରେ ରେଡ କରିଥିଲା ସେଣ୍ଟ୍ରାଲ ଜିଏସଟି ଟିମ୍ । କୋଟି କୋଟି ଟଙ୍କାର ଜିଏସିଟି ହେରଫେର କରିଥିବା ନେଇ ଅଭିଯୋଗ ପରେ ସେଣ୍ଟ୍ରାଲ ଜିଏସଟି ଟିମ୍ ଚଢାଉ କରିଛି । କେନ୍ଦ୍ରୀୟ ଜିଏସଟି ଟିମର ୧୦ ଟିମ୍ ଏକା ସାଙ୍ଗରେ ବିଭିନ୍ନ ସ୍ଥାନରେ ଚଢାଉ କରିଥଲେ । ତେବେ ରାଜ୍ୟରେ କେନ୍ଦ୍ର ଓ ରାଜ୍ୟ ଜିଏସଟି ଚଢାଉକୁ ନେଇ ରାଜନୀତି ଜୋର ହୋଇଛି । ନିର୍ବାଚନ ପୂର୍ବରୁ ଏଭଳି ଚଢାଉର ଝଲକ ଦେଖିବାକୁ ମିଳିଥାଏ । ରାଜନୀତିର ପଶାପାଲିରେ ଏହି ରେଡ ଆଗକୁ ତଦନ୍ତକାରୀ ସଂସ୍ଥାର ଗୁରୁତ୍ୱ କମାଇବନି ତ ବୋଲି ଏଠାରେ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଗୋଷ୍ଠୀ କୃଷି ଅଧିକାରୀଙ୍କ ଅବସର ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର ୨୯/୪ (ନି.ପ୍ର): ଆଜି ଜଳେଶ୍ୱର ବ୍ଲକର ଗୋଷ୍ଠୀ କୃଷି ଅଧିକାରୀ ସଂଜୟ କୁମାର ରାଉତ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଏକ ସମ୍ବର୍ଦ୍ଧନା ସଭା କୃଷି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଏଥିରେ ଜଳେଶ୍ୱର କୃଷିଜିଲା ଅଧିକାରୀ ପ୍ରଦୀପ ମହାନ୍ତି ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟଭାର ଗ୍ରହଣ କରିଥିବା ରାଜଲକ୍ଷ୍ମୀ ମହାନ୍ତି, ରାଜକିଶୋର ଦାସ, ଲୁସ୍ନା ସିଂ, କବିତା ସିଂ, ରତିକାନ୍ତ ମହାନ୍ତ, ପଦ୍ମଲୋଚନ ବେହେରା, କମଳ କୁମାର ମାଝି, ସୁମନ୍ତ କିସ୍କୁ ପ୍ରମୁଖ ଗୋଷ୍ଠୀ କୃଷି ଅଧିକାରୀ ଶ୍ରୀ ରାଉତଙ୍କ ପ୍ରଶାସନୀକ ସେବା, କୃଷି ଓ କୃଷକଙ୍କ ଲାଗି ଦରଦ, ଜଣେ ଅଭିଜ୍ଞ ଅଧିକାରୀ, ଉତ୍ତମ ବ୍ୟବହାର ଇତ୍ୟାଦି ସଂପର୍କରେ କହିଥିଲେ।

# ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ପାଳନ

ଭଦ୍ରକ,୨୯/୪(ନିପ୍ର) :ପ୍ରତି ବର୍ଷ ଭଳି ଏପ୍ରିଲ ମାସ ଶେଷ ଶନିବାରକୁ ବିଶ୍ୱପ୍ରାଣୀ ଚିକିତ୍ସା ସଂଘ ଦ୍ୱାରା ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଭାବେ ୨୦୨୦ ମସିହା ଠାରୁ ପାଳନ କରାଯାଉଅଛି। ଚଳିତ ବର୍ଷ ଏହାର ମୁଖ୍ୟ ବାର୍ତ୍ତା ହେଲା " ପ୍ରାଣୀ ଚିକିତ୍ସା ବୃତି କ୍ଷେତ୍ରରେ ବିବିଧତା, ନିରପେକ୍ଷତା ଓ ସମୂହିତାର ବିକାଶ ନିମନ୍ତେ ପ୍ରୋତ୍ସାହିତ କରିବା"। ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ପାଳନ ଅବସରରେ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଭଦ୍ରକ ତରଫରୁ ୨୮ ଓ ୨୯ ତାରିଖ ୨ ଦିନ ଧରି ପାଳନ କରାଯାଇଅଛି। ପ୍ରଥମ ପର୍ଯ୍ୟାୟରେ ତା ୨୮.୪.୨୦୨୩ରିଖ ଦିନ ଶ୍ରୀ ଶ୍ରୀ ଗୋପାଳଜୀ ଗୋଶାଳା, ମଠସାହି, ଭଦ୍ରକ ଠାରେ ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଓ ପ୍ରାଣୀମାନଙ୍କୁ ବିଭାଗ ତରଫରୁ ଫଳ ଓ ସବୁଜ ଘାସ ଖାଇବାକୁ ଦିଆଯାଇଥିଲା। ତିହିଡ଼ି ବ୍ଲକର



କୃତ୍ତିଦାସପୁର ଗ୍ରାମରେ ଏକ ଜିଲ୍ଲାସ୍ତରୀୟ ପ୍ରାଣୀଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦୦ ରୁ ଅଧିକ ପ୍ରାଣୀମାନଙ୍କର ଚିକିତ୍ସା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ତା ୨୯.୪.୨୩ରିଖ ବିଭାଗ ତରଫରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ଜିଲ୍ଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ଶନିମନ୍ଦିର ଛକ ପର୍ଯ୍ୟନ୍ତ ଯାତ୍ରା କରିଥିଲା। ଏହି ରାଲିରେ ବହୁ ସଂଖ୍ୟାରେ ପ୍ରାଣୀପାଳକ, ପ୍ରାଣୀ ଚିକିତ୍ସକ ଓ ପ୍ରାଣୀପ୍ରେମୀ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ। ଏହାପରେ ହୋଟେଲ ବ୍ଲୁ ଭାଇନ ଠାରେ ପ୍ରାଣୀଚିକିତ୍ସକ ଓ ଚାଷିମାନଙ୍କର ଏକ ସମାବେଶ ଆୟୋଜନ କରାଯାଇଥିଲା। ଏଥିରେ ରାଜ୍ୟସ୍ତରୀୟ ବିଶ୍ୱପ୍ରାଣୀ ଚିକିତ୍ସା ଦିବସ କାର୍ଯ୍ୟକର୍ମର ସିଧାପ୍ରସାରଣ କରାଯାଇଥିଲା। ଏହି ଉତ୍ସବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ଶୁଭେନ୍ଦୁ କୁମାର ମିଶ୍ର, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼. ଭବାନୀଶଙ୍କର ମହାପାତ୍ର ଯୋଗ ଦେଇଥିଲେ ଏବଂ ବହୁ ସଂଖ୍ୟାରେ ଜିଲ୍ଲାର ପ୍ରାଣୀ ଚିକିତ୍ସକମାନେ ଉପସ୍ଥିତ ରହି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସର ଆଭିମୁଖ୍ୟ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ସମାଜକୁ ପ୍ରାଣୀ ଏବଂ ପ୍ରାଣୀ ଚିକିତ୍ସକମାନଙ୍କର ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଏଥିରେ ଡ଼. ଚନ୍ଦ୍ରଶେଖର ରଥ, ଡ଼. ସୁଶୀଲ କୁମାର ଧଳ, ଡ଼. ଗୋପାଳ ଚରଣ ବଳ ପ୍ରମୁଖ ଜିଲ୍ଲାସ୍ତରୀୟ ପ୍ରାଣୀଚିକିତ୍ସା ଅଧିକାରୀମାନେ ଉପସ୍ଥିତ ଥିଲେ। ଡ଼. ନିର୍ମଳ ଚନ୍ଦ୍ର ବାରିକ୍. ବିଭି.ଓ ବନ୍ତ ଓ ଡ଼ି. ମଧୁସ୍ମିତା ପଣ୍ଡା, ନୋଡ଼ାଲ ଅଫିସର ଏହି ସଭାକୁ ପରିଚାଳନା କରିଥିଲେ। ଶେଷରେ ଡ଼. ନିରାକାର ଜେନା, ବି.ଭି.ଓ ତିହିଡ଼ି ଧନ୍ୟବାଦ ଅର୍ପଣ କରିଥିଲେ।

# କଲିକତାରେ....(ପୃଷ୍ଠା ୩ର ଅବଶିଷ୍ଟାଂଶ)

ସ୍ଥାନେ ସ୍ଥାନେ ପାର୍କ : ଏଠି ସାହି ଭିତରେ ସ୍ଥାନେ ସ୍ଥାନେ ପାର୍କମାନ ରହିଛି। ଚିରନ୍ତନୀ ପାର୍କ, ସୁବାସ ପାର୍କ, ନିଳାନା ପାର୍କ, ଏମିତି ଅନେକ ଛୋଟବଡ଼ ପାର୍କମାନ ଦେଖିବାକୁ ପାଇଲି। ପିଲାମାନଙ୍କ ପାଇଁ ଖେଳ ଏବଂ ବଡ଼ମାନଙ୍କର ବୁଲାଚଲା ପାଇଁ ଏସବୁ ସ୍ଥାନ ବେଶ୍ ପ୍ରାଣକେନ୍ଦ୍ର ସଦୃଶ। ମ୍ୟୁନିସିପାଲିଟି ତରଫରୁ ଏହି ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ମଧ୍ୟ ଠିକ୍‌ଠାକ୍ ହେଉଥିବା ଦେଖାଯାଏ। ଚାରିପାଖରେ ବାଉଣ୍ଡରୀ ଓ ଗେଟ୍। ଭିତରେ ପରିଷ୍କାର ପରିଚ୍ଛନ୍ନ। କେଉଁଠି ବଡ଼ଗଛ ତ କେଉଁଠି ପାର୍ଶ୍ୱରେ ଫୁଲଗଛ ସମାହାର ରହିଛି। ଅବଶ୍ୟ ଟିକିଏ ବର୍ଷା ହେଲେ, ସ୍ଥାନେ ସ୍ଥାନେ ପାଣି ଜମିଯାଇ ଏହି ପାର୍କସବୁ ଦୁର୍ଗମ ହୋଇଯାଏ। କଲିକତା ସହରର ମଧ୍ୟଭାଗରେ ଥିବା ବିରାଟ ମୈଦାନ ଦେଖିଲେ ମନେହୁଏ ଏ ସହରର ମୂଳଦୁଆ ପକାଇଥିବା ନେତୃବୃନ୍ଦ ଭବିଷ୍ୟତର ଶହେ ବର୍ଷ ପର୍ଯ୍ୟନ୍ତ ଜନକଲ୍ୟାଣର କଥା ଚିନ୍ତା କରିଥିଲେ। ଯେଉଁଠି ସେଇଠି ବସ୍ତି ଗଢ଼ି ଉଠିବା ବୋଧେ ଆମ ଓଡ଼ିଶାର ଭୁବନେଶ୍ୱର ସହରରେ ଅଧିକ ହେଉଛି। ଆମର ଏଇ ସହରରେ ଯେଉଁଆଡ଼େ ଚାହିଁବେ, ଖାଲି ଘର ଆଉ ଘର। ପାର୍କ ପାଇଁ, ବଗିଚା ପାଇଁ ଯାଗା ଛାଡ଼ିବାକୁ ଆଗ୍ରହ ନାହିଁ।

ସ୍ୱାଧୀନତା ପରେ ପତନ :

ଆମ ଦେଶ ସ୍ୱାଧୀନତା ଲାଭ କରିବା ପରେ ଦେଶ ସାରା ସାମଗ୍ରିକ ବିକାଶ ହୋଇଛି। ଗ୍ରାମାଞ୍ଚଳର ଶ୍ରୀବୃଦ୍ଧି ହୋଇଛି। ମାତ୍ର କଲିକତା କ୍ଷେତ୍ରରେ ତା'ର ଓଲଟା ଫଳ ଦେଖାଯାଇଛି। ଦେଶ ବିଭାଜନ ହେବାଫଳରେ ପୂର୍ବ ବଙ୍ଗର ଲକ୍ଷ ଲକ୍ଷ ଶରଣାର୍ଥୀ ଏହି ସହରରେ ଭରିଗଲେ। ଖାଲ ଢ଼ିପ, ରାସ୍ତା କଡ଼, ଗଳିକନ୍ଧି ସବୁଠି ରହିଗଲେ ଏହି ଦୁଃସ୍ଥ ପରିବାର ବର୍ଗ। ଏମାନଙ୍କୁ ନେଇ ଦଣ୍ଡକାରଣ୍ୟରେ ପୁନର୍ବାସ କଲୋନୀ କରାଗଲା, ମାତ୍ର ସେମାନଙ୍କ ଭିତରୁ ଅନେକ କଲିକତା ଫେରିଆସିଲେ। ଦୁର୍ଭାଗ୍ୟକୁ ଏହି ଶରଣାର୍ଥୀମାନେ ବିଭାଜନର ମୂଳକାରଣଟି (ଦୁର୍ବଳ ହିନ୍ଦୁ ସମାଜ) ଭୁଲିଯାଇ, ନ୍ତବିଶ୍ୱର ଶ୍ରମିକ ଏକ ହୁଅନ୍ତ ନାରାନେଇ କମ୍ୟୁନିଷ୍ଟ ଦଳର ପ୍ରଚାରରେ ଲାଗିପଡ଼ିଲେ। ଏମାନଙ୍କ ଭିତରୁ ବାହାରିଲେ କାନୁ ସାନ୍ୟାଲ, ପ୍ରମୋଦ ଦାସଗୁପ୍ତ, ଚାରୁ ମଜୁମଦାର ଏବଂ ଜ୍ୟୋତି ବସୁଙ୍କ ପରି ନେତୃମଣ୍ଡଳୀ। ଏହି ଭୁଲ୍ ଦର୍ଶନ ଆଧାରିତ ଶାସନ କଳ ଫଳରେ କଲିକତା ଆଗେଇବା ବଦଳରେ ପଛେଇବାରେ ଲାଗିଲା। କମ୍ୟୁନିଷ୍ଟ ଶାସନରେ ଅତିଷ୍ଠ ହୋଇ ବଙ୍ଗଳାବାସୀ ମମତା ଦିଦିଙ୍କୁ ଶାସନ ଗାଦିରେ ବସାଇଥିଲେ। ମାତ୍ର ହାୟ! ସେ ବିକାଶର ଚିନ୍ତା ଭୁଲିଯାଇ ନିଜର ଗାଦି ମଜବୁତ କରିବାରେ ଲାଗିଲେ, କଳେ ବଳେ କଉଶଳେ। ହିନ୍ଦୁ ବିରୋଧି ତତ୍ତ୍ୱକୁ ମୁଣ୍ଡରେ ବସାଇ ଗୋଟିଏ ପରେ ଗୋଟିଏ ନିର୍ବାଚନରେ ଜିତି ଶାସନ ଡ଼ୋରିକୁ ହାତରେ ରଖିଲେ। ରାଜ୍ୟର ଶିକ୍ଷାକ୍ଷେତ୍ର, ସ୍ୱାସ୍ଥ୍ୟକ୍ଷେତ୍ର, ରାସ୍ତାଘାଟ ଏବଂ ଶିଳ୍ପ ସବୁ ଅଣଦେଖା ହେଲା। ଏବେ ଅବଶ୍ୟ ଏହି ପୁରାତନ ସହରରେ ଦେଶଭକ୍ତିର ଲହର ଦେଖିବାକୁ ମିଳିଲାଣି। ଚାରିଆଡ଼େ ଜୟ ଶ୍ରୀରାମର ନାରା, ବନ୍ଦେ ମାତରମ୍‌ର ନାରା ଶୁଣାଯାଉଛି। ବଙ୍ଗ ପ୍ରଦେଶରେ କମ୍ୟୁନିଷ୍ଟ ବିଚାର ଓ କଂଗ୍ରେସର ବିଚାର ଧିମା ପଡ଼ିଗଲାଣି। ଯେଉଁଦିନ ପଦ୍ମଫୁଲର ମହକରେ ଏଇ ପ୍ରଦେଶର ଜନଗଣ ପୂର୍ଣ୍ଣମାତ୍ରାରେ ଆକୃଷ୍ଟ ହେବେ ସେଦିନ କଲିକତା ସହର କେବଳ ପୂର୍ବ ଭାରତରେ ନୁହେଁ ସାରା ଭାରତରେ ନିଜର ବିଜୟ ପତାକା ଉଡ଼ାଇ ଚାଲିବ।

ଶେଷରେ ଏତିକି କହିବି କଲିକତାର ଜୟ ହେଉ, ବଙ୍ଗବାସୀଙ୍କର ମଙ୍ଗଳ ହେଉ, ଭାରତମାତାର ଜୟ ହେଉ। ଆଉ ମୋର କଲିକତା ଯିବା ଆସିବା ଏହିପରି ଚାଲିଥାଉ।

+୦୨, ଜ୍ୟୋତି ଏନ୍‌କ୍ଲେଭ
ଲକ୍ଷ୍ମୀ ବିହାର, ସୈନିକ ସ୍କୁଲ, ଭୁବନେଶ୍ୱର-୭୫୧୦୦୫
ମୋ.-୮୮୯୫୫୨୩୫୬୧

**ବାଲ୍ୟ ବିବାହ ରୋକିବା ପାଇଁ ସଚେତନତା ସବୁଠୁ ବଡ଼ ମାଧ୍ୟମ**

# ଅକ୍ଷୟ ତୃତୀୟା ଉପଲକ୍ଷେ ବିବାହ ରୋକିବା ପାଇଁ ଜିଲ୍ଲାସ୍ତରୀୟ ସଚେତନତା ବୈଠକ

ଭଦ୍ରକ,୨୯/୪(ନିପ୍ର) :ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଜରିଆରେ ଭଦ୍ରକ ବ୍ଲକ ସମ୍ମିଳନୀ କକ୍ଷରେ ବାଲ୍ୟ ବିବାହ ନିରାକରଣ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଅକ୍ଷୟ ତୃତୀୟା ତିଥିରେ କେତେକ କ୍ଷେତ୍ରରେ ସାମୂହିକ ବାଲ୍ୟ ବିବାହ ଘଟଣା ନେଇ ପୂର୍ବରୁ ଦୃଷ୍ଟାନ୍ତ ଥିବାରୁ ଏହି ଅବସରରେ ବାଲ୍ୟ ବିବାହ ରୋକିବା ନେଇ ସରକାରୀ ନିର୍ଦ୍ଦେଶମତେ ସଚେତନତା ସପ୍ତାହ ପାଳନ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲା ସ୍ତରୀୟ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଦେବରାଜ ପାଣିଗ୍ରାହୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ମହିଳା ସୁରକ୍ଷା ଅଧିକାରୀ ଚନ୍ଦ୍ରା ସାହୁଙ୍କ ମଞ୍ଚ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଂଶୀଧର ସିଂ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ




ପ୍ରମୁଖ ଏହି ବୈଠକରେ ଯୋଗ ଦେଇ ବାଲ୍ୟ ବିବାହ ଯୋଗୁଁ ପରିବାରର ସମାଜରେ କିପରି ଅଶେଷ କ୍ଷତି ସାଧନା ହେଉଛି, ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାରେ ବାଧକ ସାଜୁଛି ଏବଂ ଏହାର ନିରାକରଣ ପାଇଁ ସଚେତନତା ଓ ବାଲ୍ୟ ବିବାହ ରୋକିବା ପାଇଁ ସଂପୃକ୍ତ ବିଭାଗୀୟ ସମନ୍ୱୟତାର ଆବଶ୍ୟକତା କିପରି ଜରୁରୀ ସେ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ମଧ୍ୟ ଏହି ବୈଠକରେ ଉପସ୍ଥିତ ରହି ବାଲ୍ୟ ବିବାହ ନିଷେଧ ପାଇଁ ହାଇସ୍କୁଲ ପିଲାଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ସମ୍ବନ୍ଧରେ ପ୍ରକାଶ କରିଥିଲେ। ବାଲ୍ୟ ବିବାହ ନିଷେଧ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ସଂଯୋଜକ ଅସୀମ ଅମିତାଭ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଜିଲ୍ଲାରେ ବାଲ୍ୟ ବିବାହ ନିରାକରଣ ପାଇଁ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସବିଶେଷ ସୂଚନା ରଖିଥିଲେ। ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଗଠନ ନେଇ ରହିଥିବା ଧାର୍ଯ୍ୟ ଲକ୍ଷ୍ୟ ପୁରଣ ପାଇଁ ବାଲ୍ୟ ବିବାହ ମୁକ୍ତ ଗ୍ରାମଘୋଷଣା ପାଇଁ ଥିବା ବିଧି ବ୍ୟବସ୍ଥା ସମ୍ବନ୍ଧରେ ମଧ୍ୟ ଉପସ୍ଥାପନ କରିଥିଲେ। ଗ୍ରାମସଭା ମାନଙ୍କରେ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନ କରାଯିବା ପାଇଁ ମତ ପ୍ରକାଶ ପାଇଥିଲା। ବାଲ୍ୟ ବିବାହ ନିଷେଧ ସଚେତନତା ନେଇ ରେଡ଼ିଓ ବୁଲବୁଲ୍ ଜରିଆରେ ପ୍ରସାର କରାଯାଉଥିବା ବିଜ୍ଞାପନ ବୈଠକରେ ପରିବେଷଣ କରାଯାଇଥିଲା। ସଂପୃକ୍ତ ବିଭାଗୀୟ ଅଧିକାରୀ, ସିଡ଼ିପିଓ, ଶିଶୁଯତ୍ନ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତା ପ୍ରଭୃତି ଏହି ବୈଠକରେ ଯୋଗ ଦେଇଥିଲେ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ବାଲେଶ୍ୱର,୨୯/୪(ନିପ୍ର) : ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ପରିସରରେ ଶନିବାର ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରାଣୀଧନ ଭିତ୍ତିକ ବ୍ୟବସାୟକୁ ପ୍ରୋତ୍ସାହନ ଦେବାରେ ପ୍ରାଣୀ ଚିକିତ୍ସାଳୟର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଏନେଇ ଜିଲା ପ୍ରାଣୀଧନ ଚିକିତ୍ସା ବିଭାଗ ସହ ସମନ୍ୱୟ ରଖି ଉଦ୍ୟୋଗୀମାନେ ବ୍ୟବସାୟକୁ ଆଗକୁ ନେବା ପାଇଁ ଜିଲାପାଳ ଶ୍ରୀ ଶିନ୍ଦେ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରାଣୀଧନ ଚିକିତ୍ସା ବିଭାଗ ଉପ-ନିର୍ଦ୍ଦେଶକ ଡାକ୍ତର ସଦାଶିବ




ମହାପାତ୍ର ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଣୀଧନଙ୍କୁ ରୋଗମୁକ୍ତ ରଖିବାରେ ପ୍ରାଣୀ ଚିକିତ୍ସକଙ୍କ ସମେତ ସହଯୋଗୀ ଅଧିକାରୀ ଓ କର୍ମଚାରୀଙ୍କ ଦାୟିତ୍ୱବୋଧତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବାଲେଶ୍ୱର ଲିଡ ବ୍ୟାଙ୍କ ମ୍ୟାନେଜର ବିଶ୍ୱଜିତ ଶତପଥୀ ଓ ଜଳଛାୟା ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠୀ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲାମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ବନମାଳି ସାହୁ ଏଥିରେ ସଭାପତିତ୍ୱ କରିବା ସହିତ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡାକ୍ତର ଅଜିତ କୁମାର ସାମଲ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲାର ଏକାଧିକ ଗୋ-ସେବା କେନ୍ଦ୍ରଙ୍କୁ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ରିଆତି ପ୍ରଦାନ କରାଯାଇଥିଲା। ଏହା ସହିତ ଉଲେଖନୀୟ ସେବା ପ୍ରଦାନ ପାଇଁ ଶ୍ରେଷ୍ଠ ବ୍ଲକ ପ୍ରାଣୀଧନ ଚିକିତ୍ସା ଅଧିକାରୀ, ପ୍ରାଣୀଧନ ସହାକାରୀ ଶଲ୍ୟ ଚିକିତ୍ସକ ଓ ପ୍ରାଣୀଧନ ନୀରିକ୍ଷକଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିବର୍ଷ ଏପ୍ରିଲ ମାସ ଶେଷ ଶନିବାର ବିଶ୍ୱ ପ୍ରାଣୀଧନ ଚିକିତ୍ସା ଦିବସ ପାଳିତ ହୋଇଥାଏ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**SRI AUROBINDO PURNANGA SHIKSHYA NIKETAN (SAPSN)**

**At/Po- Chhamauj, Via-Jaleswar,**
**Dist- Balasore, Mob- 9437532022**

## Admission Notice

**S.A.P.S.N,** Chhamauj, Jaleswar, Balasore- 756032 (One residential School) has invited applications from parents in primary class (Class-1) for Both Boys and Girls. For free Admission of weaker &; disadvantage group **25%** of total seat reserved for them as per the **RTE norms**. Parents from SC, ST & SEBC categories with BPL holders can be apply with proper evidence within **20th May-2023.**

**Principal**
**SAPSN, Chhamauj**

# ନୀଳଗିରି ଏନ.ଏସି.ରେ କୋଡିନେଟର ନିଯୁକ୍ତିରେ ଅନିୟମିତତା ଅଭିଯୋଗ

ନୀଳଗିର,୨୯/୪(ନିପ୍ର) : ନୀଳଗିରି ଏନ.ଏ.ସିରେ ୧୩ଗୋଟି ୱାର୍ଡର ୧୩ଟି କୋଡ଼ିନେଟର ପଦବୀ ପାଇଁ ଗତ ୧୦.୧୨.୨୨ରିଖରେ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞାପ୍ତି ପ୍ରକାଶ ପାଇଥିଲା। ପ୍ରତ୍ୟେକ ୱାର୍ଡରେ ଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ କମ୍ପ୍ୟୁଟର ଶିକ୍ଷା ଥାଇ ଆବେଦନ କରିବା ସହ ଗୋଷ୍ଠୀର ସମସ୍ତ ନଥି ପତ୍ର ସଠିକ୍ ଥିବ ଆବଶ୍ୟକ ବୋଲି ବିଜ୍ଞପ୍ତିରେ ଜାରି କରାଯାଇଥିଲା। ପରେ ୧୩ଟି ୱାର୍ଡର ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟା ଗତ ଜାନୁଆରୀ ୨ ତାରିଖରେ ନିଜ ନିଜର ଆବେଦନ ପତ୍ରଦାଖଲ କରିଥିଲେ। ୪ନଂ. ୱାର୍ଡର ଜଗନ୍ନାଥ ମହିଳା ଗୋଷ୍ଠୀ ପକ୍ଷରୁ ସ୍ମୃତିରେଖା ଦାସ ସମସ୍ତ ନଥିପତ୍ର ସହ ଆବେଦନ କରିଥିଲେ। ଆବେଦନ ତାରିଖକୁ ବାରମ୍ବାର ଘୁଂଚାଇ ଦିଆଯାଉଥିବା ବେଳେ ଶେଷରେ ମାର୍ଚ୍ଚ ମାସରେ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ସ୍ମୃତିରେଖା ଦାସ ସ୍ନାତକତର ସାର୍ଟିଫିକେଟ, କମ୍ପ୍ୟୁଟରରେ ପିଜିଡିସିଏ ସହ ହିନ୍ଦିରେ କୋବିଦ ରତ୍ନ ର ସାର୍ଟିଫିକେଟ ଦେବା ସହ ତାଙ୍କ ସଂଘର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ କରାଯାଇଥିବା ବେଳେ ନୀଳଗିରି ଷ୍ଟେଟ ବ୍ୟାଙ୍କ ଶାଖାରୁ ରାଜ୍ୟ ସରକାର ବିନା ସୁଧରେ ୫ଲକ୍ଷ ଟଙ୍କା ପ୍ରାପ୍ତ ହେବା ସହ ସଠିକ୍ ସମୟରେ କିସ୍ତି ପରିଶୋଧ କରିଆସୁଛନ୍ତି। ସମସ୍ତ ନଥିପତ୍ର ସଠିକ୍ ଥିବା ବେଳେ କାର୍ଯ୍ୟାଳୟ ପକ୍ଷରୁ ସ୍ମୃତିରେଖା ଦାସଙ୍କୁ ଡକାଯାଇ ଯାଂଚ ମଧ୍ୟ କରାଯାଇଥିଲା । ଯାଂଚରେ ସଠିକ୍ ଥିବା ବେଳେ କେଉଁ କାରଣରୁ ଶନିବାର ଦିନ ଅନୁଷ୍ଠିତ କମ୍ପ୍ୟୁଟର ପରୀକ୍ଷାରେ ଡକାଯାଇ ନ ଥିଲା ବୋଲି ସ୍ମୃତିରେଖା ଦାସ ଚୟନରେ ଅନିୟମିତତା ହୋଇଥିବା ନେଇ ନୀଳଗିରି ଉପଜିଲ୍ଲାପାଳ, ଏନ.ଏ.ସି. ଅଧ୍ୟକ୍ଷା ଓ ନୀଳଗିରି ସିଡିପିଓ ଙ୍କ ଠାରେ ଅଭିଯୋଗ କରିଛନ୍ତି । ଏନ.ଏ.ସି.ର ସିଏମ.ଏମ. ଶୀବାଜୀ ଦେ ଙ୍କୁ ପଚାରିବାରୁ ଭୁଲବଶତଃ ସ୍ମୃତିରେଖାଙ୍କର କାଗଜପତ୍ର ଯାଂଚ ପାଇଁ ଡକାଇଥିଲୁ । ମାତ୍ର ତାଙ୍କ ସଂଘର ସଠିକ୍ କାଗଜପତ୍ର ନ ଥିଲା ବୋଲି ପ୍ରକାଶ କରିବା ସହ କୌଣସି ଅନିୟମିତତା ହୋଇ ନ ଥିବା ସୂଚନା ଦେଇଛନ୍ତି । ଏପଟେ ସ୍ମୃତିରେଖାକୁ ସଠିକ୍ ନ୍ୟାୟ ନ ମିଳିଲେ ଆଗାମୀ ଦିନରେ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ ସହ ଉଚ୍ଚ ନ୍ୟାୟଳୟରେ ଦ୍ୱାରସ୍ଥ ହେବେ ବୋଲି ସୂଚନା ଦେଇଛନ୍ତି ।

ରବିବାର, ଏପ୍ରିଲ ୩୦, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ମିର୍ଜାପୋଖରୀ ଚନ୍ଦନ ଉତ୍ସବ ଉଦଘାଟିତ

ବାଲେଶ୍ୱର,୨୯।୪(ନି.ପ୍ର): ବିଭିନ୍ନ ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମକୁ ନେଇ ୧୦୫ତମ ମିର୍ଜାପୋଖରୀ ଚନ୍ଦନ ଯାତ୍ରା ଶନିବାର ସଂଧ୍ୟାରେ ଉଦଘାଟିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାଧାକୃଷ୍ଣ ବିଗ୍ରହଙ୍କୁ ମନ୍ଦିରରୁ ଶୋଭାଯାତ୍ରାରେ ଅଣାଯାଇ ଚାପକେଳି କରାଯାଇଥିଲା। ଠାକୁରଙ୍କ ନୌକାବିହାର ଦେଖିବାକୁ ହଜାର ହଜାର ଲୋକେ ପୋଖରୀ ଚାରିପାର୍ଶ୍ୱରେ ରୁଣ୍ଡ ହୋଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ୧୦୫ ବର୍ଷଧରି ପରମ୍ପରାକୁ ଉଜ୍ଜୀବିତ ରଖିବାରେ ଅଞ୍ଚଳବାସୀଙ୍କ ସହଯୋଗକୁ ଶ୍ରୀ ପାଣିଗ୍ରାହୀ ଭୂୟସୀ ପ୍ରଶଂସା କରିଥିଲେ। ଚନ୍ଦନ କମିଟିର ସଭାପତି ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଓ କାର୍ଯ୍ୟକାରୀ ସଭାପତି ତଥା ଆଜିକାଲି ଖବରକାଗଜର ପରିଚାଳନା ସମ୍ପାଦକ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସମେତ ଅଶୋକ କୁମାର ତ୍ରିପାଠୀ, ଚତ୍ତରଞ୍ଜନ ସାମନ୍ତ, ଶ୍ରୀକାନ୍ତ ବୁଗୁଡାଇ, ମନୋଜ କୁମାର ଦାସ ପ୍ରମୁଖ ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ହୋଇ ମିର୍ଜାପୋଖରୀ ଚନ୍ଦନ ଯାତ୍ରାର ବୈଶିଷ୍ଟ ଓ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଶ୍ରମିକ ନେତା ଅରୁଣ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅବିନାଶ ସ୍ୱାଇଁ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମାଣିଖମ୍ବ, ଗୋପାଳଗାଁ, ସୁଏଲପୁର ସମେତ ଆଖପାଖ ଅଂଚଳବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ହେଉଛି ଏହି ଚନ୍ଦନ ଯାତ୍ରା । ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଜନଗହଳି ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

# ପଟ୍ଟାବିହୀନ ବାସିନ୍ଦା ସଂଘର କାର୍ଯ୍ୟକାରିଣୀ ବୈଠକ : ସମସ୍ତ ଭୂମିହୀନଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ଯୋଗାଇ ଦେବାକୁ ଦାବି




ବାରିପଦା,୨୯/୪(ନିପ୍ର) : ସ୍ଥାନୀୟ ୱାର୍ଡ଼ ନମ୍ବର ୩ ରେ ବର୍ଷିୟାନ ଶିକ୍ଷାବିତ ତଥା ବାରିପଦା ପୌରାଞ୍ଚଳ ପଟ୍ଟାବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘର ଏକ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ ସହରରେ ବସବାସ କରୁଥିବା ସମସ୍ତ ପଟ୍ଟାବିହୀନ ବାସିନ୍ଦାଙ୍କୁ ଏଯାଏଁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇ ନଥିବା ଯୋଗୁଁ କ୍ଷୋଭ ପ୍ରକାଶ କରାଯାଇଛି। ଏ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମସ୍ତଙ୍କୁ ଶୀଘ୍ର ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ ନକଲେ ସଂଘ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିଷ୍ପତି ନେଇଛି। ବୈଠକରେ ଯେଉଁ ପଟ୍ଟାବିହୀନ ବାସିନ୍ଦାଙ୍କ ଘର ଏଯାଏଁ ସର୍ଭେ ହୋଇନାହିଁ ସେଗୁଡିକର ସର୍ଭେ କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରି ତାଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବା, ପଟ୍ଟାବିହୀନ ମାନେ ବସବାସ କରୁଥିବା ଜଙ୍ଗଲ ଜମି କିସମକୁ ପରିବର୍ତ୍ତନ କରି ସମସ୍ତଙ୍କୁ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବା, ଯେଉଁମାନଙ୍କ ଘରେ ଷ୍ଟିକର ଲାଗିଥିଲା ସେମାନଙ୍କୁ ଅବିଳମ୍ବେ ଜମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯିବା ପାଇଁ ଦାବୀ କରାଯାଇଛି. ବୈଠକରେ ସାଧାରଣ ସମ୍ପାଦକ କାହ୍ନୁଚରଣ ବେହେରା, ଉପଦେଷ୍ଟା ଅଧ୍ୟାପକ ଗୋପବନ୍ଧୁ, କାର୍ଯ୍ୟକାରୀ ସଭାପତି ଆଡଭୋକେଟ ରବି ଗୋସ୍ୱାମୀ, କୋଷାଧ୍ୟକ୍ଷା ଭାରତୀ ପାତ୍ର, ସହସମ୍ପାଦକ କାଶୀନାଥ ମାହାନ୍ତା, ଜୀବନ ମହାପାତ୍ର, ପ୍ରିୟଜିତ୍ ମଦିନା ଓ ଶ୍ରୀ ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ. ଆଜି ସଭାପତି ଶ୍ରୀ ନନ୍ଦଙ୍କର ଜନ୍ମ ଦିନ ଥିବାରୁ ସମସ୍ତ ସଦସ୍ୟ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇ ଥିଲେ ।

**ଜିଲା ଘୋଷଣା ପାଇଁ ଜଳେଶ୍ୱରର ରାଜନୈତିକ ଦଳ ଓ ସଂଗଠନ ଏକ**

# ଜଳେଶ୍ୱରରେ କମିଟି ଗଠନ, ଖୁବ୍ ଶୀଘ୍ର ଅନ୍ୟ ୩ ବ୍ଲକ : ସଚେତନତା ଲାଗି ଗୁରୁତ୍ୱାରୋପ

ଜଳେଶ୍ୱର ୨୯/୪ (ନି.ପ୍ର): ଜଳେଶ୍ୱରକୁ ଜିଲା ଘୋଷଣା ଲାଗି ଆଜି ରାଜନୈତିକ ଦଳ ଓ ସଂଗଠନ ଗୁଡିକୁ ନେଇ ସମାଜ କଲ୍ୟାଣ ବିକାଶ ଡକାଇଥିବା ବୈଠକରେ ସହମତି ପ୍ରକାଶ ପାଇଛି । ୪ଟି ବ୍ଲକକୁ ନେଇ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଲାଗି ସିଦ୍ଧାନ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଅନ୍ୟ ୩ଟି ବ୍ଲକରେ ଏପରି କାର୍ଯ୍ୟକ୍ରମ ଆରମ୍ଭ ହେବବୋଲି ବୈଠକରେ ସର୍ବସମ୍ମତକ୍ରମେ ସ୍ଥିର ହୋଇଛି । ପୂର୍ବସୂଚନା ଅନୁଯାୟୀ ଆଜି ଅପରାହ୍ନରେ ଭଂଜଶ୍ରୀବିହାର ପରିସରରେ ଜଳେଶ୍ୱର ଜିଲା ଆଲୋଚନା ଲାଗି ବେଅଠକ ଆହ୍ୱାନ ହୋଇଥିଲା । ଏଥିରେ ପୂର୍ବତନ ଅଧ୍ୟକ୍ଷ ତଥା ଉତ୍କଳ ସମ୍ମିଳନୀର ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ଜିଲାର ଆବଶ୍ୟକତା ସଂପର୍କରେ କହିଥିଲେ । ସମାଜ କଲ୍ୟାଣ ବିକାଶ ପରିଷଦର ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଏହି ସଂଗଠନ ୨୦୧୪ ମସିହାରୁ ସବ୍‌ଡିଭିଜନ୍ ଘୋଷଣା ଲାଗି ତତ୍‌କାଳୀନ ରାଜସ୍ୱ ମନ୍ତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିଥିବା ବେଳେ ବିଧାନସଭା ଷ୍ଟାଣ୍ଡିଂ କମିଟି ତାହାକୁ ଗୁରୁତ୍ୱ ଦେଇଥିବାର ପ୍ରମାଣ ଦର୍ଶାଇଥିଲେ । କିନ୍ତୁ ଏବେ ସବ୍‌ଡିଭିଜନ୍ ନୁହେଁ ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତାକୁ ନେଇ ଏକ ଜିଲା ଗଠନର ଆବଶ୍ୟକତା ସଂପର୍କରେ ଦୃଢ଼ ଯୁକ୍ତି ବାଢିଥିଲେ । କାର୍ଯ୍ୟକାରୀ ସଭାପତି ଡ. ରମାକାନ୍ତ ଭଂଜ ସାମ୍ପ୍ରତିକ ସମସ୍ୟାକୁ ଲକ୍ଷ୍ୟ କରି ଜଳେଶ୍ୱର ଜିଲା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଏଥିରେ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ଯୋଗ ଦେଇଥିବାରୁ ସେମାନଙ୍କୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବ୍ଲକ ସଭାପତି ଦିଲ୍ଲିପ ସାମଲ, କଂଗ୍ରେସର ବ୍ଲକ ସଭାପତି ରାଜୀବ ପରିଡା, ବିଜେପିର ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ବଣିକ ସଂଘ ସଭାପତି ସୁଧିର ମହାନ୍ତି, ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସଂପାଦକ କମଳ ଚକ୍ରବର୍ତ୍ତୀ, ବିଶ୍ୱାସ ସଂଗଠନର ମୁଖ୍ୟ ସଂଗ୍ରାମ ପରିଡା ଓ ମେ ଆଇ ହେଲ୍ପ ୟୁ ର ମୁଖ୍ୟ ଜଗନ୍ନାଥ ପରିଡା, ଶିକ୍ଷକ ସଂଘର ମୁଖ୍ୟ କେଶବ ପରିଡା, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ରବିନ୍ଦ୍ର ସେନାପତି, ମନୋଜ ଭୂୟାଁ, ଅବନୀ ଚାନ୍ଦ, ପୂର୍ବତନ ଅଧ୍ୟକ୍ଷ ଜିତରାମ ଦେ, ସିଦ୍ଧେଶ୍ୱର ପଣ୍ଡା, ଡ. ଅଜିତ୍ ମହାନ୍ତି, ଇଂ ରାମଚନ୍ଦ୍ର ସାହୁ, ଶରତ ପରିଡା ପ୍ରମୁଖ ବକ୍ତବ୍ୟ ରଖିଦଳମତ ନିର୍ବିଶେଷରେ ଜଳେଶ୍ୱରର ସାମଗ୍ରୀକ ବିକାଶ ଲାଗି ଜିଲା ଗଠନ ଏକାନ୍ତ ଆବଶ୍ୟକ, ଏଥିଲାଗି ରାଜନୈତିକ ଇଚ୍ଛାଶକ୍ତି ସଂଗଠିତ ଦାବି କରାଯିବା ଉଚିତ୍ । ଏବଂ ଆବଶ୍ୟକ ହେଲେ ଶାନ୍ତିପୂର୍ଣ୍ଣ ସଂଗ୍ରାମ ସଫଳତା ମିଳିପାରିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ଦାସ, ବିନୋଦ ବିହାରୀ ମହାନ୍ତି, ଶ୍ରୀମନ୍ତ ଘୋଷ, ବନମାଳି ଧଳ, ମୂରଲୀ ମୋହନ ପ୍ରଧାନ, ସଚିଦାନନ୍ଦ ମହାନ୍ତି, ରବିନାରାୟଣ ପାତ୍ର, ଦୁର୍ଗାଶଂକର ଗିରି ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ମଧୁଛନ୍ଦା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।




ଓଡିଆ ଚଳଚ୍ଚିତ୍ରର ଜୟନ୍ତୀ ଅବସରରେ ସୀତା ବିବାହ ଦିବସ ପାଳିତ

# ବିଦ୍ୟାଳୟ ନାମରେ ଅପପ୍ରଚାର : କାର୍ଯ୍ୟାନୁଷ୍ଠାନ ଦାବି କଲେ ଅଭିଭାବକ ପରିଚାଳନା କମିଟି


ଖଇରା,,୨୯/୪(ନିପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ର ଅନ୍ୟତମ ଖ୍ୟାତି ସମ୍ପର୍ଣ୍ଣ ଅନ୍ତରା-ମହତୀପୁର ସରକାରୀ ହାଇସ୍କୁଲ ୫-ଟି ରୁପାନ୍ତିକରଣ ଯୋଜନାରେ ସାମିଲ ହେବା ପରେ ଏହାର ସୌନ୍ଦର୍ଯ୍ୟକରଣ ଯଥେଷ୍ଟ ବୃଦ୍ଧି ପାଇଛି । ତେବେ ଏବେ କିଛି ବ୍ୟକ୍ତି ବିଦ୍ୟାଳୟ ନାମରେ ଅପପ୍ରଚାର କରିବା ସହ ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ କରିବାକୁ ନେଇ ପରିଚାଳନା କମିଟି, ଅଭିଭାବକ ଓ ସ୍ଥାନୀୟ ଗ୍ରାମବାସୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପ୍ରଧାନଶିକ୍ଷକଙ୍କ ସହ ବ୍ୟକ୍ତିଗତ ବିବାଦକୁ ନେଇ ପରୋକ୍ଷରେ ବିଦ୍ୟାଳୟକୁ ସମାଲୋଚନା କରାଯିବାକୁ ନେଇ କମିଟି ସଭ୍ୟମାନେ ଖବରଦାତା ସମ୍ମିଳନୀ ମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ଦାସ ଏବଂ ପ୍ରଧାନଶିକ୍ଷକ ଷଡାନନ ପାଣିଗ୍ରାହୀଙ୍କ ଉକ୍ତ ସମ୍ମିଳନୀରେ ବିଦ୍ୟାଳୟର ଗାରିମାକୁ ନଷ୍ଟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଥିଲେ । ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଉଥିବା ବ୍ୟକ୍ତି ଜଣକ ବିଶେଷ କିଛି ଅଧିକାରୀଙ୍କ ନିକଟରେ ଅଭିଯୋଗ କରୁଥିବାରୁ ସମସ୍ତ ଗ୍ରାମବାସୀ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛନ୍ତି। କମିଟି ସଭ୍ୟ ରଶ୍ମିରଞ୍ଜନ ମହାପାତ୍ର, ରଘୁନାଥ ଦାସ, ଅଜିତ କୁମାର ଦାସ,ସୁଧାକର ଗାହାଣ, ରତ୍ନାକର ଶୁକ୍ଳ, ଜ୍ୟୋତିରଞ୍ଜନ ପଣ୍ଡା, ଶ୍ୟାମସୁନ୍ଦର ଜେନା,ମନୋରଞ୍ଜନ ଦାସଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ବିଦ୍ୟାଳୟରେ ଯୋଗ ଦେବା ପରେ ଅନେକ ଉନ୍ନତି ହୋଇଥିବା କଥା ସେମାନେ କହିଥିଲେ ।

# ଅଦ୍ୱିକା / ମୁଁ ଅନନ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ : ବାଲ୍ୟ ବିବାହକୁ ରୋକିବା ପାଇଁ ଅଭିନବ ପ୍ରୟାସ




ଉଦଳା, ୨୯/୦୪ (ନି.ପ୍ର):- ଓଡ଼ିଶା ସରକାରଙ୍କ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ଆୟୋଜନରେ ଚଳିତ ଏପ୍ରିଲ ୨୯ ତାରିଖ ଶନିବାର ଦିନ ଖୁଂଟା ବ୍ଲକର କହ୍ନେଇବନ୍ଧସ୍ଥିତ ଡ଼ି.କେ. ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆ ଠାରେ ସ୍ୱେଚ୍ଛାସେବୀ ସଂଗଠନ ଏକ୍ସନଏଡ୍ ର ନେତୃତ୍ୱରେ ୟୁନିସେଫର ସହଯୋଗରେ 'ଅଦ୍ୱିକା/ ମୁଁ ଅନନ୍ୟା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଉଦଳା, ଖୁଂଟା ଓ ଗୋପବନ୍ଧୁ ନଗର ବ୍ଲକରୁ ଶତାଧିକ କିଶୋରୀ ବାଳିକା ଅଂଶ ଗ୍ରହଣ କରି ବିଭିନ୍ନ ପ୍ରକାର ଖେଳକୁଦରେ ଅଂଶ ଗ୍ରହଣ କରିଥିଲେ । ଏହାଦ୍ୱାରା କିଶୋରୀ ବାଳିକା ମାନେ ନିଜକୁ ସୁସ୍ଥ ସବଳ ରଖିବା ସହିତ ପାଠ ପଢ଼ାରେ ମନନିବେଶ କରିବେ ଓ ବାଲ୍ୟ ବିବାହ ଠାରୁ ଦୁରେଇ ରହିବେ । ଗତ କରୋନା ପର ଠାରୁ ବାଲ୍ୟ ବିବାହ ବହୁଳ ଭାବରେ ବଢ଼ି ଯାଇଥିବାରୁ ଏହାକୁ ବନ୍ଦ କରିବା ପାଇଁ ସରକାରଙ୍କ ତରଫରୁ ଏପରି ଅଭିନବ ପ୍ରୟାସ ଜାରୀ ରହିଥିବାର ଜଣା ଯାଇଛି । ୩ଟି ଯାକ ବ୍ଲକର ଅଙ୍ଗନୱାଡ଼ି କର୍ମୀଙ୍କ ସମେତ ଡ଼ି.କେ. ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମୀ ପ୍ରଶ୍ନୋତ୍ତରୀ ଉନ୍ମୋଚିତ




ବାଲେଶ୍ୱର,୨୯/୪(ନିପ୍ର) : ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଅଧ୍ୟାପକ କମଳାକାନ୍ତ ଦାଶଙ୍କ ପୁସ୍ତକ 'ଶ୍ରୀଜଙ୍ଗ ସ୍ୱାଧୀନତା ସଂଗ୍ରାମୀ ପ୍ରଶ୍ନୋତ୍ତରୀ' ଉନ୍ମୋଚିତ ହୋଇଯାଇଛି । ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଗବେଷକ ଡ. ଶିରୀଶଚନ୍ଦ୍ର ଜେନା, ସମାଜସେବୀ ଶୁଭଙ୍କର ମହାପାତ୍ର, ଅଧିବକ୍ତା ଶରତ କୁମାର ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଶ୍ରୀଜଙ୍ଗକୁ ସ୍ୱାଧୀନତା ଆନ୍ଦୋଳନର ପବିତ୍ର ଯଜ୍ଞସ୍ଥଳୀ ଭାବରେ ଅଭିହିତ କରିବା ସହିତ କମଳାକାନ୍ତ ଦାଶଙ୍କ ପୁସ୍ତକର ଉପାଦେୟତା ସଂପର୍କରେ ଆଲୋଚନା କରିଥିଲେ। ଯୁଗ୍ମସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ଲେଖକ ଅଧ୍ୟାପକ କମଳାକାନ୍ତ ଦାଶ ଲେଖକୀୟ ଅଭିବ୍ୟକ୍ତି ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ଦୀପକ ବୋଷ, ତପନ ରାୟ, ନିବାରଣ ଜେନା, ମମତା ମହାପାତ୍ର, ଅରୁଣା ରାୟ, ଜ୍ୟୋସ୍ନା ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ



ବାଲେଶ୍ୱର,୨୯/୪(ନିପ୍ର) : ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ରାମନବମୀ ତା ୩୦/୩/୨୦୨୩ ରିଖ ଅପରାହ୍ନ ୫ ଘଟିକାରେ ବାମପଦାସ୍ଥ ଜଉକଣ୍ଢେଇ ଗାଁରେ ପବିତ୍ର ତ୍ରିବେଣୀଶ୍ୱର ପୀଠର ମଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ଦ୍ୱାରା ପୂଜା କରାଯାଇ ତ୍ରିବେଣୀ ତୀର୍ଥର ମାଟି ଓ ଜଳକୁ ନେଇ ଯୋଗୀ ନିରଞ୍ଜନ ଗିରି ପହଞ୍ଚିଥିଲେ । ଜଉକଣ୍ଢେଇ ଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ବିଧିରେ ପୂଜା କରାଯାଇ ଆନୁଷ୍ଠାନିକ ଭାବେ ଚଳିତ ବର୍ଷର ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇ ନିର୍ମାଣ ଉଦ୍ ଘାଟନ କରାଯାଇଥିଲା । ଜଉକଣ୍ଢେଇ ବାହାଘର ଉତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ଅଖିଳ ମହିଳା ମାରୁଆଡି ମଞ୍ଚର ସଭାପତି ଅଞ୍ଜୁ ସରାଓଗୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇଥିଲେ । ଆବାହକ ଶିଳ୍ପୀ କେଶୁଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ସଂପାଦକ ଡ. ଗୋପାଲ ଆଭିମୁଖ୍ୟ ଓ ତଥ୍ୟ ପ୍ରଦାନ କରିଥିଲେ । କର୍ମକର୍ତ୍ତା ବ୍ରହ୍ମନାଥ ରଥ, ରାଜେଶ ଗିରି, ରଘୁନାଥ ଲେଙ୍କା, ସୁରେଶ ପାଣିଗ୍ରାହୀ,ଅଜୟ ଆଚାର୍ଯ୍ୟ, ବ୍ୟମନାଥ ରଥ, ମଧୁସୂଦନ ଦାସ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ପୁରସ୍କାର ପ୍ରାପ୍ତ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, ବାମପଦା ଜଉକଣ୍ଢେଇ ପ୍ରଡୁସର ଗ୍ରୁପର ଉଦ୍ୟୋଗ ମିତ୍ର ଫୁଲମଣୀ ସୋରେନ, ସଭାପତି ଅନିତା ସିଂ, ସଂପାଦିକା ଗେହ୍ଲମଣି ମାରାଣ୍ଡି, କାରିଗର ରାକେଶ ବେହେରା, ଅରୁଣ ବାରିକ ସହ ୩୦ରୁ ଊର୍ଦ୍ଧ୍ୱ ଜଉକଣ୍ଢେଇ ଶିଳ୍ପୀ ଯୋଗ ଦେଇଥିଲେ।

# ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ପାଳିତ




ବାରିପଦା,୨୯/୪(ନିପ୍ର) : ଆଜି ୧୭୫ତମ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ସମାରୋହ ଓ ଆଇନଜୀବୀ ଦିବସ-୨୦୨୩ ଜିଲ୍ଲା ଓକିଲ ସଂଘ, ବାରିପଦା ଓ ରାଜ୍ୟ ଆଇନଜୀବୀ ପରିଷଦ, ଓଡିଶାଙ୍କ ମିଳିତ ଆନୁକୂଲ୍ୟରେ ବାରିପଦା ସହିଦ ସ୍ମୃତି ଭବନ ଠାରେ ପାଳିତ ହୋଇ ଯାଇଛି. ଏହି ସମାରୋହରେ ରାଜ୍ୟ ଆଇନଜୀବୀ ପରିଷଦର ପୂର୍ବତନ ଅଧ୍ୟକ୍ଷ ତଥା ସ୍ୱତନ୍ତ୍ର କମିଟିର ସଦସ୍ୟ ଶ୍ରୀଯୁକ୍ତ ମାନସ ରଞ୍ଜନ ମହାପାତ୍ର ଅଧ୍ୟକ୍ଷତା କରି ଥିବା ବେଳେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଶ୍ରୀଯୁକ୍ତ ଦେବବ୍ରତ ଦାଶ ମୁଖ୍ୟ ଅତିଥି ଓ ମାନ୍ୟବର ବିଚାରପତି ଶ୍ରୀଯୁକ୍ତ ଆଦିତ୍ୟ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଆଇନଜୀବୀ ମାନେ ନିଷ୍ଠାପର ଭାବରେ କାମ କଲେ ଏକ ସୁସ୍ଥ ସମାଜର ପରିକଳ୍ପନା ସମ୍ଭବ ହୋଇପାରିବ ଏବଂ ସମାଜର ଦୁସ୍ଥ ଲୋକମାନଙ୍କୁ ଆଇନ ସହାୟତା ସଠିକ ଭାବରେ ସହୃଦୟତାର ଯୋଗାଇ ଦେବା ପ୍ରତ୍ୟେକ ଆଇନଜୀବି ର ନୈତିକ କାର୍ଯ୍ୟ ହେବା ଉଚିତ ବୋଲି କହିଥିଲେ. କାର୍ଯ୍ୟକ୍ରମରେ ଓଡିଶା ପ୍ରଦେଶର ବିଭିନ୍ନ ଓକିଲ ସଂଘର ଆଇନଜୀବୀମାନେ ଯୋଗ ଦେଇଥିବା ବେଳେ ପ୍ରଥମେ ଅତିଥି ମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିଥିଲେ. ଜିଲ୍ଲା ଓକିଲ ସଙ୍ଘ ବାରିପଦାର ସଭାପତି ପ୍ରଦୀପ କୁମାର ରଥ ଏବଂ ସମ୍ପାଦକ ବିପ୍ଳବ ବାରିକ ଏବଂ ଅନ୍ୟମାନେ କାର୍ଯ୍ୟ କ୍ରମ ରେ ଅଂଶ ଗ୍ରହଣ କରିଥିବା ବେଳେ ଏହି ଅବସର ରେ ବହୁ ଆଇନଜୀବୀଙ୍କୁ ସେମାନଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା. ଆଇନଜୀବୀ ବିଭୁ ପ୍ରସାଦ ଦାସ ମଂଚ ପରିଚାଳନା କରିଥିଲେ ।

# କାଳବୈଶାଖୀ ଓ କୁଆପଥର ମାଡରେ ରବିଧାନର ବ୍ୟାପକ କ୍ଷତି : ସହାୟତା ଦାବି

ଜଳେଶ୍ୱର ୨୯/୪ (ନି.ପ୍ର): ଗତ ୨ ଦିନ ତଳେ ହଠାତ୍ ପ୍ରବଳ ଝଡବର୍ଷା ସହିତ କୁଆପଥର ମାଡ ହେବାରୁ ଜଳେଶ୍ୱର ବ୍ଲକର ବିଭିନ୍ନ ପଂଚାୟତରେ ବ୍ୟାପକ କ୍ଷତି ଘଟିଛି । କେବଳ ଗୋପୀମୋହନପୁର ପଂଚାୟତର ୭ଶହ ଏକରରୁ ଅଧିକ ଚାଷ ନଷ୍ଟ ହୋଇଥିବାର ଅଭିଯୋଗ ହୋଇଛି। ୨୭ ତାରିଖ ଅପରାହ୍ନରେ ହଠାତ୍ କଳାହାଣ୍ଡିଆ ମେଘ ସହ କାଳବୈଶାଖୀ ମାଡିଆସିଥିଲା । ତା ସହିତ କୁଆପଥର ମାଡ ହେବାରୁ ଗୋପୀମୋହନପୁର ପଂଚାୟତର ଦିବାକରପୁର, ଚକସାହି, ଗୋପୀମୋହନପୁର, ସରସୀଦା, କଲ୍ୟାଣପୁର, ମହିଁସାମୁଣ୍ଡା ଓ ବାସୁଳିଆ ଗାଁର ପ୍ରା ୭ଶହ ଏକର ଜମିର ଧାନ ନଷ୍ଟ ହୋଇଥିବାର କୃଷିବିଭାଗଠାରେ ଅଭିଯୋଗ କରାଯାଇଛି । ଏହା ସହିତ ଆରୁହା ଓ ବର୍ତ୍ତନା ପଂଚାୟତର କେତେକ ଗାଁରେ ଏପରି କ୍ଷତି ହୋଇଥିବା ଜଣାଯାଇଛି । ସରକାରୀ ଓ ବେସରକାରୀଭାବେ ଧାର କରଜ କରି ଚାଷୀ ରବିଧାନ ଉପୁଜାଇଥିବା ବେଳେ ଏବେ କ୍ଷେତରେ ପାଣିର ଢେଉ ଖେଳୁଛି । ପରିସ୍ଥିତି ଦେଖି ଚାଷୀ ମୁଣ୍ଡରେ ହାତମାରି ବସିଛି । ଚାଷୀ ଅକ୍ଷୟ କୁମାର ଜେନା, ଚିନ୍ତାମଣି ଜେନା, ଅନୁପ ପରିଡା, ଶଶାଙ୍କ ଶେଖର ଜେନା, ସୁରେଶ ଜେନା, ତପନ କୁମାର ଦେ, ମହେନ୍ଦ୍ର ପରିଡା, ବନବିହାରୀ ଦାସଅଧିକାରୀ, ହରେନ୍ଦ୍ର ଜେନା ପ୍ରମୁଖ ଏଥିଲାଗି କ୍ଷତିପୂରଣ ଦାବି କରିଛନ୍ତି । ଘଟଣାସ୍ଥଳ ପରିଦର୍ଶନ କରି କ୍ଷତି ଆକଳନ କରିବାକୁ ସରପଂଚ ସାଗରବେଳା ଜେନା ଓ ସମିତି ସଦସ୍ୟ ଆରତୀ ରାଜ କୃଷିବିଭାଗ ନିକଟରେ ଅନୁରୋଧ କରିଛନ୍ତି ।

# ବାଲାଜି ହନୁମାନ ମଠ ପରିସରରେ ବେଆଇନ ଦୋକାନଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ

ନୀଳଗିରି - ୨୯/୪

ନୀଳଗିରି ଗୁଣ୍ଡିଚ୍ଛ ମନ୍ଦିର ନିକଟରେ ଥିବା ଶ୍ରୀ ବାଲାଜି ହନୁମାନ ମଠ ପରିସରରେ ବେଆଇନ ଭାବେ ନିର୍ମାଣଧୀନ ଦୋକାନଗୃହକୁ ନିର୍ମାଣ ନ କରିବା ସହ ତୁରନ୍ତ କାର୍ଯ୍ୟ ବନ୍ଦ ପାଇଁ ଦେବୋତର ବିଭାଗର ଅତିରିକ୍ତ ସଚିବ ସଂଜୟସୁବ୍ରଜିତ ଆଚାର୍ଯ୍ୟ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ହୋଇଥିବା ସମସ୍ତ ଚୁକ୍ତିନାମାକୁ ବାତିଲ କରାଯାଇଥିବା ବେଳେ ଦୋକାନ ଗୃହର କାର୍ଯ୍ୟ ବନ୍ଦ କରାଗଲା କି ନାହିଁ ବୋଲି ସବିଶେଷ ତଥ୍ୟ ପ୍ରଦାନ ପାଇଁ ନୀଳଗିରି ଏନ.ଏ.ସି. ର କାର୍ଯ୍ୟ ନିର୍ବାହୀ ଅଧିକାରୀ, ତହସିଲଦାର ନୀଳଗିରି, ଏସ.ଡି.ପି.ଓ., ନୀଳଗିରି ଥାନାର ଆଇ.ଆଇ.ସି.ଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo